

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୨ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 02 June 2026
Vol.No. 36 ■ No.144 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଚୂଡାନ୍ତ

## ଶୀଘ୍ର ସ୍ୱାକ୍ଷରିତ ହେବ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଡିଲ



ନୂଆଦିଲ୍ଲୀ,୧/୬ : ଭାରତ-ଯୁକ୍ତରାଷ୍ଟ୍ର ବାଣିଜ୍ୟ ଚୁକ୍ତି ଚୂଡାନ୍ତ । ଶୀଘ୍ର ସ୍ୱାକ୍ଷରିତ ହେବ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟର ପ୍ରଥମ ପର୍ଯ୍ୟାୟ ଡିଲ । ସମସ୍ତ ପ୍ରମୁଖ ପଏଣ୍ଟ ସମାଧାନ ହୋଇସାରିଛି ବୋଲି କହିଛନ୍ତି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୂଷ ଗୋୟଲ। ଏହି ମନ୍ତବ୍ୟ ସେହି ସମୟରେ ଆସିଛି ଯେତେବେଳେ ଏକ ଉଚ୍ଚପଦସ୍ଥ ଯୁକ୍ତରାଷ୍ଟ୍ର ପ୍ରତିନିଧି ଦଳ ନୂଆଦିଲ୍ଲୀ ଆସିଛନ୍ତି ଏବଂ ଆଲୋଚନାର ନୂଆ ରାଉଣ୍ଡ ଆରମ୍ଭ କରିବାକୁ ଯାଉଛନ୍ତି। ଆଜି କେନ୍ଦ୍ରମନ୍ତ୍ରୀ ଗୋୟଲ କହିଛନ୍ତି, ଆମେରିକା ଟିମ୍‌ର କିଛି ସଦସ୍ୟ ପୂର୍ବରୁ ଆସି ସାରିଛନ୍ତି, ଆଉ କିଛି ଆଜି ରାତିରେ ଆସୁଛନ୍ତି । ଆମ ଆଲୋଚନା ଜୁନ୍ ୨, ୩ ଏବଂ ୪ ତାରିଖରେ ନିର୍ଦ୍ଧାରିତ ହୋଇଛି। ଉଭୟ ଦେଶର ନେତାମାନେ ଫେବୃଆରୀ ୩ ତାରିଖରେ ଫ୍ରେମଓ୍ୱାର୍କ ଏଗ୍ରିମେଣ୍ଟ ଘୋଷଣା କରିବେ । ଏହି ଚୁକ୍ତି ଯୁକ୍ତରାଷ୍ଟ୍ରର ନୂତନ ଟ୍ୟାରିଫ୍ ପରିବର୍ତ୍ତନକୁ ମଧ୍ୟ ବିବେଚନାରେ ନିଆଯିବ । ଭାରତରେ ଅବସ୍ଥିତ ଯୁକ୍ତରାଷ୍ଟ୍ର ରାଷ୍ଟ୍ରଦୂତ ସର୍ଜିଓ ଗୋର କହିଛନ୍ତି, ୯୯% ବିବରଣୀ ଫାଇନାଲ୍ ହୋଇସାରିଛି। ମୁଁ ପୂର୍ଣ୍ଣ ଆତ୍ମବିଶ୍ୱାସୀ ଯେ, ଆମେ ଯୁକ୍ତରାଷ୍ଟ୍ର ସହିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଖୁବ୍ ଶୀଘ୍ର ସମାପ୍ତ କରିବୁ। ଏହା ସ୍ୱାକ୍ଷରିତ କରିବା ପରେ ଆହୁରି ବିସ୍ତୃତ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଆରମ୍ଭ କରିବୁ। ଗତ ଦୁଇ ଦଶକରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ମାତ୍ରା ୨୦ ବିଲିୟନ୍ ଡଲାରରୁ ୨୨୦ ବିଲିୟନ୍ ଡଲାରକୁ ବଢ଼ିଛି। ଏହି ବାଣିଜ୍ୟ ଚୁକ୍ତିରେ ମାର୍କେଟ୍ ଆକ୍ସେସ୍, ଟ୍ୟାରିଫ୍, ଆମଦାନୀ ଶୁଳ୍କ, ବାଣିଜ୍ୟ ସୁବିଧା, ନିବେଶ ପ୍ରୋତ୍ସାହନ ଇତ୍ୟାଦି ଉପରେ ଆଲୋଚନା ହେବ।

## ସଂସଦରେ ପୁଣି ଥରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଉପସ୍ଥାପନ କରିବେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୧/୬ : ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ଓ ସୀମା ପୁନଃନିର୍ଦ୍ଧାରଣ ବିଧେୟକ ପୁଣି ଥରେ ସଂସଦରେ ଉପସ୍ଥାପନ ହେବାକୁ ଯାଉଛି। ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଉପରେ ପ୍ରଥମ ଥର ପରାଜୟ ପରେ ଭାରତୀୟ ଜନତା ପାର୍ଟି ଏହାକୁ ପୁଣି ଥରେ ଆଣିବାକୁ ବଡ଼ ଯୋଜନା କରୁଛି ବୋଲି ଜଣାପଡ଼ିଛି । ତେବେ ଏହାକୁ ନେଇ ଅନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନଥିଲେ ମଧ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଓ ତାମିଲନାଡୁରେ ଡିଏମ୍‌କେ ପରି ବଡ଼ ଆଞ୍ଚଳିକ ଦଳମାନଙ୍କ ପରାଜୟ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ବଡ଼ ଯୋଜନା କରାଯାଉଛି। 'ଇଣ୍ଡିଆନ୍ ଏକ୍ସପ୍ରେସ୍' ଏହାର ଏକ ରିପୋର୍ଟରେ ପ୍ରକାଶ କରିଛି ଯେ, ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଉଭୟ ଗୋଟିଏ ରାଷ୍ଟ୍ର,ଗୋଟିଏ ନିର୍ବାଚନ ଓ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଣିବାକୁ ଯାଉଛନ୍ତି । ସୂତ୍ର ଅନୁସାରେ, ପଶ୍ଚିମବଙ୍ଗରେ ବିଜୟ ପରେ ଉତ୍ସାହିତ ହୋଇ ବିଜେପି ସଂସଦରେ ରାଜନୈତିକ ବିଜୟ ପାଇଁ ଡିଏମ୍‌କେ ପରି ଆଞ୍ଚଳିକ ଦଳଗୁଡ଼ିକ ସହିତ ଯୋଗାଯୋଗ କରୁଛି। ମୁଖ୍ୟ ବିରୋଧୀ କଂଗ୍ରେସ ସ୍ପଷ୍ଟ ଭାବରେ କହିଛି ଯେ, ସରକାର କୌଣସି ପଦକ୍ଷେପ ନେବା ପୂର୍ବରୁ ଯଥାର୍ଥ ପ୍ରକ୍ରିୟା ଅନୁସରଣ କରିବା ଉଚିତ ଓ ସମସ୍ତ ଦଳ ସହିତ ପରାମର୍ଶ କରିବା ଉଚିତ। ସୂଚନା ଅନୁଯାୟୀ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏପ୍ରିଲ ମାସରେ ଲୋକସଭାରେ ସମ୍ବିଧାନ (୧୩୧ ସଂଶୋଧନ) ବିଲ୍, ୨୦୨୬ ପାରିତ କରିବାରେ ବିଫଳ ହେବା ପରେ ଏକ ନୂତନ ସୀମା ନିର୍ଦ୍ଧାରଣ ବିଲ୍ ପ୍ରସ୍ତୁତ କରୁଛନ୍ତି । ସୂତ୍ର ଅନୁଯାୟୀ, ଡିଏମକେର ଆଶ୍ଚର୍ଯ୍ୟଜନକ ପରାଜୟ ଓ ଟିଭିକେ ସରକାରରେ ଯୋଗଦେବା ପାଇଁ କଂଗ୍ରେସର ପଦକ୍ଷେପ ପରେ ଏମ୍‌କେ ଷ୍ଟାଲିନଙ୍କ ଦଳ ଭିତରେ ବିଜେପି ସହିତ 'ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ' ଆଲୋଚନା କରିବାକୁ ସ୍ୱର ଉଠୁଛି। ଏହାସହିତ ଟିଏମସି ଭିତରେ ଗଭୀର ହେଉଥିବା ବିଭାଜନ ଓ ପଶ୍ଚିମବଙ୍ଗରେ ଏହାର ନେତୃତ୍ୱ ବିରୋଧରେ ବଢୁଥିବା କ୍ରୋଧ ଉପରେ ମଧ୍ୟ ବିଜେପି କଡ଼ା ନଜର ରଖିଛି।

◆◆ପୃଷ୍ଠା ୭

## ୧୨ ଜୁନରେ ରାଷ୍ଟ୍ରପତିଙ୍କ ଡେରାଡୁନ ଗସ୍ତ

ନୂଆଦିଲ୍ଲୀ,୧/୬ :ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତୀୟ ସାମରିକ ଏକାଡେମୀ (ଆଇ. ଏମ୍. ଏ.) ର ପାସିଂ ଆଉଟ୍ ପରେଡରେ 'ଜୁନ ୧୩ରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ରାଷ୍ଟ୍ରପତି ଜୁନ ୧୨ ରେ ଦୁଇ ଦିନିଆ ଗସ୍ତରେ ଡେରାଡୁନରେ ପହଞ୍ଚିବେ। ସୋମବାର ଦିନ ଜଣେ ସରକାରୀ ମୁଖପାତ୍ର ସୂଚନା ଦେଇଛନ୍ତି ଯେ ରାଷ୍ଟ୍ରପତି ମୁର୍ମୁ ଜୁନ ୧୨ ଏବଂ ୧୩ ରେ ଡେରାଡୁନକୁ ଦୁଇ ଦିନିଆ ଗସ୍ତରେ ଯିବେ। ଜୁନ ୧୩ ସକାଳ ୭ଟା ୩୦ ମିନିଟରେ ରାଷ୍ଟ୍ରପତି ଏକାଡେମୀ ଏବଂ କ୍ୟାମ୍ପସରେ ଆଇ. ଏମ୍. ଏ. ର ୧୫୮ତମ ନିୟମିତ ପାଠ୍ୟକ୍ରମ ଏବଂ ୧୪୧ତମ ବୈଷୟିକ ସ୍ନାତକ ପାଠ୍ୟକ୍ରମର ପାସିଂ ଆଉଟ ପରେଡକୁ ଅଭିବାଦନ ଜଣାଇବେ ଏବଂ ସଫଳତାର ସହ ତାଲିମ ସମାପ୍ତ କରିଥିବା ଜେଣ୍ଟେଲମେନ କ୍ୟାଡେଟମାନଙ୍କୁ ସମ୍ବୋଧିତ କରିବେ। ଏହି ଅବସରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କ୍ୟାଡେଟମାନଙ୍କୁ ମଧ ସମ୍ମାନିତ କରାଯାଇପାରେ।

## ଦିବ୍ୟାଙ୍ଗ ଯୁବକଙ୍କୁ ଥାର୍ଡ ଡିଗ୍ରି ଘଟଣାରେ ପୁଲିସର କାର୍ଯ୍ୟାନୁଷ୍ଠାନ: ୩ ପୁଲିସ କର୍ମଚାରୀ ନିଲମ୍ବିତ



ଭୁବନେଶ୍ୱର, ୦୧/୬ (ନି.ପ୍ର): କବିସୂର୍ଯ୍ୟନଗର ଥାନାରେ ଥାର୍ଡ ଡିଗ୍ରୀ ଘଟଣାରେ ପୁଲିସର କାର୍ଯ୍ୟାନୁଷ୍ଠାନ । ଘଟଣାରେ ଆଇପିଏସ ନିତେଶ କୁମାର ମିଶ୍ରା ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଛନ୍ତି । ସେହିପରି ତିନିଜଣ ପୋଲିସ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତଙ୍କ ମଧ୍ୟରେ ଏସଆଇ ସମୀର ରାଉତ, ଏସଆଇ ବୈକୁଣ୍ଠ ନାଥ ଜେନା, କନେଷ୍ଟବଳ ସୁମନ କୁମାର ସାହୁ ଓ ହୋମଗାର୍ଡ କୃଷ୍ଣ ଚନ୍ଦ୍ର ପ୍ରଧାନ। ସେହିପରି ଥାନାର ସମସ୍ତ କର୍ମଚାରୀ ଅନ୍ୟତ୍ର ବଦଳି କରାଯାଇଛି। ହୋମଗାର୍ଡ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କୁ ସବୁଦିନ ପାଇଁ ବହିଷ୍କାର ପାଇଁ ନିର୍ଦ୍ଦେଶ। ଏନେଇ ସୂଚନା ଦେଇଛନ୍ତି ଗଞ୍ଜାମ ଏସପି ହରିଶ ବିଶି। ସେପଟେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ପୋଲିସ ମାଡ଼ରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ ଘଟଣାରେ ତଦନ୍ତ କରିବ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠ ବା ଏଚ୍ଆରପିସି। ଏନେଇ ନିର୍ଦ୍ଦେଶ ଦେଇଛନ୍ତି ପୁଲିସ ଡିଜି ୱାଇ ବି ଖୁରାନିଆ। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଏଚ୍ଆରପିସିକୁ ଦାୟିତ୍ୱ ଦିଆଯାଇଥିବା ପୁଲିସ ଡିଜି ସୂଚନା ଦେଇଛନ୍ତି ।

## ଭୟଙ୍କର ଅଗ୍ନିକାଣ୍ଡ: ଜଳିଗଲା ମାଛ ମାର୍କେଟ୍, କୁଇଣ୍ଟାଲ କୁଇଣ୍ଟାଲ ମାଛ ପୋଡ଼ି ନଷ୍ଟ



କଟକ, ୦୧/୬ (ନି.ପ୍ର): କଟକରେ ଭୟଙ୍କର ଅଗ୍ନିକାଣ୍ଡ। ରାତି ପାହିଲା ବେଳକୁ ଦାଉଦାଉ ଜଳିଉଠିଲା ମାଛ ମାର୍କେଟ୍। କାଲି ଯେଉଁଠି ଚାଲିଥିଲା କୋଟି କୋଟି ଟଙ୍କାର ବେପାର, ଆଜି ସେଠି ଖାଲି ପାଉଁଶ ଓ ପୋଡ଼ା ଗନ୍ଧ। ନିଆଁ ଗିଳି ଦେଇଛି ୨୦ଟି ମାଛ ଗୋଦାମ, ଗୋଟିଏ ରଂଗ ଗୋଦାମ ଓ ରାଷ୍ଟ୍ରାୟତ ବ୍ୟାଙ୍କ। କୁଇଣ୍ଟାଲ କୁଇଣ୍ଟାଲ ମାଛ ଓ ନଗଦ ୧୪ ଲକ୍ଷ ଟଙ୍କା ବି ଜଳି ଯାଇଥିବା ଅଭିଯୋଗ ହୋଇଛି। ଦୀର୍ଘ ୮ ଘଣ୍ଟାର କସରତ ପରେ ନିଆଁ ଆୟତ୍ତକୁ ଆସିଥିଲେ ବି ଏହା ପଛର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ରାତିର ନିଆଁ କେବଳ ଗୋଦାମ ଜଳାଇନି, ଅନେକ ବ୍ୟବସାୟୀଙ୍କ ଭବିଷ୍ୟତକୁ ବି ପୋଡ଼ିଦେଇଛି। ସର୍ବଗ୍ରାସୀ ନିଆଁର ଆଁରେ ସବୁକିଛି ପୋଡ଼ି ପାଉଁଶ। ବିଡ଼ା ବିଡ଼ା ୫୦୦ ଓ ୨୦୦ ଟଙ୍କିଆ ବଣ୍ଡଲ ଏବେ ଅଙ୍ଗାର। ଆଜି ସୋମବାର। ବ୍ୟାଙ୍କରେ ଡିପୋଜିଟ୍ ହୋଇଥାନ୍ତା ଶନି ଓ ରବିବାର ମାଛ ବେପାରରୁ ମିଳିଥିବା ପ୍ରାୟ ୧୪ ଲକ୍ଷ ଟଙ୍କା। କିନ୍ତୁ ତା ପୂର୍ବରୁ ରବିବାର କାଳ ରାତିରେ ଲାଗିଥିବା ନିଆଁରେ ପାଉଁଶ ହୋଇଯାଇଛି ଟଙ୍କା, ହିସାବ ଖାତା, ସବୁ କିଛି। କେମିତି ମାଛ ବାବଦ ଟଙ୍କା ସୁଝିବେ ସେହି ଚିନ୍ତାରେ ଘାରିଛି ବେପାରିଙ୍କୁ। କେବଳ ଟଙ୍କା ନୁହେଁ, ବିଭିନ୍ନ ଗୋଦାମରେ ଥିବା କୁଇଣ୍ଟାଲ କୁଇଣ୍ଟାଲ ମାଛ ବି ପୋଡ଼ି ହୋଇ ନଷ୍ଟ ହୋଇଛି। ପୋଡ଼ି ଯାଇଛି ଫ୍ରିଜ୍, ଇଲେକ୍ଟ୍ରୋନିକ୍ ସାମଗ୍ରୀ ସହ ବ୍ୟବସାୟ ପାଇଁ ରଖାଯାଇଥିବା ବିଭିନ୍ନ ଜିନିଷ ପତ୍ର। ରବିବାର, ରାତି ପାଖାପାଖି ୨ଟା ୪୫। କଟକ ପ୍ରେସଛକ ମାଛ ମାର୍କେଟରେ ଥିବା ଗୋଦାମରେ ଲାଗିଯାଇଥିଲା ନିଆଁ। କେହି କିଛି ବୁଝିବା ପୂର୍ବରୁ ଖୁବ୍ କମ୍ ସମୟ ମଧ୍ୟରେ ନିଆଁ ପୂରା ମାର୍କେଟକୁ ବ୍ୟାପିଯାଇଥିଲା। ଆଉ କେଇ ମିନିଟ୍ ମଧ୍ୟରେ ଛାରଖାର କରିଦେଇଥିଲା ୨୦ଟି ମାଛ ଗୋଦାମକୁ। କେବଳ ମାଛ ମାର୍କେଟ ନୁହେଁ ଏହା ପାଖରେ ଥିବା ଏକ ରଂଗ ଗୋଦାମ ମଧ୍ୟ ସଂପୂର୍ଣ୍ଣ ଜଳିଯାଇଛି। ରଂଗ ସହ ବିଭିନ୍ନ ପ୍ରକାରର କେମିକାଲ୍ ଥିବାରୁ ନିଆଁ ଅତି ଜୋରରେ ବ୍ୟାପିଥିଲା। ଫଳରେ ତିନି ମହଲା ଘରର ପ୍ରଥମ ଏବଂ ଦ୍ୱିତୀୟ ମହଲାରେ ଥିବା ଏକ ରାଷ୍ଟ୍ରାୟତ ବ୍ୟାଙ୍କ ମଧ୍ୟ ସଂପୂର୍ଣ୍ଣ ଜଳିଯାଇଛି। ରାତି ୩ଟାରୁ ଦିନ ପାଖାପାଖି ୧୧ଟା। ପ୍ରାୟ ୮ ଘଣ୍ଟା ଧରି ନିଆଁ ଲିଭାଇବାକୁ ନାକେଦମ୍ ହୋଇଥିଲେ ଅଗ୍ନିଶମ କର୍ମଚାରୀ। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଦମକଳ ଗାଡ଼ି ପହଞ୍ଚିବା ବେଳକୁ ଅଧିକାଂଶ ଦୋକାନ ସଂପୂର୍ଣ୍ଣ ଜଳି ଯାଇଥିଲା।

◆◆ପୃଷ୍ଠା ୭

## ଜୁନ୍ ୩ରୁ ୫ ପୁରୀରେ ବ୍ରିକ୍ସ ସମ୍ମିଳନୀ

ଭୁବନେଶ୍ୱର, ୦୧/୬ (ନି.ପ୍ର): ଆସନ୍ତା ଜୁନ୍ ୩ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ପୁରୀଠାରେ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଷୟିକ ବୈଠକ ଅନୁଷ୍ଠିତ ହେବ। ଜୁନ୍ ୪ ତାରିଖରେ ଏହାର ଉଦଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ବ୍ରିକ୍ସ ରାଷ୍ଟ୍ରସମୂହଙ୍କ ସହ ଭାରତର ବିଭିନ୍ନ ରାଜ୍ୟର ପ୍ରତିନିଧି ଏବଂ ବିଶେଷଜ୍ଞବୃନ୍ଦ ମଧ୍ୟ ଏହି ତିନିଦିନିଆ ବୈଠକରେ ଯୋଗ ଦେବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବ୍ରିକ୍ସ ହେଉଛି ବିଶ୍ୱର ଉଦୀୟମାନ ଅର୍ଥନୀତିଗୁଡ଼ିକୁ ନେଇ ଗଠିତ ଏକ ପ୍ରମୁଖ ଅନ୍ତର୍ଜାତୀୟ ଆନ୍ତଃସରକାରୀ ସଂଗଠନ ଏବଂ ଭୂ-ରାଜନୈତିକ ମଂଚ।

## ଚିଟଫଣ୍ଡ କ୍ଷୁଦ୍ର ଜମାକାରୀଙ୍କୁ ବଡ଼ ଆଶ୍ୱସ୍ତି: ରସିଦ ନଥିଲେ ବି ମୂଳ ଜମାକାରୀଙ୍କୁ ମିଳିବ ଟଙ୍କା

ଭୁବନେଶ୍ୱର, ୦୧/୬ (ନି.ପ୍ର): ଚିଟଫଣ୍ଡ କ୍ଷୁଦ୍ର ଜମାକାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି। ଟଙ୍କା ଫେରସ୍ତ ପାଇଁ ଆଉ ଦରକାର ନାହିଁ ମୂଳ ଜମା ରସିଦ। କେବଳ ପରିଚୟ ପତ୍ର ଆଧାରରେ ମିଳିପାରିବ ଜମା ଟଙ୍କା। ଅନ୍ୟପଟେ ଟଙ୍କା ଫେରସ୍ତ ପ୍ରକ୍ରିୟାର ସମୟ ସୀମାକୁ ଅଗଷ୍ଟ ୩୧ ଯାଏଁ ବଢ଼ାଇଛି ଅର୍ଥ ବିଭାଗ। ଯାହାକୁ ନେଇ କ୍ଷୁଦ୍ର ଜମାକାରୀମାନେ ଏକ ପ୍ରକାର ଆଶ୍ୱସ୍ତ ହୋଇଥିବା ବେଳେ ତାଲିକାରେ ଯେଉଁମାନଙ୍କର ନାଁ ରହିଛି ସମସ୍ତଙ୍କୁ ତୁରନ୍ତ ଟଙ୍କା ଫେରାଯାଉ ବୋଲି ଦାବି କରିଛି କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଂଚ। ସେପଟେ କିନ୍ତୁ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ବିରୋଧୀ। ରାଜ୍ୟର କ୍ଷୁଦ୍ର ଚିଟଫଣ୍ଡ ଜମାକାରୀ ଅର୍ଥାତ୍ ୧୦ ହଜାର ଟଙ୍କାରୁ କମ୍ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଟଙ୍କା ଫେରସ୍ତ ଲାଗି ୩୧ ମାର୍ଚ୍ଚ ୨୦୨୬ ତାରିଖ ଧାର୍ଯ୍ୟ କରିଥିଲେ ରାଜ୍ୟ ସରକାର। ତେବେ ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ବହୁ କ୍ଷୁଦ୍ର ଜମାକାରୀ ଏଯାଏ ସେମାନଙ୍କ ଜମା ଟଙ୍କା ଫେରି ପାଇନାହାନ୍ତି। ଏପରିକି ବହୁ ଜମାକାରୀଙ୍କ ପାଖରେ ସେମାନଙ୍କର ମୂଳ ଜମା ରସିଦ୍ ବି ନାହିଁ। ତେଣୁ ରାଜ୍ୟ ସରକାର ତଦନ୍ତ କମିଶନଙ୍କ ସୁପାରିଶ କ୍ରମେ ସବୁ କ୍ଷୁଦ୍ର ଜମାକାରୀଙ୍କ ଟଙ୍କା ଫେରସ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

◆◆ପୃଷ୍ଠା ୭

## ଜୁନ ୬ ତାରିଖରେ ଭାରତ ଫେରିବେ କକ୍ରୋଚ ଜନତା ପାର୍ଟି ପ୍ରତିଷ୍ଠାତା



ନୂଆଦିଲ୍ଲୀ,୧/୬ : ଜୁନ ୬ ତାରିଖରେ ଭାରତ ଫେରିବେ କକ୍ରୋଚ ଜନତା ପାର୍ଟି ପ୍ରତିଷ୍ଠାତା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଜନ୍ତର ମନ୍ତରରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆରମ୍ଭ କରିବେ। ଦିଲ୍ଲୀ ବିମାନ ବନ୍ଦରରେ ତାଙ୍କ ସହ ଭେଟ ହେବାକୁ ସେ ସମର୍ଥକଙ୍କ ଅପିଲ କରିଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ଏବଂ ଇନଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରି ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ସମର୍ଥକ ଏବଂ ଛାତ୍ରଛାତ୍ରୀଙ୍କୁ ଦିଲ୍ଲୀରେ ତାଙ୍କ ସହିତ ଯୋଗ ଦେବାକୁ ଆହ୍ୱାନ କରିଛନ୍ତି। ଦୀପକେ କହିଛନ୍ତି, ଭାରତର ସମ୍ବିଧାନର ରାସ୍ତା ଅନୁସରଣ କରି ଆମେ ସମସ୍ତେ ଏକତ୍ରିତ ହେବାର ସମୟ ଆସିଛି। ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଶାନ୍ତିପୂର୍ଣ୍ଣ ଭାବେ ଆମ ସ୍ୱର ଉଠାଇବା ଉଚିତ୍। ଯଦି ଆମେ ଏକତ୍ରିତ ହୋଇ ସ୍ୱର ଉଠାଇବୁ ତେବେ ସେମାନେ ନିଶ୍ଚୟ ଶୁଣିବେ । ଛାତ୍ରମାନେ ଉଦ୍‌ବିଗ୍ନ ଏବଂ ଭବିଷ୍ୟତ ନେଇ ଚିନ୍ତିତ ଅଛନ୍ତି। କେହି ନା କେହି ଏହାର ଦାୟିତ୍ୱ ନେବା ଉଚିତ୍।

◆◆ପୃଷ୍ଠା ୭

## ଜଗନ୍ନାଥ ସଂସ୍କୃତିକୁ ପୁଣି ଇସ୍କନର ଅପମାନ: କାନାଡ଼ାରେ ଇସ୍କନ ପାଳିଲା ଅଦିନିଆ ରଥଯାତ୍ରା



ନୂଆଦିଲ୍ଲୀ,୧/୬ : ଆଷାଢ଼ରେ ନୁହେଁ, ଜ୍ୟେଷ୍ଠରେ ଗଡ଼ିଲା ରଥ। ବିରୋଧ ଯେତେ ବଢୁଛି, ଇସ୍କନର ମନମାନୀ ସେତେ ଜୋର୍ ହେଉଛି। ଗଜପତିଙ୍କ ପରାମର୍ଶ ହେଉ କି ଜଗନ୍ନାଥପ୍ରେମୀଙ୍କ ଆପତ୍ତି— କାହାକୁ ଖାତିର ନକରି ପୁଣି ଅଦିନରେ ରଥ ଗଡ଼ାଇଲା ଇସ୍କନ୍। ଏଥର ଆମେରିକା କି ବ୍ରିଟେନ୍ ନୁହେଁ, କାନାଡାରେ ଦେଖିବାକୁ ମିଳିଛି ସେହି ସମାନ ଚିତ୍ର। ଇସ୍କନର ବିଧର୍ମୀ ଆଚରଣକୁ ପ୍ରବାସୀ ଓଡ଼ିଆମାନେ ତୀବ୍ର ବିରୋଧ କରିଛନ୍ତି। ତେବେ ବାରମ୍ବାର ଇସ୍କନ ମନମାନୀ ଚଳାଉଥିବାବେଳେ କେବେ ଆଖିଦୃଶିଆ ଆକ୍ସନ ନିଆଯାଉଛି, ତାକୁ ନେଇ ପ୍ରଶ୍ନ ଉଠିଛି। ବିରୋଧକୁ ଖାତିର ନାହିଁ କି ଆପତ୍ତିକୁ ଭ୍ରୂକ୍ଷେପ ନାହିଁ। ପୁଣି ଜଗନ୍ନାଥ ସଂସ୍କୃତି ସହ ଖେଳ। ଜ୍ୟେଷ୍ଠରେ ଗଡ଼ିଲା ରଥ। ଆମେରିକା-ବ୍ରିଟେନ୍ ପରେ କାନାଡାରେ ପୁଣି ଇସ୍କନ ଦେଖାଇଛି ଜଗନ୍ନାଥ ପରମ୍ପରା ବିରୋଧୀ ମାନସିକତା। ଥରେ ନୁହେଁ, ଲଗାତାର ଦୁଇ ଦିନରେ ଦୁଇଟି ସ୍ଥାନରେ ଅଦିନରେ ଟାଣିଛି ରଥ। ୩୦ ମେ'ରେ ୱାଟରଲୁ ଏବଂ ୩୧ରେ ନାଏଗ୍ରା। କାନାଡାର ହିଲଟପ ପିକନିକ ସେଲ୍ଟରରେ ଆୟୋଜିତ ହୋଇଥିଲା ଅଦିନିଆ ରଥଯାତ୍ରା। ଯେଉଁଥିରେ ସାମିଲ ହୋଇଥିଲେ ଶହ ଶହ ବିଦେଶୀ। କିନ୍ତୁ ବୟକଟ୍ କରିଥିଲେ ପ୍ରବାସୀ ଓଡ଼ିଆ। ଇସ୍କନର ଶାସ୍ତ୍ର ଓ ପରମ୍ପରା ବିରୋଧୀ ରଥଯାତ୍ରାକୁ ଜୋରଦାର ବିରୋଧ କରିଥିଲେ, ଜବାବ ମାଗିଥିଲେ। ଶ୍ରୀମନ୍ଦିର ପରମ୍ପରା ବିରୋଧରେ ଯାଇ ଏଭଳି ଆୟୋଜନ ହିନ୍ଦୁ ଧର୍ମ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଘାତ ବୋଲି କହିବା ସହିତ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ପ୍ରବାସୀ ଓଡ଼ିଆ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳନ କରାଯାଏ।

◆◆ପୃଷ୍ଠା ୭

## ରାଜ୍ୟସଭା ଓ ରାଜ୍ୟ ବିଧାନ ପରିଷଦ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା: ଜୁନ୍ ୧୮ରେ ମତଦାନ

ନୂଆଦିଲ୍ଲୀ,୧/୬ : ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ୨୭ଟି ରାଜ୍ୟସଭା ଆସନ ଓ ୩ଟି ରାଜ୍ୟରେ ବିଧାନ ପରିଷଦ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ସୋମବାର ଘୋଷଣା ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଜୁନ୍ ୧୮ରେ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନ ଅନୁଯାୟୀ, ସମସ୍ତ ନିର୍ବାଚନ ପାଇଁ ମତଦାନ ଜୁନ୍ ୧୮ ତାରିଖ ସକାଳ ୮ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୋଟ ଗଣତି ସେହି ଦିନ ସନ୍ଧ୍ୟା ୫ଟାରୁ କରାଯିବ। ନାମାଙ୍କନ ଦାଖଲ ଜୁନ୍ ୧ ତାରିଖ ସକାଳ ୧୧ ଟାରୁ ଆରମ୍ଭ ହେବ। ନାମାଙ୍କନ ଦାଖଲର ଶେଷ ତାରିଖ ଜୁନ୍ ୮ ତାରିଖ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ରହିଛି । ନାମାଙ୍କନ ଯାଞ୍ଚ ଜୁନ୍ ୯ ତାରିଖ ଓ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଜୁନ୍ ୧୧ ତାରିଖ ରହିଛି । ଭୋଟ୍ ଗ୍ରହଣ ଜୁନ୍ ୧୮ ତାରିଖ ସକାଳ ୮ ଟାରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ଓ ଭୋଟ୍ ଗଣତି ସେହି

◆◆ପୃଷ୍ଠା ୭

# ଅଣସର ସମୟରେ ଶ୍ରୀଅଲାରନାଥ ମନ୍ଦିରରେ ଭକ୍ତମାନଙ୍କ ସୁରକ୍ଷା, ଦର୍ଶନ ଓ ଟ୍ରାଫିକ୍ ପରିଚାଳନା ସମ୍ପର୍କରେ ଏସପିଙ୍କ ସମୀକ୍ଷା

ପୁରୀ, ୧/୦୬ (ନି.ପ୍ର): ଆଗାମୀ ଦେବସ୍ନାନ ପୂର୍ଣ୍ଣିମା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଣସର ଦିନରେ ଶ୍ରୀଅଲାରନାଥ ମନ୍ଦିରକୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସୁବିଧା, ସୁରକ୍ଷା ଏବଂ ସୁଚାରୁ ଦର୍ଶନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଶନିବାର ଏସପି ପ୍ରତୀକ ସିଂ ବ୍ରହ୍ମଗିରିସ୍ଥିତ ଶ୍ରୀ ଅଲାରନାଥ ମନ୍ଦିର ପରିଦର୍ଶନ କରିଥିଲେ। ପରିଦର୍ଶନ ଅବସରରେ ଏସପି ପୁରୀ ମନ୍ଦିର ପରିସର, ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ପଥ, ଗାଡ଼ି ପାର୍କିଂ ସ୍ଥାନ, ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଏବଂ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଥିଲେ। ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ଼ର ସଦସ୍ୟମାନଙ୍କ ସହିତ ଆଲୋଚନା କରି ସେ ଅନବସର ସମୟରେ ହେଉଥିବା ବ୍ୟାପକ ଭିଡ଼ ଓ ଭକ୍ତମାନଙ୍କ ଆଗମନ ସମ୍ପର୍କରେ ବିସ୍ତୃତ ତଥ୍ୟ ଗ୍ରହଣ କରିଥିଲେ। ଆଲୋଚନା ବେଳେ ଭକ୍ତମାନେ କିପରି ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ଦର୍ଶନ କରିପାରିବେ, ଦର୍ଶନ ପାଇଁ ସୁବ୍ୟବସ୍ଥିତ ଧାଡ଼ି ବ୍ୟବସ୍ଥା, ବୃଦ୍ଧ, ମହିଳା ଓ ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧା, ଜରୁରୀକାଳୀନ ସେବା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଏହା ସହିତ ମନ୍ଦିର ପରିସର ଓ ଆଖପାଖ ଅଂଚଳରେ ଯାନବାହନ ଚଳାଚଳକୁ ସୁଚାରୁ ରଖିବା ପାଇଁ ଟ୍ରାଫିକ୍ ପରିଚାଳନା, ଅସ୍ଥାୟୀ ପାର୍କିଂ ସ୍ଥାନ ଚିହ୍ନଟ, ଯାନବାହନ ପାଇଁ ବିକଳ୍ପ ରୁଟ୍ ବ୍ୟବସ୍ଥା ଏବଂ ପଥଚାରୀ ଭକ୍ତମାନଙ୍କ ସୁରକ୍ଷା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ଅଣବସର ସମୟରେ ଅଧିକ ସଂଖ୍ୟାରେ ଆସୁଥିବା ଭକ୍ତମାନଙ୍କୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ଉପଯୁକ୍ତ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା।

ଏସପି ପୁରୀ ମନ୍ଦିରରେ ଚାଲିଥିବା ନୀତିକାନ୍ତି ସମୟରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ ଏବଂ ଭକ୍ତମାନେ ସୁଚାରୁ ଭାବେ ଦର୍ଶନ କରିପାରିବେ, ସେଥିପାଇଁ ପୋଲିସ୍, ପ୍ରଶାସନ ଓ ଟ୍ରଷ୍ଟ ବୋର୍ଡ଼ ମଧ୍ୟରେ ଉତମ ସମନ୍ୱୟ ରଖିବାକୁ ଗୁରୁତ୍ୱାରୋପ କରିଥିଲେ। ଭିଡ଼ ପରିଚାଳନା, ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଏକ ସମନ୍ୱିତ କାର୍ଯ୍ୟଯୋଜନା ପ୍ରସ୍ତୁତ କରି ଆବଶ୍ୟକ ପୋଲିସ ମୁତୟନ କରାଯିବ ବୋଲି ସେ ସୂଚନା ଦେଇଥିଲେ।

ଏହି ସମୀକ୍ଷାରେ ସଦର ଡ଼ିଏସପି ମାନସ ରଞ୍ଜନ ବାରିକ, ବ୍ରହ୍ମଗିରି ତହସିଲଦାର, ବ୍ରହ୍ମଗିରି ବିଡିଓ, ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁ ଏବଂ ଅଲାରନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ଼ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସମସ୍ତଙ୍କ ସହିତ ଆଲୋଚନା କରି ଆଗାମୀ ଅଣବସର ଯାତ୍ରା ସମୟରେ ଭକ୍ତମାନଙ୍କୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ସୁଗମ ଦର୍ଶନ ସୁବିଧା ପ୍ରଦାନ କରିବା ଦିଗରେ ସମସ୍ତ ପ୍ରକାର ପ୍ରସ୍ତୁତି ତ୍ୱରାନ୍ୱିତ କରିବାକୁ ଏସପି ପୁରୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ମାଲକାନଗିରିରେ ଆରମ୍ଭ ହେଲା ସୁଆଦିଆ ଆମ୍ବର ମେଳା: ଚାଷୀ ଓ ମହିଳାଙ୍କ ସ୍ୱାବଲମ୍ବନର ନୂଆ କାହାଣୀ

ମାଲକାନଗିରି , ୧/୦୬ (ନି.ପ୍ର): ମାଲକାନଗିରି ସହରର ସ୍ଥାନୀୟ ପୁରୁଣା ମେଡିକାଲ ପଡ଼ିଆ ଏବେ ପାଚିଲା ଆମ୍ବର ମହକରେ ମହକୁଛି। ଜିଲ୍ଲା ପ୍ରଶାସନ ଓ ଓରମାସ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଆମ୍ବ ମେଳା କେବଳ ସୁଆଦିଆ ଆମ୍ବ ବିକ୍ରିର ମାଧମ ସାଜିନାହିଁ, ବରଂ ଏହା ମାଲକାନଗିରିର ଆଦିବାସୀ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଫଳତାର ଏକ ଜୀବନ୍ତ ଉଦାହରଣ ପାଲଟିଛି। ଗତ ୩୦ ମେ'ରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ।ଏହି ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ କହିଛନ୍ତି, ଆମ ଜିଲ୍ଲାର ପ୍ରାକୃତିକ ପରିବେଶରେ ଉତ୍ପନ୍ନ ଆମ୍ବର ଚାହିଦା ବହୁତ ରହିଛି। ଏହି ମେଳା ମାଧ୍ୟମରେ ଆମେ ଆମର ସ୍ଥାନୀୟ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ସଠିକ୍ ମୂଲ୍ୟ ଦେବା ସହ ସେମାନଙ୍କୁ ସିଧାସଳଖ ବଜାର ସହ ଯୋଡ଼ିବାକୁ ଚେଷ୍ଟା କରିଛୁ। ଏହା ଦ୍ୱାରା ଜିଲ୍ଲାର ଆର୍ଥିକ ବିକାଶ ଆହୁରି ମଜବୁତ ହେବ। ସେହିପରି ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏହି ପ୍ରୟାସକୁ ପ୍ରଶଂସା କରି କହିଛନ୍ତି, ଏହି ମେଳା କେବଳ ବ୍ୟବସାୟ ନୁହେଁ, ବରଂ ଆମ ଗ୍ରାମୀଣ ମହିଳା ଓ ଚାଷୀଙ୍କ ପରିଶ୍ରମର ଏକ ସୁନ୍ଦର ପ୍ରଦର୍ଶନୀ। ବୈଦେଶିକ ତଥା ବୈଜ୍ଞାନିକ ପ୍ରଣାଳୀରେ ଆମ୍ବକୁ ସୁରକ୍ଷିତ ଭାବେ ପଚାଇ ଗ୍ରାହକଙ୍କୁ ବିଶୁଦ୍ଧ ଫଳ ଯୋଗାଇବା ଦିଗରେ ଓରମାସ ଏବଂ ଚାଷୀମାନେ ଯେଉଁ କାମ କରିଛନ୍ତି, ତାହା ପ୍ରଶଂସନୀୟ। ଏହି ମେଳାର ପ୍ରକୃତ କାର୍ଯ୍ୟକାରୀ ଶକ୍ତି ସାଜିଛନ୍ତି ଓରମାସ ଦ୍ୱାରା ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ 'ମଲ୍ଲୀକେଶ୍ୱର' ଓ 'ଗ୍ରାମଦେବୀ' କୃଷକ ଉତ୍ପାଦକ ସଂଗଠନ । ଏଫପିଓର ସଦସ୍ୟମାନେ ସିଧାସଳଖ ନିଜ ବଗିଚାରୁ ଆମ୍ରପାଲୀ, ବାଇଗଣପାଲୀ, ତୋତାପୁରୀ, ଜାମକୋଳି, ଦାଶରୀ ଓ ମଲ୍ଲିକା ଭଳି ବିଭିନ୍ନ କିସମର ଦେଶୀ ଆମ୍ବ ସଂଗ୍ରହ କରି ମେଳାକୁ ଆଣିଛନ୍ତି। ଏହା ଦ୍ୱାରା ମଧ୍ୟବର୍ତ୍ତୀ ଗ୍ରାହକ କିମ୍ବା ଦଲାଲଙ୍କ ଶୋଷଣରୁ ଚାଷୀମାନେ ରକ୍ଷା ପାଇଛନ୍ତି। ଅନ୍ୟପଟେ, କେବଳ କଂଚା କିମ୍ବା ପାଚିଲା ଆମ୍ବ ନୁହେଁ, ଏସଏଚଜି ର ମହିଳାମାନେ ନିଜ ହାତର ଜାଦୁ ଦେଖାଇ ଆମ୍ବରୁ ପ୍ରସ୍ତୁତ କରିଛନ୍ତି ବିଭିନ୍ନ ସୁଆଦିଆ ପାନୀୟ। ମେଳାକୁ ଆସୁଥିବା ଲୋକଙ୍କ ପାଇଁ ସେମାନେ ନିଜେ ତିଆରି କରିଥିବା ଖଟାମିଠା ଆମ୍ବ ପଣା ଏବଂ ମ୍ୟାଙ୍ଗୋ ସେକ୍ ପରଷୁଛନ୍ତି, ଯାହା ଏହି ଗ୍ରୀଷ୍ମ ଋତୁରେ ଲୋକଙ୍କୁ ବେଶ୍ ଆକୃଷ୍ଟ କରୁଛି।ଏହା ସେହି ମହିଳାମାନଙ୍କ ପାଇଁ ଏକ ବଡ଼ ସ୍ୱାବଲମ୍ବନ ଓ ରୋଜଗାରର ପନ୍ଥା ସାଜିଛି। ଓରମାସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱସ୍ତିକା ପ୍ରଧାନଙ୍କ ପ୍ରତ୍ୟକ୍ଷ ତଦାରଖରେ ଏହି ସମଗ୍ର ମେଳା ପରିଚାଳିତ ହେଉଛି। ତାଙ୍କ ସହ ବ୍ୟବସାୟ ପରିଚାଳକ ଜିତେନ୍ଦ୍ର କୁମାର ପାତ୍ର, ଅମିତ କୁମାର, ଏଫପିଓ ସଂଯୋଜିକା ମମତା ମହାପାତ୍ର ଓ ଶ୍ୟାମ ମୁଦୁଲି ପ୍ରମୁଖ ଦିନରାତି ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି।

# ଭୋଟର ତାଲିକା ଏସଆଇଆର ୨୦୨୬ ସଚେତନତା ରଥ ଶୁଭାରମ୍ଭ: ଏସଆଇଆର ନେଇ ଖୋର୍ଦ୍ଧାବାସୀଙ୍କୁ ଜିଲ୍ଲାପାଳଙ୍କ ବାର୍ତ୍ତା

ଖୋର୍ଦ୍ଧା, ୧/୦୬ (ନି.ପ୍ର): ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚଳିତ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ ଆଇ ଆର)୨୦୨୬ ସଚେତନତା ରଥର ଶୁଭାରମ୍ଭ କରି ଜିଲ୍ଲାର ସମସ୍ତ ଜନସାଧାରଣ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ସାମିଲ ହୋଇ ନିର୍ଭୁଲ ଭୋଟର ତାଲିକା ପ୍ରକାଶନରେ ବଳିଷ୍ଠ ସହଯୋଗ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସଚେତନତା ରଥ ଶୁଭାରମ୍ଭ ରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ବେଉରା, ଡେପୁଟି କଲେକ୍ଟର ସଂଗ୍ରାମ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ସଚେତନତା ରଥ ଜିଲ୍ଲାର ସମସ୍ତ ତହସିଲ ଏବଂ ବ୍ଲକ ଅଞ୍ଚଳ ବୁଲି ଜଣ ସାଧାରଣଙ୍କୁ ଏସ ଆଇ ଆର ସମ୍ବଧୀୟ ବାର୍ତ୍ତା ପ୍ରଦାନ କରିବ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ଜିଲ୍ଲାବାସୀଙ୍କୁ ସମ୍ବୋଧନ କରି କହିଛନ୍ତି ସେ ଆହୁରି ମଧ୍ଯ କହିଛନ୍ତି ଆପଣ ମାନେ ଜାଣିଛନ୍ତି ଭାରତର ନିର୍ବାଚନ ଆୟୋଗ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି । ଏସଆଇଆର ଉଦ୍ଦେଶ୍ୟ ହେଲା 'ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରେ ଯୋଡିବା ଓ ଅଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦ ଦେବା ' । ଚଳିତ ମେ ମାସ ୩୦ ତାରିଖରୁ ଜୁନ ମାସ ୨୮ ତାରିଖ ପର୍ଯ୍ୟନ୍ତ ପାଖାପାଖି ଏକ ମାସ ପର୍ଯ୍ୟନ୍ତ ବିଏଲଓ ମାନେ ଭୋଟର ମାନଙ୍କ ଘରକୁ ଘର ଯାଇ ଦୁଇଟି ଲେଖାଏଁ ପରିଗଣନା ଫର୍ମ ବାଣ୍ଟିବେ । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜେ ଦସ୍ତଖତ କରି ଭୋଟର ଙ୍କୁ ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ,ଯାହାକୁ ଭୋଟରମାନେ ଭବିଷ୍ୟତ ପାଇଁ ସାଇତି ରଖିବେ ।ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନ ଙ୍କ ସରକାରୀ ୱେବସାଇଟ ରୁ ଏହି ଫର୍ମ ଡାଉନଲୋଡ କରିପାରିବେ ଏବଂ ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନରେ ଅପଲୋଡ କରିପାରିବେ ।ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲଓ ସମ୍ପୃକ୍ତ ଭୋଟର ଙ୍କୁ ସଂପୂର୍ଣ୍ଣ ସହାୟତା ଯୋଗାଇଦେବେ ପଞ୍ଜୀକରଣ କରିବାକୁ ଚାହୁଁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲଓ ସେହି ସମୟରେ ଫର୍ମ -୬ ସହ ସ୍ୱତନ୍ତ୍ର ଘୋଷଣାପତ୍ର ପ୍ରଦାନ କରିବେ । ଏହାସହ ନାମ ପଞ୍ଜିକରଣ କରିବାକୁ ଚାହୁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲଓ ସେହି ସମୟରେ ଫର୍ମ ୬ସହ ସ୍ୱତନ୍ତ୍ର ଘୋଷଣାପତ୍ର ପ୍ରଦାନ କରିବେ। ଏହି ପରିଗଣନା ସମୟରେ ଭୋଟରମାନଙ୍କ ଠାରୁ କୌଣସି ପ୍ରକାରର ଅତିରିକ୍ତ ଦଲିଲପତ୍ର (ଡକ୍ୟୁମେଣ୍ଟ ) ସଂଗ୍ରହ କରିବାକୁ ଆବଶ୍ୟକତା ନହିଁ । ମୋର ଆପଣମାନଙ୍କୁ ଅନୁରୋଧ ଯେତେବେଳେ ବିଏଲଓ ମାନେ ଆପଣମାନଙ୍କ ପାଖକୁ ତଥ୍ୟ ସଂଗ୍ରହ କରିବାକୁ ଯିବେ ସେମାନଙ୍କୁ ସଠିକ ତଥ୍ୟ ଦେବା ସହିତ ପୂର୍ଣ୍ଣ ସହଯୋଗ କରିବେ । ଚିଠା ଭୋଟର ତାଲିକା ବା ଡ୍ରାଫ୍ଟ ଇଲେକ୍ଟାଲ ରୋଲ ୫ ଜୁଲାଇ ୨୦୨୬ ରେ ପ୍ରକାଶ ପାଇବ । ୫ ଜୁଲାଇ ରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଆପଣମାନେ ନାମ କାହିଁକି କଟିଲା ବା ଅନ୍ୟାନ୍ୟ ଦାବି ଓ ଆପତ୍ତା ଦାଖଲ କରିପାରିବେ । ଦାବି ଓ ଆପତ୍ତର ନିଷ୍ପତ୍ତା ଇଆରଓ ମାନେ ୨ ସେପଟ୍ମେ୍ବର ସୁଦ୍ଧା ନେବେ ତା ' ପରେ ୬ ସେପଟ୍ମେ୍ବର ୨୦୨୬ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଏସଆଇଆର ସମ୍ପର୍କିତ ଅଧିକ ତଥ୍ୟ ପାଇଁ ଆପଣମାନେ ନିକଟସ୍ଥ ବିଏଲଓ ଙ୍କୁ ଅଥବା ଇ ସି. ଆଇ. ଙ୍କୁଷ୍ଟଅରକ୍ୱସ୍ଥ .ରମସ .ସଭ ୱେବ ସାଇଟ ସହ ଓ ୧୯୫୦ ଟୋଲ ଫ୍ରି ନମ୍ବରର ମଧ୍ଯ ସାହାଯ୍ୟ ନେଇପାରିବେ । ଏସାଇଆର ସମୟରେ ବିଏଲଓ ମାନଙ୍କୁ ପୂର୍ଣ୍ଣ ସହଯୋଗ କରିବା ପାଇଁ ଖୋର୍ଦ୍ଧା ବାସୀଙ୍କୁ ପୁନର୍ବାର ଅନୁରୋଧ କରୁଛି ।

# ଚାରି ଦିନ ଧରି ଅନ୍ଧାରରେ ୮ଟି ଗାଁ

ମାଲକାନଗିରି , ୧/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲାର ପଡିଆ ବ୍ଲକ ଅନ୍ତର୍ଗତ ମାଟେରୁ ଗ୍ରାମ ପଂଚାୟତର ଏକାଧିକ ଗାଁରେ ଗତ ଚାରି ଦିନ ଧରି ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ସ୍ଥାନୀୟ ଅଂଚଳବାସୀ ନାନାଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପର୍ସନପାଲ୍ଲୀ, ଏରବନପାଲି, କରାମଗୁଡା, ମାଡିଗୁଡା, ବଣ୍ଡାଗୁଡା, ନନ୍ଦାଗୁଡା, ମେଟାଗୁଡା ସମେତ ମୋଟ ୮ଟି ଗାଁର ଲୋକମାନେ ବିଦ୍ୟୁତ ବିହୀନ ଅବସ୍ଥାରେ ଅନ୍ଧାର ମଧ୍ୟରେ ଦିନ କାଟୁଛନ୍ତି। ଦୀର୍ଘ ଚାରି ଦିନ ଧରି ବିଦ୍ୟୁତ ସରବରାହ ବନ୍ଦ ରହିବା ଫଳରେ ସାଧାରଣ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି । ବିଶେଷ କରି ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଥିବା ବେଳେ ରାତି ସମୟରେ ଅଧ୍ୟୟନ କରିବା ସେମାନଙ୍କ ପାଇଁ କଷ୍ଟସାଧ ହୋଇପଡ଼ିଛି। ଏହାସହ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ମଧ ବ୍ୟାହତ ହୋଇଥିବାରୁ ଗ୍ରାମବାସୀମାନେ ପାଣି ସଂଗ୍ରହ ପାଇଁ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ବିଦ୍ୟୁତ ବିଭ୍ରାଟର ପ୍ରଭାବ ଯୋଗାଯୋଗ ବ୍ୟବସ୍ଥା ଉପରେ ମଧ ପଡ଼ିଛି। ମୋବାଇଲ ଟାୱାରଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟକ୍ଷମ ନ ରହିବାରୁ ଅନେକ ସ୍ଥାନରେ ନେଟୱର୍କ ସମସ୍ୟା ଦେଖାଦେଇଛି । ଫଳରେ ଲୋକମାନେ ଜରୁରୀ ସମୟରେ ଯୋଗାଯୋଗ କରିବାରେ ମଧ ଅସୁବିଧା ଭୋଗୁଛନ୍ତି । ଗ୍ରାମାଂଚଳରେ ବ୍ୟବସାୟ, ଦୈନନ୍ଦିନ କାର୍ଯ୍ୟକଳାପ ଏବଂ ଛୋଟ ଛୋଟ ଉଦ୍ୟୋଗଗୁଡ଼ିକ ମଧ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବାରମ୍ବାର ବିଦ୍ୟୁତ ବିଭ୍ରାଟ ସମସ୍ୟା ଦେଖାଦେଉଥିଲେ ମଧ ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଚାରି ଦିନ ଧରି ବିଦ୍ୟୁତ ସେବା ବନ୍ଦ ରହିଥିବା ସତ୍ତ୍ୱେ ସମସ୍ୟାର ଶୀଘ୍ର ସମାଧାନ ହୋଇନଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ଏନେଇ ସ୍ଥାନୀୟ ଜନସାଧାରଣ ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସମସ୍ୟାର ସମାଧାନ ସହ ବିଦ୍ୟୁତ ସରବରାହ ପୁନଃ ସ୍ଥାପନ କରିବାକୁ ଦାବି ଜଣାଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଯଦି ଶୀଘ୍ର ବିଦ୍ୟୁତ ସେବା ସ୍ୱାଭାବିକ ନ ହୁଏ, ତେବେ ସେମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ ହେବେ । ବର୍ତ୍ତମାନ ସମଗ୍ର ଅଂଚଳର ଲୋକେ ବିଦ୍ୟୁତ ସରବରାହ ପୁନଃ ଆରମ୍ଭ ହେବାକୁ ଅପେକ୍ଷା କରି ରହିଛନ୍ତି।

# ପୌରାଧକ୍ଷଙ୍କ ଘର ଉପରକୁ ବୋମାମାଡ ଘଟଣା : ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପାରାଦୀପ ବାର୍ ଆସୋସିଏସନ୍ ପକ୍ଷରୁ ପ୍ରଶାସନକୁ ଦାବିପତ୍ର



ପାରାଦୀପ, ୧/୦୬ (ନି.ପ୍ର): ପାରାଦୀପ ବାର୍ ଆସୋସିଏସନ୍ ଉପସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଘର ଉପରକୁ ବୋମାମାଡ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଆଜି ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନକୁ ଦାବୀପତ୍ର ପ୍ରଦାନ କରାଯାଇଛି । ପାରାଦୀପ ବାର୍ ଆସୋସିଏସନ୍ ସଭାପତି ତପନ କୁମାର ଦାଶଙ୍କ ନେତୃତ୍ୱରେ ପାରାଦୀପ ବାର୍ ଆସୋସିଏସନ୍‌ର ଏକ ପ୍ରତିନିଧି ଦଳ ସୋମବାର ଦିନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ମାଣେଙ୍କୁ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ମଧ ଏକ ଦାବୀପତ୍ର ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରାଙ୍କୁ ପ୍ରଦାନ କରାଯାଇଥିଲା । କୌଣସି ଚାପର ବଶବର୍ତୀ ନ ହୋଇ ପୋଲିସ୍ ଘଟଣାର ନିରପେକ୍ଷ ଭାବେ ତଦନ୍ତ କରିବା ସହିତ ଏହି ବୋତଲ ବୋମାମାଡ ଘଟଣା ପଛରେ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଦୃଷ୍ଟାନ୍ତମୂଳକ ଦଣ ଦେବାକୁ ଏହି ଦାବୀପତ୍ରରେ ଉଲ୍ଲେଖ ରହିଛି । ପାରାଦୀପ ବାର୍ ଆସୋସିଏସନ୍ ଅନ୍ୟତମ ଉପସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ରବିନ୍ଦ୍ର କୁମାର ଜେନା, ଗୋଲକ ବିହାରୀ ସୂତାର, କୋଷାଧକ୍ଷ ଗୋପିନାଥ ମଲ୍ଲ, କାର୍ଯ୍ୟକାରିଣୀ ସଦସ୍ୟ ସଂଜୟ କୁମାର ମିଶ୍ର, ପ୍ରସନ୍ନ କୁମାର ମିଶ୍ର, ବିଜୟ କୁମାର ମହାନ୍ତି, ଅବିନାସ ଦାସ, ସଦାନନ୍ଦ ମଲ୍ଲିକଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବୀ କରିଥିଲେ ।

# ବିଦ୍ୟୁତ ମରାମତି ପାଇଁ ଯାଇଥିବା କର୍ମଚାରୀଙ୍କୁ ଆକ୍ରମଣ

ମାଲକାନଗିରି, ୧/୦୬ (ନି.ପ୍ର): କାଳବୈଶାଖୀ ପରେ ଉପୁଜିଛି ବିଦ୍ୟୁତ ସଙ୍କଟ। ଚାରି ଦିନ ଧରି ଅନ୍ଧାରରେ ରହିଥିବା ଗାଁବାସୀଙ୍କ ଅସନ୍ତୋଷ ଏବେ ଉଗ୍ର ରୂପ ନେଇଛି। ବିଦ୍ୟୁତ ଯୋଗାଣ ବିଳମ୍ବ ହେବାରୁ ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ଅଟକାଇବା ସହ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ପରିସ୍ଥିତିକୁ ସମ୍ଭାଳିବା ପାଇଁ ପୁଲିସ ସୁରକ୍ଷାରେ ମରାମତି ପରେ କର୍ମଚାରିଙ୍କୁ ଉଦ୍ଧାର କରାଯାଇଥିଲା। କାଳବୈଶାଖୀରେ ବଡ଼ବଡ଼ ଗଛ ଉପୁଡ଼ି ପଡ଼ିବା ସହ ବିଦ୍ୟୁତ ତାର ଛିଣ୍ଡିଯାଇଥିଲା। ଫଳରେ ଜିଲ୍ଲାର ଅନେକ ଗାଁରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ତିନି ଦିନ ଧରି ବିଦ୍ୟୁତ ନଥିବାରୁ ଅସହ୍ୟ ଗରମରେ ଲୋକେ ନାକେଦମ ହୋଇପଡ଼ିଛନ୍ତି। ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବାକୁ ବିଭାଗ ପକ୍ଷରୁ କାମ ଚାଲିଥିବା ବେଳେ ଏମ୍.ଭି.-୬ ଗାଁରେ କର୍ମଚାରୀଙ୍କୁ ଅଟକାଇ ରଖାଯାଇଥିଲେ। ସେହିପରି ଏମ୍.ଭି.-୧୫,ଏମଭି-୪୫ ସମେତ କାଲିମେଲା ବ୍ଲକର ବହୁ ବିଦ୍ୟୁତ ବିଭ୍ରାଟ ଦେଖିବାକୁ ମିଳିଥିଲା। ଏମଭି୧୫ ଗାଁରେ ବିଦ୍ୟୁତ କର୍ମଚାରୀଙ୍କୁ ଉପରେ ଆକ୍ରମଣ ପରେ ଘଟଣାର ଖବର ପାଇ ପୁଲିସ ଓ ପ୍ରଶାସନ ଘଟଣାସ୍ଥଳରେ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ବିଦ୍ୟୁତ ବିଭ୍ରାଟର ପ୍ରଭାବ ଯୋଗାଯୋଗ ବ୍ୟବସ୍ଥା ଉପରେ ମଧ ପଡ଼ିଛି। ମୋବାଇଲ ଟାୱାରଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟକ୍ଷମ ନ ରହିବାରୁ ଅନେକ ସ୍ଥାନରେ ନେଟୱର୍କ ସମସ୍ୟା ଦେଖାଦେଇଛି।

# ଭୁବନେଶ୍ୱରରେ ଏବିଭିପିର ତିନିଦିନିଆ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ସମ୍ପନ୍ନ

ଭୁବନେଶ୍ୱର, ୧/୦୬ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ୨୯ରୁ ୩୧ ମେ ପର୍ଯ୍ୟନ୍ତ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଭୂମି ଭୁବନେଶ୍ୱରରେ ସମ୍ପନ୍ନ ହୋଇଛି। ଦେଶର ୪୬ଟି ପ୍ରାନ୍ତରୁ ୪୦୦ରୁ ଅଧିକ ପ୍ରତିନିଧି କାର୍ଯ୍ୟକର୍ତ୍ତା ଏହି ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକରେ ଅଂଶଗ୍ରହଣ କରିଥିଲେ। ବୈଠକରେ 'ଶିକ୍ଷା ସଂସ୍କାରକୁ ଫଳପ୍ରଦ କରିବା ପାଇଁ ଭୂମିସ୍ତରରେ ପ୍ରଭାବୀ କାର୍ଯ୍ୟାନ୍ୱୟନ ଆବଶ୍ୟକ', 'ସଶସ୍ତ୍ର ମାଓବାଦର ଅବସାନ କାଳରେ ସହରୀ ମାଓବାଦ ଏକ ଗମ୍ଭୀର ସମସ୍ୟା', 'ସଂଗଠିତ ଅପରାଧୀ ଓ ଜିହାଦୀ ମାନସିକତା ଦ୍ୱାରା ମହିଳାଙ୍କ ଶୋଷଣ ଓ ଧର୍ମାନ୍ତରଣ ଉପରେ ଲଗାମ' ଏବଂ 'ବୈଶ୍ୱିକ ଅନିଶ୍ଚିତତାର ସମୟରେ ସଂଯମ ଓ ସଜାଗତାର ସାମୂହିକ ରାଷ୍ଟ୍ରୀୟ ସଂକଳ୍ପ ସମୟର ଆବଶ୍ୟକତା' ବିଷୟକ ଚାରିଟି ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ପୂର୍ବରୁ ୨୭ ମେ ତାରିଖରେ ଆୟୋଜିତ କେନ୍ଦ୍ରୀୟ କାର୍ଯ୍ୟସମିତି ବୈଠକରେ 'ଗଣତାନ୍ତ୍ରିକ ମୂଲ୍ୟବୋଧର ପୁନଃସ୍ଥାପନା ପାଇଁ ପଶ୍ଚିମବଙ୍ଗର ଜନମାନସଙ୍କୁ ଅଭିନନ୍ଦନ' ବିଷୟକ ଅଭିନନ୍ଦନ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି, ଏବିଭିପି ଏହି ବୈଠକ ମାଧ୍ୟମରେ ଭାରତୀୟ ଶିଳ୍ପ ଜଗତକୁ ଗବେଷଣା ଓ ବିକାଶ କ୍ଷେତ୍ରରେ ଅଧିକ ନିବେଶ କରିବାକୁ ଆହ୍ୱାନ ଜଣାଇଛି, ଯାହା ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ଦିଗରେ ଗତି ପ୍ରଦାନ କରିବ। ବୈଠକରେ ରାଷ୍ଟ୍ରୀୟ ପରିସ୍ଥିତି, ଶିକ୍ଷା ବ୍ୟବସ୍ଥା, ଯୁବଶକ୍ତିର ଭୂମିକା, ରାଷ୍ଟ୍ରୀୟ ସୁରକ୍ଷା, ସାମାଜିକ-ଆର୍ଥିକ ବିଷୟ ଓ ସମସାମୟିକ ସମସ୍ୟା ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଏହା ସହିତ ଅଖିଳ ଭାରତୀୟ ଚିନ୍ତନ ବୈଠକ ଓ ସାଙ୍ଗଠନିକ ଚିନ୍ତନ ବୈଠକର ନିଷ୍ପତ୍ତିଗୁଡ଼ିକର ସମୀକ୍ଷା, ଅଭିଯାନାତ୍ମକ, କାର୍ଯ୍ୟକ୍ରମାତ୍ମକ ଓ ସାଙ୍ଗଠନିକ କାର୍ଯ୍ୟର ମୂଲ୍ୟାଙ୍କନ ଏବଂ ଆଗାମୀ ବର୍ଷର ବିସ୍ତୃତ କାର୍ଯ୍ୟଯୋଜନା ମଧ ନିର୍ଦ୍ଧାରଣ କରାଯାଇଥିଲା। ଅନ୍ତର୍ରାଜ୍ୟୀୟ ଛାତ୍ର ଜୀବନ ଦର୍ଶନ ର ଗୌରବମୟ ରାଷ୍ଟ୍ରୀୟ ଏକାତ୍ମତା ଯାତ୍ରାର ୬୦ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଭାରତରେ ସିଲ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହା ବ୍ୟତୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ, ଜରୁରୀକାଳ ବିରୋଧର ୫୦ ବର୍ଷ, ଶ୍ରୀ ଗୁରୁ ତେଗବହାଦୁରଙ୍କ ବଳିଦାନ ଦିବସର ୩୫୦ ବର୍ଷ ଏବଂ ସନ୍ଥ ରବିଦାସଜୀଙ୍କ ୬୫୦ତମ ପ୍ରାକଟ୍ୟ ଉତ୍ସବ ଭଳି ବିଭିନ୍ନ ଉପଲକ୍ଷେ ବର୍ଷବ୍ୟାପୀ ଦେଶବ୍ୟାପୀ ଅଭିଯାନ ଚାଲିବ।

# ୨ ମାସ ହେଲାଣି ହିତାଧିକାରୀଙ୍କ ଖାତାକୁ ଆସୁନି ଭତ୍ତା ଟଙ୍କା: ଚିନ୍ତାରେ ହିତାଧିକାରୀ

ଜୟପୁର, ୧/୦୬ (ନି.ପ୍ର): କୋରାପୁଟ ଜିଲାରେ ୨ ମାସ ହେବଣି ଖାତାକୁ ଆସୁନାହିଁ ଭତ୍ତା । ଫଳରେ ଭତ୍ତା ନ ଆସିବାରୁ ଚିନ୍ତାରେ ଅଛନ୍ତି ହିତାଧିକାରି । କୋରାପୁଟ ଜିଲାରେ ହିତାଧିକାରୀଙ୍କ ଖାତାକୁ ୨ ରୁ ୩ ତିନି ମାସ ହେଲାଣି ବ୍ୟାଙ୍କ ଆକାଉଣ୍ଟ ଖାତାକୁ ଭତ୍ତା ଟଙ୍କା ଆସୁନି । ଯାହା ଦ୍ୱାରା ହିତାଧିକାରୀ ଏବେ ନାନା ପ୍ରକାର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଗତ ଦୁଇ ମାସ ହେଲା ଆସିକା ବ୍ଲକର ସମସ୍ତ ଭତ୍ତା ପାଉଥିବା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଭତ୍ତା ଆସି ନଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, କୋରାପୁଟ ଜିଲାରେ ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ଅବିବାହିତ ଝିଅ ଭତ୍ତା, ଛାଡପତ୍ର ଭତ୍ତା, ଦିବ୍ୟାଙ୍ଗ ଏଚ.ଆଇ.ଭି ଭତ୍ତା, ବିଧବା ଏଚ.ଆଇ.ଭି ଭତ୍ତା, କୋଭିଡ ବିଧବା ଭତ୍ତା, କୃଷ୍ଟରୋଗ ଆକ୍ରାନ୍ତ ଭତ୍ତା, ଟ୍ରାନ୍ସଜେଣ୍ଡର ଭତ୍ତା ସାଙ୍ଗକୁ ବିଭିନ୍ନ ଭତ୍ତା ପ୍ରାୟ ୨ ଲକ୍ଷ ହିତାଧିକାରୀ ପାଇ ଆସୁଛନ୍ତି । ବର୍ତ୍ତମାନ ବାର୍ଦ୍ଧକ୍ୟ ଭତା ନ ପାଇ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ୟାଙ୍କ ପର୍ଯ୍ୟନ୍ତ ଦୈନନ୍ଦିନ ଦୌଡି ନିରାଶ ହେଉଛନ୍ତି ଜନତା । ବାର୍ଦ୍ଧକ୍ୟ ଭତ୍ତା ଦେବାରେ ଯୋଜନା ଏବେ ଫେଲ ମାରିଥିବା ବେଳେ ବୃଦ୍ଧ ବୃଦ୍ଧା ଏବେ ଚିନ୍ତା ପ୍ରକଟ କରିଛନ୍ତି । ନୂତନ ସରକାର ଆସିବା ପରେ ଏଭଳି ଅସୁବିଧା ହେଉଥିବା ଅଭିଯୋଗ କରାଯାଉଛି । ଔଷଧ ଖର୍ଚ୍ଚ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଯାବତୀୟ ଖର୍ଚ୍ଚ ପାଇଁ ଅସୁବିଧାର ସମ୍ମୁଖୀନ ସାଙ୍ଗକୁ ଭତ୍ତା ପାଇଁ ହନ୍ତସନ୍ତ ହେଉଛନ୍ତି ଶତାଧିକ ହିତାଧିକାରୀ ।

# ବେଦାନ୍ତ ଆଲୁମିନିୟମ୍ 'ଭେଦକ୍ଷତା'ରେ ନିଯୁକ୍ତିକୁ ସୁଦୃଢ଼ କରିଛି

ଝାରସୁଗୁଡା, ୧/୦୬ (ନି.ପ୍ର): ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ଦକ୍ଷତା ବିକାଶ ପଦକ୍ଷେପ 'ଭେଦକ୍ଷତା' ମାଧ୍ୟମରେ ଝାରସୁଗୁଡାରେ ଯୁବକମାନଙ୍କ ନିଯୁକ୍ତି କ୍ଷମତାକୁ ବୃଦ୍ଧି କରିଛି। ସଂରଚିତ ତାଲିମ ଅଧିବେଶନ, ବ୍ୟବହାରିକ ଶିକ୍ଷ ସମ୍ବୋଧନ ଏବଂ ନିଯୁକ୍ତି ସହାୟତା ମାଧ୍ୟମରେ, କାର୍ଯ୍ୟକ୍ରମ ସେମାନଙ୍କୁ ଶିଳ୍ପ-ପ୍ରାସଙ୍ଗିକ କ୍ଷମତା ସହିତ ସଶକ୍ତ କରିବା ଲକ୍ଷ୍ୟ ରଖୁଛି ଓ ସାମାଜିକ ସଶକ୍ତିକରଣ ଏବଂ ଅର୍ଥନୈତିକ ବିକାଶ ସମାଜ ଏନଜିଓ ସହିତ ସହଭାଗୀତାରେ କାର୍ଯ୍ୟକାରୀ, ଭେଦକ୍ଷତା ହେଉଛି ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ବୈଷୟିକ ଦକ୍ଷତା, କର୍ମକ୍ଷେତ୍ର ପ୍ରସ୍ତୁତି ଏବଂ ଆତ୍ମବିଶ୍ୱାସ ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ଆବାସିକ ଦକ୍ଷତା ବିକାଶ ପଦକ୍ଷେପ ଏହି ଅଂଚଳର ପ୍ରଥମ ଉତ୍ସର୍ଗୀକୃତ ଆବାସିକ ଦକ୍ଷତା କେନ୍ଦ୍ର ମଧ୍ୟରୁ ଗୋଟିଏ ଭାବରେ, ଏହା ବର୍ତମାନ ଖାଦ୍ୟ ଏବଂ ପାନୀୟ ସେବା, ମୋବାଇଲ୍ ମରାମତି ଏବଂ ହାର୍ଡୱେର୍ ଟେକ୍ନିସିଆନ୍ ଟ୍ରେଡରେ ତାଲିମ ପ୍ରଦାନ କରୁଛି। ଯାହା ଯୁବକମାନଙ୍କୁ ଆତିଥ୍ୟ, ଇଲେକ୍ଟ୍ରୋନିକ୍ସ ଏବଂ ଉତ୍ପାଦନ କ୍ଷେତ୍ରରେ ଜୀବିକା ନିର୍ବାହର ସୁଯୋଗ ପାଇବାକୁ ସକ୍ଷମ କରିଛି। ସମ୍ପ୍ରତି, କମ୍ପାନୀ ଏହି ପଦକ୍ଷେପ ଅଧୀନରେ ୬୦ ଜଣ ଯୁବକଙ୍କ ପାଇଁ ତାଲିମର ସଫଳ ସମାପ୍ତିକୁ ଚିହ୍ନିତ କରି ମୋବାଇଲ୍ ମରାମତି ଟେକ୍ନିସିଆନ୍ ଏବଂ ଖାଦ୍ୟ ଏବଂ ପାନୀୟ ଟ୍ରେଡରେ ପ୍ରଶିକ୍ଷାର୍ଥୀଙ୍କ ପାଇଁ ବିଦାୟ ସମାରୋହ ଆୟୋଜନ କରିଥିଲା । ବେଦାନ୍ତ ଆଲୁମିନିୟମର ସିଇଓ ସି ଚନ୍ଦୁ କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ଅର୍ଥପୂର୍ଣ୍ଣ ବିକାଶ ଦୀର୍ଘକାଳୀନ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତାର ସୁଯୋଗ ମାଧ୍ୟମରେ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିବା ସହିତ ଆରମ୍ଭ ହୁଏ ଓ ଭେଦକ୍ଷତା ମାଧ୍ୟମରେ, ଆମେ ସ୍ଥାନୀୟ ଯୁବକମାନଙ୍କୁ ବ୍ୟବହାରିକ ଦକ୍ଷତା, ଶିଳ୍ପ ସମ୍ପ୍ରସାରଣ ଏବଂ ସ୍ଥାୟୀ ଜୀବିକା ନିର୍ବାହର ପଥ ହାସଲ କରିବାରେ ସକ୍ଷମ କରୁଛୁ । ବଜାର ଆବଶ୍ୟକତା ସହିତ ସେମାନଙ୍କର ତାଲିମକୁ ସମନ୍ୱିତ କରି, ନିଯୁକ୍ତିକୁ ସୁଦୃଢ଼ କରିବାକୁ ଚେଷ୍ଟା କରୁଛୁ । ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର ସାମୁଦାୟିକ ବିକାଶ ପଦକ୍ଷେପଗୁଡ଼ିକ ବର୍ତ୍ତମାନ ୬୧ଟି ଗାଁର ୭ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି ଯାହାକି ଜୀବିକା, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳ ଏବଂ ପରିମଳ, ସାମୁଦାୟିକ ଭିତ୍ତିଭୂମି, କ୍ରୀଡା ଏବଂ ସଂସ୍କୃତି ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରୁଛି। କମ୍ପାନୀ ଭେଦକ୍ଷତାର ସଂରଚିତ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସହାୟତାକୁ ବିସ୍ତାର କରି ୪୫୦ ଜଣ ଯୁବକଙ୍କୁ ଲାଭ ପହଞ୍ଚାଇବା, ଓଡ଼ିଶାରେ ଶିଳ୍ପ ପାଇଁ ପ୍ରସ୍ତୁତ ପ୍ରତିଭାଙ୍କ ବୃଦ୍ଧିରେ ଯୋଗଦାନ ଏବଂ ଝାରସୁଗୁଡା ଜିଲ୍ଲା ମଧ୍ୟରେ ସ୍ଥାନୀୟ ନିଯୁକ୍ତି ଫଳାଫଳରେ ନିରନ୍ତର ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖୁଛି।

# ପୁରୁଷମାନଙ୍କ ଓଜନ ଶୀଘ୍ର କମିବାର ସବୁଠାରୁ ବଡ଼ କାରଣ ଜାଣନ୍ତୁ

**ଆପଣ କେବେ ଲକ୍ଷ୍ୟ କରିଛନ୍ତି କି, ସମାନ ଡାଏଟ୍ ଓ ବ୍ୟାୟାମ କରିବା ସତ୍ତ୍ୱେ ପୁରୁଷମାନେ ମହିଳାଙ୍କ ତୁଳନାରେ ଶୀଘ୍ର ଓଜନ କମାଇଥାନ୍ତି ? ଏହା ଏକ ସାଧାରଣ ଘଟଣା ଏବଂ ଏହା ପଛରେ ପରିଶ୍ରମର ଅଭାବ ନୁହେଁ, ବରଂ ଶରୀରର ଗଠନ, ହରମୋନ୍ ଓ ଜୀବକ୍ରିୟାରେ ଥିବା ମୌଳିକ ପାର୍ଥକ୍ୟ ଦାୟୀ । ଆସନ୍ତୁ ଜାଣିବା ଏହି ୫ଟି ପ୍ରମୁଖ କାରଣ ବିଷୟରେ, ଯାହା ପୁରୁଷ ଓ ମହିଳାଙ୍କ ଓଜନ ହ୍ରାସ ପ୍ରକ୍ରିୟାକୁ ଭିନ୍ନ କରିଥାଏ ।**



ମାଂସପେଶୀର ପରିମାଣ ଓ ମେଟାବୋଲିଜିମ୍ : ପୁରୁଷମାନଙ୍କ ଓଜନ ଶୀଘ୍ର କମିବାର ସବୁଠାରୁ ବଡ଼ କାରଣ ହେଉଛି ସେମାନଙ୍କ ଶରୀରରେ ଥିବା ଅଧିକ ମାଂସପେଶୀ । ପ୍ରକୃତିଗତ ଭାବରେ ପୁରୁଷଙ୍କ ଶରୀରରେ ମାଂସପେଶୀର ପରିମାଣ ମହିଳାଙ୍କ ତୁଳନାରେ ଅଧିକ ଥାଏ । ମାଂସପେଶୀ, ଚର୍ବି ତୁଳନାରେ ଅଧିକ କ୍ୟାଲୋରୀ ଖର୍ଚ୍ଚ କରେ । ଏପରିକି ବିଶ୍ରାମ ନେଉଥିବା ସମୟରେ ମଧ । ଏହାକୁ 'ବେସାଲ୍ ମେଟାବୋଲିକ୍ ରେଟ୍' କୁହାଯାଏ । ଅଧିକ ମାଂସପେଶୀ ଯୋଗୁଁ ପୁରୁଷଙ୍କ ଇଗଜ ଅଧିକ ହୋଇଥାଏ । ତେଣୁ ସେମାନଙ୍କ ଶରୀର ସ୍ୱାଭାବିକ ଭାବେ ଅଧିକ କ୍ୟାଲୋରୀ ଜାଳିଥାଏ । ଯାହା ଓଜନ ହ୍ରାସରେ ସହାୟକ ହୁଏ ।

ହରମୋନ୍‌ର ଭୂମିକା: ହରମୋନ୍ ଓଜନ ହ୍ରାସ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ପୁରୁଷଙ୍କ ଶରୀରରେ 'ଟେଷ୍ଟୋଷ୍ଟେରନ୍' ନାମକ ହରମୋନ୍ ଅଧିକ ଥାଏ, ଯାହା ମାଂସପେଶୀ ଗଠନ କରିବାରେ ଏବଂ ମେଟାବୋଲିଜିମ୍‌କୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରେ । ଅନ୍ୟପଟେ, ମହିଳାଙ୍କ ଶରୀରରେ 'ଇଷ୍ଟ୍ରୋଜେନ୍' ହରମୋନ୍ ଅଧିକ ଥାଏ, ଯାହା ଶରୀରରେ ଚର୍ବି ସଂରକ୍ଷିତ କରି ରଖିବାକୁ ପ୍ରୋତ୍ସାହିତ କରେ । ବିଶେଷ କରି ପ୍ରଜନନ ପାଇଁ ଜଙ୍ଘ, ନିତମ୍ବ ଓ ପେଟର ତଳ ଭାଗରେ । ଏହା ବ୍ୟତୀତ, ମହିଳାଙ୍କ ମାସିକ ଧର୍ମଚକ୍ର ସମୟରେ ହରମୋନ୍‌ର ପରିବର୍ତ୍ତନ ଯୋଗୁଁ ଖାଇବାର ଇଚ୍ଛା, ଶକ୍ତି ସ୍ତର ଏବଂ ଶରୀରରେ ଜଳୀୟଅଂଶ ବଢ଼ିଥାଏ, ଯାହା ଓଜନ ହ୍ରାସ ପ୍ରକ୍ରିୟାକୁ ପ୍ରଭାବିତ କରେ ।

ଚର୍ବି ଜମା ହେବାର ଶୈଳୀ: ପୁରୁଷ ଓ ମହିଳାଙ୍କ ଶରୀରରେ ଚର୍ବି ଜମା ହେବାର ସ୍ଥାନ ଭିନ୍ନ ଭିନ୍ନ । ପୁରୁଷଙ୍କ ଶରୀରରେ ଚର୍ବି ମୁଖ୍ୟତଃ ପେଟ ଚାରିପାଖେ ଜମା ହୋଇଥାଏ (ସେଓ ଆକୃତି ), ଯାହାକୁ 'ଭିସେରାଲ୍ ଫ୍ୟାଟ୍' କୁହାଯାଏ । ଏହି ପ୍ରକାର ଚର୍ବି ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ ହେଲେ ମଧ ମେଟାବୋଲିକାଲି ଅଧିକ ସକ୍ରିୟ । ଅର୍ଥାତ୍ ଏହା ଶୀଘ୍ର ଭାଙ୍ଗି ଶକ୍ତିରେ ପରିଣତ ହୋଇପାରେ । ଏହା ତୁଳନାରେ, ମହିଳାଙ୍କ ଶରୀରରେ ଚର୍ବି ଜଙ୍ଘ, ନିତମ୍ବ ଓ ପେଟର ତଳ ଭାଗରେ ଜମା ହୋଇଥାଏ । ଯାହାକୁ 'ସବକ୍ୟୁଟାନିଅସ୍ ଫ୍ୟାଟ୍' କୁହାଯାଏ । ଏହି ଚର୍ବି କମାଇବା ଅପେକ୍ଷାକୃତ କଷ୍ଟକର ।

ଶରୀରର ଆକାର ଓ ଗଠନ: ସାଧାରଣତଃ ପୁରୁଷମାନେ ମହିଳାଙ୍କ ତୁଳନାରେ ଉଚ୍ଚତା ଓ ଆକାରରେ ବଡ଼ ହୋଇଥାନ୍ତି । ଏକ ବଡ଼ ଶରୀରକୁ ପରିଚାଳନା କରିବା ପାଇଁ ଅଧିକ ଶକ୍ତି ବା କ୍ୟାଲୋରୀର ଆବଶ୍ୟକତା ପଡ଼େ । ତେଣୁ, ସମାନ କାମ କଲେ ମଧ ଜଣେ ପୁରୁଷ ଜଣେ ମହିଳାଙ୍କ ତୁଳନାରେ ଅଧିକ କ୍ୟାଲୋରୀ ଖର୍ଚ୍ଚ କରନ୍ତି । ଯାହା ଓଜନ ହ୍ରାସରେ ସେମାନଙ୍କୁ ସାହାଯ୍ୟ କରେ ।

ମାନସିକ ଓ ଭାବନାତ୍ମକ କାରଣ : ଓଜନ ହ୍ରାସ କେବଳ ଶାରୀରିକ ନୁହେଁ, ଏକ ମାନସିକ ପ୍ରକ୍ରିୟା ମଧ । ଅନେକ ସମୟରେ ମହିଳାମାନେ ଭାବନାତ୍ମକ ଭୋଜନର ଶିକାର ହୁଅନ୍ତି । ଯାହା ହରମୋନ୍‌ର ପରିବର୍ତ୍ତନ ସହ ଜଡ଼ିତ । ମାନସିକ ଚାପ, ଚିନ୍ତା ଏବଂ ଖାଦ୍ୟକୁ ନେଇ ସୃଷ୍ଟି ହେଉଥିବା ଇଚ୍ଛା ମହିଳାଙ୍କୁ ଅଧିକ ପ୍ରଭାବିତ କରିପାରେ । ଯାହା ଡାଏଟ୍ ଯୋଜନାକୁ ବାଧା ଦେଇଥାଏ ।

**ଶେଷରେ କହିବାକୁ ଗଲେ, ପୁରୁଷମାନଙ୍କର ଓଜନ ହ୍ରାସ ଯାତ୍ରା ଆରମ୍ଭରୁ ଦ୍ରୁତ ହୋଇପାରେ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏହା ସହଜ ବା ଉନ୍ନତ । ମହିଳାମାନେ ନିରାଶ ନ ହୋଇ ନିଜ ଶରୀରର ଆବଶ୍ୟକତାକୁ ବୁଝିବା ଉଚିତ୍ ।**

# ଓଜନ ହ୍ରାସରେ ସହାୟକ ହୁଏ ଚା'



ଅଧିକାଂଶ ଲୋକେ ଚା'କୁ ସକାଳ ସନ୍ଧ୍ୟା ପାନୀୟ ଭାବେ ପିଉଥିବାର ଦେଖାଯାଏ। ତାଲିକାରେ ଭାରତ, ବ୍ରିଟେନ ଓ ଆମେରିକାର ଲୋକେ ଶୀର୍ଷରେ ଅଛି। ବିଶେଷଜ୍ଞଙ୍କ ମତରେ, ଚା' ପିଇବା ଉପାକରୀ ହେଲେ ଅଧଧିକ ପରିମାଣରେ ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ନିକଟରେ ମେକ୍ସିକୋର ଖାଦ୍ୟ ବିଶେଷଜ୍ଞଙ୍କ ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି ଯେ ବିଭିନ୍ନ ପ୍ରକାରର ଚା' ପିଇଲେ ଓଜନ ହ୍ରାସ ହୋଇଥାଏ। ଏହି ବିଭିନ୍ନ ସ୍ୱାଦର ଚା' ମଧ୍ୟରେ ରହିଛି

ଗ୍ରୀନଟି: ସମସ୍ତ ବର୍ଗର ବ୍ୟକ୍ତି ଗ୍ରୀନଟି ଦିନକୁ ଅନ୍ତତଃ ଥରୁଟିଏ ପିଇଲେମ ଧ୍ୟ ସମୋନଙ୍କ ଓଜନ ନିୟନ୍ତ୍ରିତ ହୋଇଥାଏ।

ଏଥିରେ ଥିବା ପ୍ରଚୁର ପରିମାଣର ଆଂଟି-ଅକ୍ସିଡାଣ୍ଟ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ପରୀକ୍ଷାରୁ ପ୍ରକାଶିତ ଯେ ନିୟମିତ ଗ୍ରୀନଟି ପିଇବା ଦ୍ୱାରା ଦନୈକ ୭୦ କ୍ୟାଲୋରୀ ଓଜନ ହ୍ରାସହୁଏ। ପିପରମିଣ୍ଟ ଟି: ଜାପାନ ଓ ଚୀନର କେତେକ ପ୍ରାନ୍ତରେ ଏହି ଚା'ର ଲୋକପ୍ରିୟତା ରହିଛି। ନିୟମିତ ଭାବେ ଏହି ଚା' ପିଇଲେ ଅମ୍ଳ ରୋଗ ମଧ୍ୟ ନିୟନ୍ତ୍ରିତ ହେଉଥିବାର ବିଶେଷଜ୍ଞଙ୍କ ମତ। ଓଲନ୍ଦ ଚା: ଚୀନରେ ଉପଲବ୍ଧ ହେଉଥିବା ଏହି ବିଶେଷ ସ୍ୱାଦର ଚା' ପିଇଲେ ପେଟ ଚର୍ବି କମ୍ ହେଉଥିବାର ପରୀକ୍ଷାରୁ ପ୍ରକାଶିତ। ସେଠା ଯୁବପିଢ଼ି ଏହି ଚା' ନିୟମିତ ଭାବେ ପିଇଥାନ୍ତି। ବିଶ୍ୱସ୍ତରରେ ଓଲଙ୍ଗ ଚା' ବେଶ୍ ଲୋକପ୍ରିୟତା ରିହଛି। ବ୍ଲାକ୍ ଟି: କମ ସମୟ ମଧ୍ୟରେ ଓଜନ କମ୍ କରିବାକୁ ଚାହୁଁଥିବା ଲୋକଙ୍କ ନିମନ୍ତେ ଏହା ଏକ ଉତ୍ତମ ପାନୀୟ। ସକାଳବେଳା ଥରୁଟିଏ ଏହି ଚା' ପିଇଲେ ଦୈନିକ ୬୦ କ୍ୟାଲୋରୀ ଓଜନ ହ୍ରାସ ପାଇଥାଏ ବୋବଲି ବିଶେଷଜ୍ଞଙ୍କ ମତ।



# ଭୁଲରେ ଓଭନରେ ଗରମ କରଂତୁନି ଏହି ୫ଟି ଖାଦ୍ୟ : ହୋଇପାରେ ଫୁଡ୍ ପଏଜନିଙ୍ଗ

**ଅଧିକାଂଶ ଲୋକ ଗରମ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ଅନ୍ୟପଟେ ଶୀତଦିନେ ପ୍ରାୟ ସମସ୍ତେ ଗରମ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ଏପରି ପରିସ୍ଥିତିରେ ଖାଦ୍ୟ ପ୍ରସ୍ତୁତ ହେବା ପରେ ତୁରନ୍ତ ଖାଇବା ସର୍ବୋତ୍ତମ ଉପାୟ । କିନ୍ତୁ ଯଦି ଆପଣ କୌଣସି କାରଣରୁ ତାହା କରିବାକୁ ଅସମର୍ଥ, ଖାଦ୍ୟକୁ ଗରମ କରିବାରେ ଭୁଲ କରନ୍ତୁ ନାହିଁ । ଅନେକ ବିଶେଷଜ୍ଞ ଖାଦ୍ୟକୁ ବାରମ୍ବାର ଗରମ କରିବାକୁ ମଧ ବାରଣ କରନ୍ତି । ବିଶ୍ୱାସ କରାଯାଏ ଯେ ଏହା କରିବା ଦ୍ୱାରା ଖାଦ୍ୟର ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ । ଏହା ସହିତ ଖାଦ୍ୟରେ ଏପରି ଜୀବାଣୁଙ୍କ ସଂଖ୍ୟା ବଢିବାରେ ଲାଗେ ଯାହା ଖାଦ୍ୟକୁ ବିଷାକ୍ତ କରିଥାଏ । ଯେତେବେଳେ ଆପଣ ମାଇକ୍ରୋୱେଭରେ ଖାଦ୍ୟ ଗରମ କରନ୍ତି ଏହି ବିପଦ ଆହୁରି ବଢିଥାଏ । କିଛି ଖାଦ୍ୟ ଅଛି ଯାହାକୁ ଆପଣ ମାଇକ୍ରୋୱେଭରେ ଗରମ କରିବାରୁ ଦୂରେଇ ରଖନ୍ତୁ । କାରଣ ଏହା ପେଟରେ ଗ୍ୟାସ୍, ପେଟ ବ୍ୟଥା, ଫୁଡ ପଏଜନିଙ୍ଗ ଏବଂ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରିପାରେ ।**



### ଅଣ୍ଡାକୁ ଓଭନରେ ଗରମ କରନ୍ତୁନି

ଓମଲେଟ୍ କିମ୍ବା ସ୍କ୍ରାମବ୍ଲେଡ୍ ଥଣ୍ଡା ହୋଇଗଲା ପରେ ସାଧାରଣତଃ ଲୋକମାନେ ଏହାକୁ ଓଭନରେ ରଖି ଶୀଘ୍ର ଗରମ କରନ୍ତି । କିନ୍ତୁ ଅଳ୍ପ ସମୟ ପାଇଁ ଥଣ୍ଡା ହୋଇଥିବା ଅଣ୍ଡାକୁ ଗରମ କରିବା ବିପଜ୍ଜନକ ହୋଇପାରେ । ଯଦି ଆପଣ ଅଣ୍ଡା ପ୍ରସ୍ତୁତ ଖାଦ୍ୟ ଗରମ କରନ୍ତି, ତେବେ ସଲମୋନେଲା ପରି ଜୀବାଣୁ ଶୀଘ୍ର ବଢିପାରନ୍ତି ଏବଂ ଖାଦ୍ୟ ବିଷାକ୍ତ ହୋଇଯାଏ ।

### ଓଭନରେ ଆଳୁ ଗରମ କରନ୍ତୁ ନାହିଁ

ଆଳୁକୁ ଦ୍ୱିତୀୟ ଥର ଗରମ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହୋଇପାରେ । କାରଣ ଆଳୁରେ ଥିବା ଜୀବାଣୁ ସି ବଟୁଲିନମ୍ ବଢିବା ପାଇଁ ଓଭନ ଏକ ଅନୁକୂଳ ପରିବେଶ ଯୋଗାଇଥାଏ । ଯାହା ଖାଦ୍ୟକୁ ବିଷାକ୍ତ କରିଥାଏ ।

### ବଳକା ଚିକେନ ଗରମ କରନ୍ତୁ ନାହିଁ

ଯଦି ରାତିରେ ପ୍ରସ୍ତୁତ ଚିକେନ ସକାଳେ ରହି ଯାଇଥାଏ, ତେବେ ଏହାକୁ ଗରମ କରି ଖାଇବା ଅପେକ୍ଷା ଏହାକୁ ଫୋପାଡ଼ି ଦେବା ଭଲ । କିମ୍ବା ଗ୍ୟାସରେ ମଧମ ତାପମାତ୍ରାରେ ଏହାକୁ ଧୀରେ ଧୀରେ ଗରମ କରାଯିବା ଉଚିତ ଯାହା ଦ୍ୱାରା ଏହାର ସମସ୍ତ ଜୀବାଣୁ ନଷ୍ଟ ହୋଇଯାଆନ୍ତି । କିନ୍ତୁ ମନେରଖନ୍ତୁ ଚିକେନକୁ ଶୀଘ୍ର ଗରମ କରିବା ପାଇଁ ଓଭନରେ ରଖନ୍ତୁ ନାହିଁ, କାରଣ ଚିକେନରେ ଥିବା ପ୍ରୋଟିନ୍ ବିଷାକ୍ତ ହେବାକୁ ଲାଗେ । ଯେଉଁ କାରଣରୁ ପେଟରେ ଏସିଡିଟି ସୃଷ୍ଟି ହେବାର ଆଶଙ୍କା ଥାଏ କିମ୍ବା ପେଟ ବ୍ୟଥା ହେବାର ସମ୍ଭାବନା ଥାଏ ।

### ଓଭନରେ ଚାଉଳ ଗରମ କରିବା ଭୁଲ୍

ଚାଉଳକୁ ଗରମ କରିବା ବିପଦଜନକ କାରଣ ଏହା ରୋଗ ସୃଷ୍ଟି କରୁଥିବା ଜୀବାଣୁ ବୃଦ୍ଧି କରିଥାଏ । ସେଥିପାଇଁ ଚାଉଳକୁ ଗରମ କରିବା ଠାରୁ ଦୂରେଇ ରହିବା ଉଚିତ୍ । ଯଦି ଆପଣ ଏହାକୁ ଗରମ ଖାଇବାକୁ ଚାହୁଁଛନ୍ତି, ତେବେ ଏହାକୁ ଫ୍ରିଜରୁ ବାହାର କରି ଏହାକୁ ଓଭନରେ ରଖନ୍ତୁ ନାହିଁ । ସାଧାରଣ ତାପମାତ୍ରାକୁ ଆସିବା ପରେ ଏହାକୁ ଗ୍ୟାସରେ ଗରମ କରନ୍ତୁ ।

### ସାମୁଦ୍ରିକ ଖାଦ୍ୟକୁ ଗରମ କରନ୍ତୁ ନାହିଁ

ସତେଜ କିମ୍ବା ରନ୍ଧା ହୋଇଥିବା ସାମୁଦ୍ରିକ ଖାଦ୍ୟ ଯଦି ୨ ଘଣ୍ଟାରୁ ଅଧିକ ସମୟ ଫ୍ରିଜରେ ରହିନଥାଏ ତେବେ ଏହାକୁ ଖାଆନ୍ତୁ ନାହିଁ । ଯଦି ଏହାକୁ ଥଣ୍ଡା ତାପମାତ୍ରାରେ ରଖାଯାଏ ନାହିଁ ତେବେ ସମୁଦ୍ର ଖାଦ୍ୟରେ ବ୍ୟାକ୍ଟେରିଆ ବଢିପାରେ । ଯାହା ଗରମ କରିବା ପରେ ମଧ ମରନ୍ତି ନାହିଁ ଏବଂ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରନ୍ତି ।

# ଘରେ ରଖୁଥିବା ଝାଡୁ ଜୀବନ ବଦଳାଇ ପାରେ: ଜାଣନ୍ତୁ କିଛି ଜରୁରୀ ଟିପ୍ସ



**ସାଧାରଣତଃ ଘରେ ଝାଡୁର ବ୍ୟବହାର ସଫା କାର୍ଯ୍ୟରେ ଲାଗିଥାଏ । ହେଲେ ଆପଣ ଜାଣିଛନ୍ତି କି, ଏହା ଘରେ ସୁଖ ଶାନ୍ତି ବି ଆଣିପାରେ ? ବାସ୍ତୁଶାସ୍ତ୍ରରେ ଝାଡୁକୁ ନେଇ କିଛି ନିୟମ ରହିଛି । ଯେଉଁ ନିୟମକୁ ପାଳନ କଲେ ଆମେ ଘରର ଭାଗ୍ୟ ବଦଳାଇ ପାରିବା । ହିନ୍ଦୁ ଶାସ୍ତ୍ରରେ ଲୋକେ ଝାଡୁକୁ ମା ଲକ୍ଷ୍ମୀ ବୋଲି ମାନନ୍ତି । ଧନତ୍ରୟୀ ପର୍ବରେ ଝାଡୁକୁ ଘର ପାଇଁ ମଧ କିଣାଯାଇଥାଏ । ତେବେ ଜାଣି ରଖନ୍ତୁ ଘରର କେଉଁ ଦିଗରେ ଝାଡୁ ରଖିବେ ଏବଂ ଝାଡୁକୁ ନେଇ କଣ ଟିପ୍ସ ରହିଛି ।**

ତେବେ ହିନ୍ଦୁ ମାନ୍ୟତା ଅନୁସାରେ, ଝାଡୁକୁ ଠିଆ କରି ରଖିବା ଆଦୌ ଉଚିତ ନୁହେଁ । ଠିଆ ହୋଇଥିବା ଝାଡୁ ଦରିଦ୍ରତା ବଢାଇଥାଏ । ଏହା ବଦଳରେ ଝାଡୁକୁ ଶୁଆଇ ରଖିବାକୁ ଅଧିକ ଶୁଭ ବୋଲି ଧରାଯାଏ। ଏହାଛଡା ଝାଡୁକୁ କେଉଁ ଦିଗରେ ରଖିବା ତାକୁ ମଧ ଜାଣିବା ଅତ୍ୟନ୍ତ ଜରୁରୀ। ଝାଡୁର ମୁହଁ ପଶ୍ଚିମ ଦିଗ ବା ଉତ୍ତର-ପଶ୍ଚିମ ଦିଗ ଆଡ଼କୁ କରି ରଖିବାକୁ ଚେଷ୍ଟା କରନ୍ତୁ।

ବାସ୍ତୁ ଅନୁସାରେ, ଝାଡୁ କେବେ ବି ଐସାନ୍ୟ କୋଣ ବା ରୋଷେଇ ଘରେ ରଖନ୍ତୁ ନାହିଁ । ଏହାକୁ ଛାତ ବା ବାହାରେ ରଖନ୍ତୁ ନାହିଁ । ନଚେତ ଚୋରୀ ଓ ଘରର କ୍ଷୟ କ୍ଷତି ହୋଇଥାଏ। ଯଦି ଆପଣଙ୍କ ଘରେ ଝାଡୁଟି ପୁରୁଣା ହୋଇ ଯାଇଛି ଏବଂ ଏହାକୁ ଫୋପାଡ଼ିବାକୁ ଚାହୁଁଛନ୍ତି ତେବେ ଶନିବାର ବା ଅମାବାସ୍ୟାରେ ପକାନ୍ତୁ । ନଚେତ ହୋଲି ଦିନ ବା ଗ୍ରହଣ ପରେ ଫୋପାଡ଼ି ଦିଅନ୍ତୁ ।

ଝାଡୁକୁ ନେଇ ବାସ୍ତୁଶାସ୍ତ୍ର କହୁଛି ଯେ, ଯେଉଁଠାରେ ଆପଣ ଖାଉଛନ୍ତି ସେଠାରେ ଝାଡୁ ରଖିବା ଆବଶ୍ୟକ ନୁହେଁ । କାରଣ ଏଥିରେ ଦାନାପାଣି ଉପରେ ଏହା ପ୍ରଭାବ ପକାଇଥାଏ। ଏହାସହ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଠିକ ରହି ନଥାଏ। ସୂର୍ଯ୍ୟାସ୍ତ ପରେ ଯଦି ଘରକୁ ଝାଡୁ କରୁଛନ୍ତି ତେବେ ଏଥିରେ ଧନ ହାନି ଘଟିଥାଏ ।

# ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ ଖା'ନ୍ତୁ ଏହି ସବୁ ଖାଦ୍ୟ

ପୁଷ୍ଟିକର ଖାଦ୍ୟ ଏବଂ ଉତ୍ତମ ଜୀବନଶୈଳୀ ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣ କରିହେବ। ରକ୍ତଚାପକୁ ନିୟନ୍ତ୍ରଣ କରିବା ପାଇଁ ପୋଟାସିଅମର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ। ଏଥିରେ ଥିବା ମାଇକ୍ରୋନ୍ୟୁଟ୍ରିଏଣ୍ଟ ଶରୀରରେ ସୋଡିୟମର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ରକ୍ତ କଣିକା ଉପରେ ମଧ ଏହାର ସକରାତ୍ମକ ପ୍ରଭାବ ପଡିଥାଏ, ଯେଉଁ କାରଣରୁ ରକ୍ତଚାପକୁ ନିୟନ୍ତ୍ରଣ କରାଯାଇପାରିବ । ପୋଟାସିୟମ୍ ଯୁକ୍ତ ଖାଦ୍ୟ ଚିନ୍ତା ଏବଂ ଚାପରୁ ମୁକ୍ତି ଦେଇଥାଏ । ଆମର ରକ୍ତଚାପ ଉପରେ ଆମ ଖାଦ୍ୟର ସିଧାସଳଖ ପ୍ରଭାବ ପଡିଥାଏ । ତେବେ ଯଦି ଆପଣ ମଧ ହାଇ ବ୍ଲଡ ପ୍ରେସରର ଶିକାର ହୋଇଥା'ନ୍ତି ତେବେ ନିଜ ଦୈନନ୍ଦିନ ଖାଦ୍ୟ ପଦାର୍ଥରେ ପୋଟାସିଆମ୍‌ରେ ଭରପୁର ଥିବା ଖାଦ୍ୟକୁ ସାମିଲ କରନ୍ତୁ। ତେବେ ଆସନ୍ତୁ ଜାଣିବା କେଉଁ କେଉଁ ପୋଟାସିଅମ ଯୁକ୍ତ ଖାଦ୍ୟକୁ ଡାଏଟ୍‌ରେ ସାମିଲ କରିବା ଉଚିତ। କଦଳୀ ହେଉଛି ଏକ ସାଧାରଣ ଫଳ, ଯାହାକୁ ଆପଣ ବର୍ଷସାରା ସହଜରେ ପାଇପାରିବେ। ଏହା ପୋଟାସିୟମର ଏକ ଉତ୍ତମ ଉତ୍ସ। କଦଳୀ ହଜମ ଶକ୍ତିକୁ





ବଢ଼ାଇଥାଏ। ଏଥିରେ ଭିଟାମିନ୍ ସି ରହିଛି । ଏହା ଏକ ସୁସ୍ଥ ଖାଦ୍ୟ, ଯାହା ଆପଣଙ୍କୁ ଭୋକ ସହିତ ମୁକାବିଲା କରିବାରେ ସାହାଯ୍ୟ କରିଥାଏ । କଦଳୀରେ ଫାଇବର ମଧ ରହିଥାଏ ଯାହା ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିବାକୁ ଦିଏ ନାହିଁ। ଏଥିରେ ପୋଟାସିଅମର ମାତ୍ରା ମଧ ଭରପୁର ରହିଛି, ଯାହାକୁ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହେ। ଶାଗ ତଥା ପତ୍ରଯୁକ୍ତ ଆହାର ଦୈନନ୍ଦିନ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହେବା ଉଚିତ। ନିଜ ଆହରକୁ ପର୍ଯ୍ୟାପ୍ତ ପୋଷକ ତତ୍ତ୍ୱରେ ସାମିଲ କରିବା ପାଇଁ ନିୟମିତ ରୂପେ ପତ୍ରଯୁକ୍ତ ଖାଦ୍ୟ ତଥା ଶାଗ ଖାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି।

# ସିବିଏସଇର 'ଅନ୍-ସ୍କ୍ରିନ୍ ମାର୍କିଂ' ବିଫଳତା: ପ୍ରଶ୍ନଘେରରେ ଦେଶର ସର୍ବବୃହତ୍ ଶିକ୍ଷା ବୋର୍ଡ

ଚଳିତ ବର୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ଏହାର ମୂଲ୍ୟାୟନ ବ୍ୟବସ୍ଥାକୁ ନେଇ ସାରା ଦେଶରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଉତ୍ତରଖାତା ମୂଲ୍ୟାୟନରେ ବ୍ୟାପକ ତ୍ରୁଟି ଏବଂ ପୁନଃ-ମୂଲ୍ୟାୟନ ପ୍ରକ୍ରିୟାରେ ବୈଷୟିକ ବିଭ୍ରାଟ ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଛି । ଚଳିତ ବର୍ଷ ସିବିଏସଇର ପାସ୍ ହାର ଗତ ବର୍ଷର ୮୮.୩୯ ପ୍ରତିଶତରୁ ଖସି ୮୫.୨୯ ପ୍ରତିଶତରେ ପହଞ୍ଚିଛି ଏବଂ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ମେଧାବୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ ଯଥେଷ୍ଟ ହ୍ରାସ ପାଇଛି । ଏହି ଅପ୍ରତ୍ୟାଶିତ ଫଳାଫଳର ମୁଖ୍ୟ କାରଣ ଭାବରେ ନୂତନ ଭାବେ ପ୍ରଚଳିତ 'ଅନ୍-ସ୍କ୍ରିନ୍ ମାର୍କିଂ' (ଓଏସଏମ) ବା ଡିଜିଟାଲ୍ ମୂଲ୍ୟାୟନ ବ୍ୟବସ୍ଥାକୁ ଦାୟୀ କରାଯାଉଛି । ପରିସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ତରଖାତା ମୂଲ୍ୟାୟନରେ ହୋଇଥିବା ତ୍ରୁଟି ପାଇଁ ନିଜେ ଦାୟିତ୍ୱ ନେଇଥିବା ବେଳେ, ଶିକ୍ଷା ବିଭାଗର ସଂସଦୀୟ ସ୍ଥାୟୀ କମିଟି ହସ୍ତକ୍ଷେପ କରି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ସିବିଏସଇ ଅଧ୍ୟକ୍ଷ ରାହୁଲ ସିଂହଙ୍କୁ ଜୁନ୍ ୨ ତାରିଖରେ ହେବାକୁ ଥିବା ଏକ ସ୍ୱତନ୍ତ୍ର ବୈଠକରେ ହାଜର ହେବାକୁ ସମନ ଜାରି କରିଛନ୍ତି ।

ଏହି ସମଗ୍ର ବିବାଦର କେନ୍ଦ୍ରବିନ୍ଦୁ ପାଲଟିଥିବା ଓଏସଏମ ହେଉଛି ପରୀକ୍ଷା ଖାତାର ଏକ ଅତ୍ୟାଧୁନିକ ଡିଜିଟାଲ୍ ମୂଲ୍ୟାୟନ ପ୍ରକ୍ରିୟା, ଯେଉଁଥିରେ ହାତଲେଖା ଉତ୍ତରଖାତାଗୁଡ଼ିକୁ ସ୍କାନ୍ କରାଯାଇ ପରିଚୟ ଗୋପନ ରଖାଯାଏ ଏବଂ ଅନଲାଇନରେ ଅପଲୋଡ୍ କରାଯାଏ । ଶିକ୍ଷକମାନେ କଲମ ବଦଳରେ ଏକ ନିର୍ଦ୍ଦିଷ୍ଟ ପୋର୍ଟାଲରେ ଲଗ୍-ଇନ୍ କରି କମ୍ପ୍ୟୁଟର ସ୍କ୍ରିନ୍ ମାଧ୍ୟମରେ ଭିଡିଓ ସର୍ଭେଲାନ୍ସ ନିଗରାଣରେ ଉତ୍ତରଖାତା ଯାଞ୍ଚ କରିଥାନ୍ତି । ସିବିଏସଇ ୨୦୧୩-୧୪ ମସିହାରେ ଏହାକୁ ଏକ ଛୋଟ ସ୍ତରରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରିଥିଲା, ମାତ୍ର ପର୍ଯ୍ୟାପ୍ତ ଡିଜିଟାଲ୍ ଭିତ୍ତିଭୂମି ଅଭାବରୁ ତାହା ବିଫଳ ହୋଇଥିଲା । ୨୦୨୪-୨୫ ଶିକ୍ଷାବର୍ଷରେ କମ୍ ଛାତ୍ରଛାତ୍ରୀ ଥିବା ବିଷୟଗୁଡ଼ିକରେ ଏହାକୁ ପୁନର୍ବାର ପରୀକ୍ଷାମୂଳକ ଭାବେ ଲାଗୁ କରିବାକୁ ପ୍ରସ୍ତାବ ଥିଲା । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ, ସିବିଏସଇ ନିଜ ପରିଚାଳନା କମିଟିର ବିଶେଷଜ୍ଞ ପରାମର୍ଶକୁ ଅଣଦେଖା କରି କୌଣସି ପର୍ଯ୍ୟାପ୍ତ ପାଇଲଟ୍ ଟେଷ୍ଟିଂ ବିନା ୨୦୨୬ ମସିହାରେ ସମସ୍ତ ବିଷୟ ପାଇଁ ଏକାସାଙ୍ଗରେ ଓଏସଏମକୁ ଲାଗୁ କରିଦେଲା । ଫେବୃଆରୀ ୧୭ ତାରିଖରେ ପ୍ରଥମ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ମାତ୍ର ୧୦ ଦିନ ପୂର୍ବରୁ ଶିକ୍ଷକମାନଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲା । ସେତେବେଳେ ଶିକ୍ଷକମାନେ ବିଦ୍ୟାଳୟର ପରୀକ୍ଷା ଓ ବୁଥ୍ ଲେଭେଲ୍ ଅଫିସର (ବିଏଲଓ) ଦାୟିତ୍ୱରେ ବ୍ୟସ୍ତ ଥିବାରୁ ପୋର୍ଟାଲର ବ୍ୟବହାର ଶିଖିବାକୁ ସେମାନଙ୍କୁ ସମୟ ମିଳିନଥିଲା । ଯଦିଓ କେମ୍ବ୍ରିଜ୍, ଆଇବି ଭଳି ଆନ୍ତର୍ଜାତୀୟ ବୋର୍ଡ ଏବଂ ସିଙ୍ଗାପୁର ତଥା ଅଷ୍ଟ୍ରେଲିଆରେ ଓଏସଏମ ସଫଳ ହୋଇଛି, ତଥାପି ସିବିଏସଇ ଅଧୀନରେ ଥିବା ୩୩,୦୦୦ ବିଦ୍ୟାଳୟର ଅସମାନ ଡିଜିଟାଲ୍ ଭିତ୍ତିଭୂମି ଓ ପରୀକ୍ଷାର୍ଥୀଙ୍କ ବିପୁଳ ସଂଖ୍ୟା କାରଣରୁ ଏହା ଭାରତରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ।

ଫେବୃଆରୀ ୯ ତାରିଖର ଏକ ସର୍କୁଲାରରେ ସିବିଏସଇ ଦାବି କରିଥିଲା ଯେ ଓଏସଏମ ଦ୍ୱାରା ତ୍ରୁଟି ଦୂର ହେବ ଏବଂ ମୂଲ୍ୟାୟନ ଦ୍ରୁତ ହେବ । କିନ୍ତୁ ବାସ୍ତବତା ଥିଲା ସମ୍ପୂର୍ଣ୍ଣ ଭିନ୍ନ । ଚଳିତ ବର୍ଷ ୧୭ ଲକ୍ଷ ଛାତ୍ରଛାତ୍ରୀଙ୍କର ୯୮ ଲକ୍ଷ ଉତ୍ତରଖାତା ବା ପ୍ରାୟ ୪୦ କୋଟି ପୃଷ୍ଠାକୁ ରେକର୍ଡ ସମୟ ମଧ୍ୟରେ ସ୍କାନ୍ କରିବାକୁ ପଡିଥିଲା । ଏହି ତରବରିଆ ପ୍ରକ୍ରିୟାରେ ବ୍ୟାପକ ବିଭ୍ରାଟ ଦେଖାଦେଲା । ସରକାରୀ ତଥ୍ୟ ଅନୁଯାୟୀ, ସ୍କାନିଂର ମାନ ଏତେ ଖରାପ ଥିଲା ଯେ ପ୍ରାୟ ୧୩,୦୦୦ ଉତ୍ତରଖାତାକୁ ବାଧ୍ୟ ହୋଇ ପୁନର୍ବାର ମାନୁଆଲ୍ ଭାବରେ ଯାଞ୍ଚ କରିବାକୁ ପଡିଥିଲା । ସବୁଠାରୁ ସାଂଘାତିକ ଘଟଣା ଥିଲା ଛାତ୍ରଛାତ୍ରୀଙ୍କ ଉତ୍ତରଖାତା ଅଦଳବଦଳ ହୋଇଯିବା । ଯେତେବେଳେ ଛାତ୍ରଛାତ୍ରୀମାନେ ପୁନଃ-ମୂଲ୍ୟାୟନ ପାଇଁ ନିଜର ସ୍କାନ୍ କପି ଡାଉନଲୋଡ୍ କଲେ, ଅନେକ ଆବିଷ୍କାର କଲେ ଯେ ସେମାନଙ୍କ ନାମରେ ଅନ୍ୟ ପିଲାଙ୍କ ଖାତା ଅପଲୋଡ୍ ହୋଇଛି । ଉଦାହରଣସ୍ୱରୂପ, ବେଦାନ୍ତ ଶ୍ରୀବାସ୍ତବ ନାମକ ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ରଙ୍କ ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା । ବେଦାନ୍ତ ଅଭିଯୋଗ କରିଥିଲେ ଯେ ପଦାର୍ଥ ବିଜ୍ଞାନର ଯେଉଁ ଉତ୍ତରଖାତା ତାଙ୍କୁ ଦିଆଯାଇଛି, ସେଥିରେ ଥିବା ହାତଲେଖା ତାଙ୍କର ନୁହେଁ ଏବଂ ତାହା ସମ୍ପୂର୍ଣ୍ଣ ଭାବେ ଅନ୍ୟ ଜଣେ ଛାତ୍ରଙ୍କର ଖାତା । ସଞ୍ଜନା ନାମକ ଅନ୍ୟ ଜଣେ ଛାତ୍ରୀ ମଧ୍ୟ ସମାନ ଅଭିଯୋଗ ଆଣିଥିଲେ । ବ୍ୟାପକ ସମାଲୋଚନା ପରେ ସିବିଏସଇ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲା ଯେ ସ୍କାନିଂ ପ୍ରକ୍ରିୟାରେ ତ୍ରୁଟି ଯୋଗୁଁ ପ୍ରାୟ ୨୦ଟି କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଉତ୍ତରଖାତା ସମ୍ପୂର୍ଣ୍ଣ ରୂପେ ଅନ୍ୟ ପିଲାଙ୍କ ଖାତା ସହ ମିଶିଯାଇଛି । ଅନେକ ଖାତାରେ ପୃଷ୍ଠା ଗାଏବ ଥିବା ବେଳେ କିଛି ପୃଷ୍ଠା ଅସ୍ପଷ୍ଟ ଥିଲା, ଯାହାକି ସିବିଏସଇର ସ୍କାନିଂ ଏବଂ ମୂଲ୍ୟାୟନ ବ୍ୟବସ୍ଥାର ନଗ୍ନ ଚିତ୍ରକୁ ପଦାରେ ପକାଇଛି ।

ଏହି ସମସ୍ୟା କେବଳ ବୈଷୟିକ ତ୍ରୁଟି ମଧ୍ୟରେ ସୀମିତ ନୁହେଁ, ବରଂ ଏହା ପଛରେ ଏକ ବଡ଼ ଧରଣର ଦୁର୍ନୀତିର ଗନ୍ଧ ମଧ୍ୟ ବାରି ହେଉଛି । ସିବିଏସଇ ଦ୍ୱାରା ଓଏସଏମ ପାଇଁ ଚୁକ୍ତିବଦ୍ଧ ହୋଇଥିବା କମ୍ପାନୀ 'କୋଏମ୍ପ୍ଟ ଏଜୁଟେକ୍'କୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଖୋଲାଖୋଲି ଭାବେ ଦୁର୍ନୀତିର ଅଭିଯୋଗ ଆଣିବା ସହ ନ୍ୟାୟିକ ତଦନ୍ତ ଦାବି କରିଛନ୍ତି । ସେ ପ୍ରକାଶ କରିଛନ୍ତି ଯେ ଏହି କମ୍ପାନୀର ପୂର୍ବ ନାମ ଥିଲା 'ଗ୍ଲୋବାରେନା', ଯାହାକି ୨୦୧୯ ଏବଂ ୨୦୨୩ ମସିହାରେ ତେଲେଙ୍ଗାନାରେ ପରୀକ୍ଷା ଫଳାଫଳରେ ବ୍ୟାପକ ଅନିୟମିତତା ପାଇଁ ଦାୟୀ ଥିଲା । ଏଭଳି କଳଙ୍କିତ ଇତିହାସ ଥିବା ସତ୍ତ୍ୱେ କେଉଁ ଉଦ୍ଦେଶ୍ୟ ରଖି ସିବିଏସଇ ଏହି କମ୍ପାନୀକୁ ଦାୟିତ୍ୱ ଦେଲା, ତାହା ସନ୍ଦେହ ଘେରରେ ରହିଛି । ସାର୍ଥକ ସିଦ୍ଧାନ୍ତ ନାମକ ଜଣେ ଦ୍ୱାଦଶ ଶ୍ରେଣୀ ଛାତ୍ର ନିଜର ଏକ ଅନୁସନ୍ଧାନମୂଳକ ବ୍ଲଗ୍ ମାଧ୍ୟମରେ ଏହି ଟେଣ୍ଡର ପ୍ରକ୍ରିୟାରେ ହୋଇଥିବା ଜାଲିଆତିର ପର୍ଦ୍ଦାଫାଶ କରିଛନ୍ତି । ତାଙ୍କ ଅନୁସନ୍ଧାନ ଅନୁଯାୟୀ, ସିବିଏସଇ ସୁଚିନ୍ତିତ ଭାବେ ଟେଣ୍ଡର ନିୟମକୁ କୋହଳ କରିଥିଲା । ବୋର୍ଡ ଆର୍ଥିକ ମାନଦଣ୍ଡ ହ୍ରାସ କରିବା ସହ ସଫ୍ଟୱେର୍ ସୁରକ୍ଷା ପ୍ରମାଣପତ୍ରର ଆବଶ୍ୟକତାକୁ ବାତିଲ କରିଥିଲା, ଦୁର୍ନୀତିଗ୍ରସ୍ତ ଅଭ୍ୟାସ ପାଇଁ ଥିବା 'କୁଲିଂ-ଅଫ୍' ଅବଧିକୁ ଅଧା କରିଦେଇଥିଲା ଏବଂ ନିଜର ବାଧ୍ୟତାମୂଳକ 'ସାର୍ଟ-ଇନ୍' ସୁରକ୍ଷା ଅଡିଟକୁ ମଧ୍ୟ ଅଣଦେଖା କରିଥିଲା । ଟେଣ୍ଡର ଆହ୍ୱାନ ପୂର୍ବରୁ ପେନାଲ୍ଟି ମାଟ୍ରିକ୍ସରୁ 'ବ୍ଲାକଲିଷ୍ଟିଂ' ଶବ୍ଦକୁ ହଟାଇଦେବା ପ୍ରମାଣିତ କରୁଛି ଯେ ଛାତ୍ରଛାତ୍ରୀଙ୍କ ତଥ୍ୟ ସୁରକ୍ଷା ଓ ମାର୍କ ସହ ଖୋଲାଖୋଲି ଖେଳ ଖେଳାଯାଇଛି ।

ଫଳାଫଳ ବାହାରିବା ପରେ ମେ ୧୯ ତାରିଖରେ ଯେତେବେଳେ ସିବିଏସଇର ପୁନଃ-ମୂଲ୍ୟାୟନ ପୋର୍ଟାଲ୍ ଲାଇଭ୍ ହେଲା, ୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏକାସାଙ୍ଗରେ ଆବେଦନ କରିବାରୁ ପୋର୍ଟାଲ୍ କ୍ରାସ୍ ହୋଇଗଲା । ଏହି ବଢୁଥିବା ସଙ୍କଟର ସମାଧାନ କରିବା ପରିବର୍ତ୍ତେ ବୋର୍ଡ କେବଳ ଆବେଦନ ସୀମା ବୃଦ୍ଧି କରିବା ଏବଂ ଫିସ୍ ପରିବର୍ତ୍ତନ କରିବାରେ ଲାଗିଲା । ବୈଷୟିକ ସମସ୍ୟାର ସମାଧାନ ପାଇଁ ବୋର୍ଡ ଶେଷରେ ଆଇଆଇଟି ମାଡ୍ରାସ ଏବଂ ଆଇଆଇଟି କାନପୁରର ବିଶେଷଜ୍ଞମାନଙ୍କୁ ନିୟୋଜିତ କରି ଜୁନ୍ ୧ ତାରିଖରୁ ଏକ ନୂତନ ପୋର୍ଟାଲ୍ ଆରମ୍ଭ କରିବାକୁ ଘୋଷଣା କରିଛି । କିନ୍ତୁ ସବୁଠାରୁ ହାସ୍ୟାସ୍ପଦ କଥା ହେଉଛି, ନିଜର ବ୍ୟବସ୍ଥାଗତ ଭୁଲ ସ୍ୱୀକାର କରିବା ପରିବର୍ତ୍ତେ ସିବିଏସଇ ନିଜ ଭାବମୂର୍ତ୍ତି ସୁଧାରିବା ପାଇଁ ଏକ ପବ୍ଲିକ୍ ରିଲେସନ୍ ଅଭିଯାନ ଆରମ୍ଭ କରିଛି । ବୋର୍ଡ ପକ୍ଷରୁ ସମସ୍ତ ଅନୁବନ୍ଧିତ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଏକ ମେସେଜିଂ କିଟ୍ ପଠାଯାଇ ଓଏସଏମ ସପକ୍ଷରେ ଭିଡିଓ ପୋଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ନିଜକୁ 'ଅତ୍ୟନ୍ତ ସକ୍ରିୟ ଓ ସହାନୁଭୂତିଶୀଳ' ବୋଲି ପ୍ରମାଣିତ କରିବାକୁ ପ୍ରୟାସ କରାଯାଇଛି । ସିବିଏସଇର ଅଦୂରଦର୍ଶିତା, ଉପଯୁକ୍ତ ଭିତ୍ତିଭୂମିର ଅଭାବ ଏବଂ ଦୁର୍ନୀତିଗ୍ରସ୍ତ ଟେଣ୍ଡର ପ୍ରକ୍ରିୟା ଯୋଗୁଁ ଏହି ଡିଜିଟାଲ୍ ରୂପାନ୍ତରଣ ଆଜି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ ଅଭିଶାପ ପାଲଟିଛି, ଯାହାର ଏକ ନିରପେକ୍ଷ ତଦନ୍ତ ନିହାତି ଆବଶ୍ୟକ ।

## ଧ୍ୱନି ପ୍ରତିଧ୍ୱନି

# ମନୁଷ୍ୟର ବ୍ୟକ୍ତିଗତ ଜୀବନରେ ସଂପର୍କର ପ୍ରଭାବ-ଏକ ଅନୁଚିନ୍ତନ



**ଇଂ. ବିଜୟ ମିଶ୍ର**

ପାର୍ଥିବ ଏହି ସଂସାରରେ ଜନ୍ମ ନେଇ ପ୍ରତ୍ୟେକ ମନୁଷ୍ୟ ସର୍ବଦା ସୁଖଶାନ୍ତି ଓ ହସଖୁସି ଭରା ଜୀବନଟିଏ ଚାହିଁଥାଏ । ଯିଏ ବି ଏହି ସଂସାରରେ ଜନ୍ମ ନେଇଛି ସିଏ ତ ନିଶ୍ଚିତ ଦିନେ ଏହି ସଂସାରରୁ ଚାଲିଯିବ । ଜନ୍ମ ଓ ମୃତ୍ୟୁର ଅବଧି ଭିତରେ ପ୍ରତ୍ୟେକ ମନୁଷ୍ୟ ଏକ ସୁନ୍ଦର ଜୀବନ ବଞ୍ଚିବାକୁ ଚାହିଁଥାଏ । ପ୍ରତ୍ୟେକ ବ୍ୟକ୍ତି ଜୀବନରେ ସ୍ନେହ-ପ୍ରେମ ଭରା ମଧୁର ସଂପର୍କ, ଗୋଟିଏ ସୁନ୍ଦର ତଥା ସୁଖୀ ପରିବାର, ସଦଭାବନା ଭରା ସମାଜ, ସାମାଜିକ ପ୍ରତିଷ୍ଠା, ଧନସମ୍ପଦ, ପ୍ରେମ ଓ ପ୍ରଣୟର ମଧୁର ଭାବ, ସୁଖ, ସୁବିଧା ଇତ୍ୟାଦି ଚାହିଁଥାଏ । କିନ୍ତୁ ସମସ୍ତଙ୍କ ଭାଗ୍ୟରେ ସବୁ ପ୍ରକାରର ସୁଖ, ସୁବିଧା ତଥା ସୁନ୍ଦର ଓ ଶାନ୍ତିପୂର୍ଣ୍ଣ ଜୀବନଟିଏ ଜୁଟି ନଥାଏ । କିଏ ବିଳାସପୂର୍ଣ୍ଣ ଜୀବନ ଜିଇଁ ପାରେ ତ ଆଉ କିଏ ମଧ୍ୟବିତ୍ତ ଜୀବନଟି ଜିଇଁଥାଏ । ଆଉ କେହି ପୁଣି ଦିନରାତି ଏକା କରି ଦୈନନ୍ଦିନ ଜୀବନରେ ଦି ଓଳିର ଖାଦ୍ୟ ତଥା ଶୋଇବା ପାଇଁ ଛାତଟିଏ ଯୋଗାଡ କରିପାରିଥାଏ । ଆଉ କାହା ଭାଗ୍ୟରେ ଦି ଓଳି ଖାଇବା କି ଭଲ ପୋଷାକ କି ଛାତଟିଏ ବି ନଥାଏ । ଏହା ହିଁ ତ ଜୀବନ । ମନୁଷ୍ୟ ନିଜ ଅନୁଭୂତିରୁ ଅନେକ ଶିଖିପାରିଥାଏ । ଭଲମନ୍ଦ, ବନ୍ଧୁତା-ଶତ୍ରୁତା, ପ୍ରେମ, ପ୍ରତାରଣା, ସୁଖଦୁଃଖ ଏମିତି ଅନେକ କିଛି ଅନୁଭୂତି ମନୁଷ୍ୟକୁ ଜୀବନରେ ଅଧିକରୁ ଅଧିକ ପରିପକ୍ୱ, ଯୋଗାଡ଼ିଆ, ଧୈର୍ଯ୍ୟଶୀଳ ଓ ଚାଲାକ କରିଥାଏ । ଅତୀତରେ ଅଙ୍ଗେ ନିଭେଇଥିବା ଅନୁଭୂତି, ନିଜ ବ୍ୟକ୍ତିଗତ ଜୀବନରେ ସାମାଜିକ ବ୍ୟବସ୍ଥାର ପ୍ରଭାବ, ଶାସ୍ତ୍ର ଜ୍ଞାନ, ଇତିହାସ ଓ ସାମ୍ପ୍ରତିକ ସମୟର ଘଟଣା ଇତ୍ୟାଦି ମନୁଷ୍ୟର ଆଗାମୀ ଜୀବନର ପଥପ୍ରଦର୍ଶକ ହେବାରେ ସାହାଯ୍ୟ କରିଥାଏ । ପୁରାତନ ପ୍ରସ୍ତର ଯୁଗରୁ ଆଜି ଯାଏଁ ମନୁଷ୍ୟ ନିଜସ୍ୱ ସୁଖଶାନ୍ତି, ଦୁଃଖକଷ୍ଟ, ଯନ୍ତ୍ରଣା, ଆନନ୍ଦ ଓ ଅବସାଦ, ପ୍ରେମ ଓ ପ୍ରତାରଣା ଭଳି ଅସରନ୍ତି ଅନୁଭୂତି, ଉପସ୍ଥିତ ବୁଦ୍ଧି, ଜ୍ଞାନ, ବିଜ୍ଞାନ, ସୃଜନଶୀଳତାକୁ ସାହାରା କରି ଦିନକୁ ଦିନ ନିଜ ପାଇଁ ତଥା ସମାଜ ପାଇଁ ଅଧିକରୁ ଅଧିକ ସୁବିଧା ସୃଷ୍ଟି କରିପାରିଛି ।

ପ୍ରତ୍ୟେକ ମନୁଷ୍ୟର ସୁଖଦୁଃଖ ଓ ଆବେଗରେ ସାମାଜିକ ସଂପର୍କର ବିଶେଷତ୍ୱ ବହୁତ ଅଧିକ ହୋଇଥାଏ । ସୁନ୍ଦର, ମଧୁର, ବନ୍ଧୁତ୍ୱପୂର୍ଣ୍ଣ ତଥା ସହଯୋଗ ଓ ସଦଭାବନା ଭରା ସାମାଜିକ ପରିବେଶ ମନୁଷ୍ୟର ଜୀବନକୁ ଆନନ୍ଦମୟ କରିଥାଏ । ଏହା ବିପରୀତ କୁଟିଳ, ଜଟିଳ, ଦ୍ୱେଷବିଦ୍ୱେଷ ଓ ଈର୍ଷାପରାୟଣ ମନୋଭାବ ଓ ପରଶ୍ରୀକାତରତା ଭରା ସଂପର୍କ ଜୀବନରେ ଘୋର ବିପର୍ଯ୍ୟୟ ଘଟାଇବା ସହ ଅନେକ ଦୁଃଖକଷ୍ଟ ଓ ମାନସିକ ଅଶାନ୍ତିର କାରଣ ବି ହୋଇଥାଏ । ଏଣୁ ଜୀବନରେ ବ୍ୟକ୍ତିଗତ ଓ ଅନ୍ତରଙ୍ଗ ସଂପର୍କ ସୃଷ୍ଟି କରିବା ପୂର୍ବରୁ କିମ୍ବା କୌଣସି ସଂପର୍କରେ ବାନ୍ଧି ହେବା ପୂର୍ବରୁ ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଆବଶ୍ୟକ ।

ଯେକୌଣସି ବ୍ୟକ୍ତିଙ୍କର ମିଠା ମିଠା କଥା ଅପେକ୍ଷା ତାଙ୍କର ଦୈନନ୍ଦିନ ପ୍ରକୃତ ଆଚାର-ବ୍ୟବହାର ଦ୍ୱାରା ସେ ବ୍ୟକ୍ତିଙ୍କର ମାନସିକତାକୁ ନିଶ୍ଚିତ ଭାବେ ଜାଣିହୁଏ । ମିଠା ମିଠା କଥା କେବଳ ଶରୀରକୁ ଢାଙ୍କିବା ଭଳି ଦାମୀ ଓ ରଙ୍ଗବେରଙ୍ଗ ମନଲୋଭା ପୋଷାକ ଆଉ ବିୟୁଟିପାର୍ଲର ଯାଇ ଭାରି ରଙ୍ଗ ପ୍ରଲେପରେ ସଜାଇ ହୋଇଥିବା କୃତ୍ରିମ ସୌନ୍ଦର୍ଯ୍ୟ ଭଳି ହୋଇଥାଏ । ଯେପରି ସୁନ୍ଦର ଓ ଲାସ୍ୟମୟ ଶାରୀରିକ ଗଠନ, ଉତ୍ତମ ସ୍ୱାସ୍ଥ୍ୟ, ସୁନ୍ଦର ଓ ସ୍ନେହ-ପ୍ରେମ ଭରା ଆଚାର-ବ୍ୟବହାର, ଜନ୍ମଗତ ରୂପ-ଲାବଣ୍ୟ ଇତ୍ୟାଦିର ଅଭାବରେ ଦାମୀ ଓ ରତ୍ନଖଚିତ ପୋଷାକ ତଥା ବିୟୁଟିପାର୍ଲର ର ଭାରି ରଙ୍ଗ ପ୍ରଲେପ ଓ ଶୃଙ୍ଗାର ସାଜସଜ୍ଜାର କିଛି ମୂଲ୍ୟ ନଥାଏ, ଠିକ୍ ସେହିପରି ସୁନ୍ଦର ଆଚାର-ବ୍ୟବହାର ତଥା ଉତ୍ତମ ଚିନ୍ତନ ଓ ଆଚରଣ ବିନା ପାଣିରେ ସର ପକାଇଲା ଭଳି ମିଠା ମିଠା କଥାର ବି କିଛି ମୂଲ୍ୟ ନଥାଏ । ଏପରି ବ୍ୟକ୍ତିଙ୍କ ଗହଣରେ ରହିବା ଅର୍ଥ ନିଜେ ହିଁ ନିଜର ମାନସିକ ଅଶାନ୍ତିକୁ ଟାଣି ଆଣିବାର କାରଣ ହୋଇଥାଏ । ଅଧିକନ୍ତୁ ଏହିପରି ଲୋକଙ୍କ ପ୍ରତି ଅଗାଧ ବିଶ୍ୱାସ କରିବା ବି ଜୀବନରେ ବିପଦପୂର୍ଣ୍ଣ ହୋଇଥାଏ । ଠିକ୍ ଯେପରି ମହାଭାରତର ଶକୁନି ।

ଜ୍ଞାନୀ ଓ ଉତ୍ତମ ମନୋଭାବ ସଂପନ୍ନ ଲୋକ ସର୍ବଦା ଜାତିଧର୍ମ, ସ୍ଥାନ, ଭାଷା, କଳାଗୋରା ଓ ଲିଙ୍ଗଭେଦ ନିର୍ବିଶେଷରେ ଅନ୍ୟର ଉତ୍ତମ ଆଚରଣ, ମଣିଷପଣିଆ, ଜ୍ଞାନ, କୌଶଳ, ସୃଜନଶୀଳତା, କାର୍ଯ୍ୟ ଦକ୍ଷତା ଇତ୍ୟାଦିକୁ ଭଲପାଆନ୍ତି ଆଉ ସମ୍ମାନ ଦିଅନ୍ତି ଓ ନିଜେ ବି ଅନ୍ୟମାନଙ୍କ ଠାରୁ କିଛି ଭଲ କଥା ଶିଖନ୍ତି । ସେଭଳି ଲୋକ ଅନ୍ୟକୁ ଭଲପାଆନ୍ତି ତଥା ଅନ୍ୟମାନଙ୍କ ଉପଲବ୍ଧିରେ ଈର୍ଷା ନକରି ହର୍ଷିତ ବି ହୋଇଥାନ୍ତି । ସେମାନେ ନିଜର ବନ୍ଧୁଙ୍କ ସୁଖଦୁଃଖରେ ସର୍ବଦା ସାଥିରେ ଥାଆନ୍ତି । ଏପିରି ବି ଦେଖାଯାଏ ଉତ୍ତମ ଲୋକଜଣକ ଯେ କେହି ବନ୍ଧୁ ସାହାଯ୍ୟ ମାଗିବା ପୂର୍ବରୁ ନିଜେ ଯଥାସମ୍ଭବ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇ ଦେଇଥାଆନ୍ତି । ସେମାନଙ୍କ ବନ୍ଧୁତା ନିଷ୍କପଟ ଥାଏ । ସେମାନଙ୍କ ସହ ବ୍ୟକ୍ତିଗତ ଆଲୋଚନାରେ ଗୋପନୀୟତା ବି ଥାଏ ଓ ଧୋକାବାଜି ନଥାଏ । ଏଇ ଭଳି ଉତ୍ତମ ଜନଙ୍କ ସହ ସଂପର୍କ ଅତ୍ୟନ୍ତ ମଧୁର ଓ ପ୍ରୀତିପୂର୍ଣ୍ଣ ହେବା ସହ ସେମାନଙ୍କ ବନ୍ଧୁତାରେ ବହୁତ ଆନନ୍ଦ ଥାଏ । ହୀନ ମନୋଭାବ ସଂପନ୍ନ ଲୋକେ ଅନ୍ୟ ମନୁଷ୍ୟଙ୍କୁ ଜାତି, ଧର୍ମ, ସ୍ଥାନ, ଭାଷା, କଳାଗୋରା, ଲିଙ୍ଗଭେଦ ଇତ୍ୟାଦିରେ ବାଣ୍ଟନ୍ତି । ଯେହେତୁ ସେମାନଙ୍କ ମନୋଭାବ ଈର୍ଷା-ଦ୍ୱେଷ ଓ ଛଳ କପଟ ଭରା ହୋଇଥାଏ ସେମାନେ ଶତ୍ରୁ କି ମିତ୍ର କାହାରି ଉପଲବ୍ଧିରେ କଦାପି ହର୍ଷିତ ହୋଇପାରନ୍ତି ନାହିଁ; ଅଧିକନ୍ତୁ ସେମାନେ ଅନ୍ୟମାନଙ୍କ କିଛି ଉପଲବ୍ଧିରେ ଈର୍ଷା ପରାୟଣ ହୋଇଥାନ୍ତି । ଏପରି ହୀନ ମନୋଭାବ ସଂପନ୍ନ ଲୋକେ ନିଜର ପାଖ ଲୋକ କି ବନ୍ଧୁ ବି କିଛି ସାମାଜିକ ପ୍ରତିଷ୍ଠା ପାଇଲେ କି ସଫଳ ହେଲେ ଈର୍ଷା ପରାୟଣ ହୋଇପଡ଼ନ୍ତି ଏବଂ ଚକ୍ରାନ୍ତ କରି ସେମାନଙ୍କ ରାସ୍ତାରେ ପ୍ରତିବନ୍ଧ ସୃଷ୍ଟି କରିବାକୁ ଦ୍ୱିଧାବୋଧ କରିନଥାନ୍ତି । ସ୍ୱାର୍ଥପରତା ବଶତଃ ଏଭଳି ଲୋକେ ପଦ ଓ ସମ୍ମାନ ପାଇବା ପାଇଁ ସବୁଠି ହୀନ ରାଜନୀତି କରନ୍ତି । ସେମାନଙ୍କ ବନ୍ଧୁତା କଦାଚିତ ନିର୍ମଳ ହୋଇନଥାଏ । ସେମାନଙ୍କ ବନ୍ଧୁତ୍ୱ ଭାବ ଲୋକ ଦେଖାଣିଆ ଓ ସ୍ୱାର୍ଥନିହିତ ହୋଇଥାଏ ।

ଯେକୌଣସି ସମ୍ୟକ ବୁଦ୍ଧି ସଂପନ୍ନ ଲୋକଙ୍କ ପାଇଁ ଉପରୋକ୍ତ ଦୁଇ ଶ୍ରେଣୀର ଲୋକଙ୍କୁ ଜାଣିବାରେ ବେଶି ଡେରି ହୋଇନଥାଏ । ଦୁହିଁଙ୍କ କାର୍ଯ୍ୟକଳାପ ଓ ଆଚରଣରୁ ସେମାନଙ୍କୁ ନିଶ୍ଚିତ ଭାବେ ଚିହ୍ନି ହୋଇଥାଏ । ଉତ୍ତମ ଆଚରଣ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଓ ସେମାନଙ୍କ ସହିତ ଆଲୋଚନା ସର୍ବଦା ଜ୍ଞାନବର୍ଦ୍ଧକ, ସ୍ନେହ-ପ୍ରେମ-ପ୍ରୀତିପୂର୍ଣ୍ଣ ଓ ଆନନ୍ଦଦାୟକ ହୋଇଥାଏ । ଏହା ବିପରୀତ ହୀନ ମନୋଭାବ ସଂପନ୍ନ ତଥା ମୂର୍ଖ, ଛଳ କପଟ ଓ ସ୍ୱାର୍ଥୀ ଲୋକଙ୍କ ସହ ସଂପର୍କ ଓ ଆଲୋଚନା ମନକୁ ଅଶାନ୍ତ କରିବା ସହ ଅବାନ୍ତର ଯୁକ୍ତିତର୍କ ସଂପନ୍ନ ହୋଇଥାଏ । ସେଭଳି ଲୋକଙ୍କ ସହ ଆଲୋଚନା ଜ୍ଞାନବର୍ଦ୍ଧକ ହୋଇନଥାଏ କି ପ୍ରୀତିପୂର୍ଣ୍ଣ ଓ ଆନନ୍ଦଦାୟକ ବି ହୋଇନଥାଏ । ଏଣୁ ଯେ କୌଣସି ବ୍ୟକ୍ତି ନିଜର ମାନସିକ ଶାନ୍ତି ପାଇବାକୁ ହେଲେ ତଥା ନିଜ ଜୀବନକୁ ସୁଖମୟ ଓ ଆନନ୍ଦଦାୟକ କରିବାକୁ ହେଲେ ପ୍ରଥମେ ନିଜେ ଉତ୍ତମ ମନୋଭାବ ରଖିବା ନିତାନ୍ତ ଆବଶ୍ୟକ । ତତ ସହିତ ସେମାନେ ଯଥାସମ୍ଭବ ଉତ୍ତମ ମନୋଭାବ ଓ ଆଚରଣ ସଂପନ୍ନ ଲୋକଙ୍କ ସହିତ ରହିବାକୁ ପ୍ରୟାସ କରିବା ବି ଆବଶ୍ୟକ । ଶାନ୍ତି ପ୍ରିୟ ଲୋକଙ୍କ ପାଇଁ ହୀନ ମନୋଭାବ ସଂପନ୍ନ ଲୋକଙ୍କ ଠାରୁ ଦୂରେଇ ରହିବା ସର୍ବଦା ଶ୍ରେୟସ୍କର । ଜାପାନ ଦେଶରେ ଗୋଟିଏ ଲୋକ ଉକ୍ତି ଅଛି : 'ଯଦି ତୁମେ ଭୁଲ ଟ୍ରେନରେ ଚଢ଼ିଯାଅ, ତେବେ ଆଗରେ ନିକଟସ୍ଥ ଷ୍ଟେସନରେ ଓହ୍ଲାଇ ପଡ଼ । ତୁମେ ଯେତେ ଅଧିକ ସମୟ ସେଇ ଟ୍ରେନରେ ରହିବ, ତୁମର ଫେରିବା ଯାତ୍ରା ସେତେ ଅଧିକ ଖର୍ଚ୍ଚସାଧ ହେବ' । ଅର୍ଥାତ ଖରାପ ସଂପର୍କରୁ ନିଜକୁ ଯଥାଶିଘ୍ର ଦୂରେଇ ନେବା ହିଁ ବୁଦ୍ଧିମାନର ଲକ୍ଷଣ । ଖରାପ ସଂପର୍କରେ ଅଧିକ ଦିନ ରହିବା ଦ୍ୱାରା ମାନସିକ ଶାନ୍ତି ହନନ ହେବା ସହ ମାନସମ୍ମାନ ଓ ଧନଜୀବନ ହାନୀ ହେବାର କାରଣ ବି ହୋଇଥାଏ । ଏଣୁ, ଖରାପ ସଂପର୍କରେ ରହି ଦୁଃଖକଷ୍ଟ ଓ ମାନସିକ ଅଶାନ୍ତିକୁ ଡାକି ଆଣିବା ଅପେକ୍ଷା ଏକାନ୍ତରେ ରହି ବରଂ ପଢ଼ାପଢ଼ି, ଲେଖାଲେଖି, ଘରୋଇ କାର୍ଯ୍ୟ, ମନପସନ୍ଦ ରୁଚି, ନିଜ ସ୍ୱାସ୍ଥ୍ୟ ଓ ଶରୀରର ଯତ୍ନ, ପୂଜାପାଠ, ବ୍ୟାୟାମ ଇତ୍ୟାଦି ଉତ୍ତମ କର୍ମରେ ନିଜକୁ ନିୟୋଜିତ କରିବା ଶ୍ରେୟସ୍କର । ହୀନ ମନୋଭାବ ଲୋକ କେହି ଧନୀ, ମାନୀ, ଉଚ୍ଚଶିକ୍ଷିତ କିମ୍ବା ବିଶିଷ୍ଟ ଲୋକ ହେଲେ ବି ସେମାନଙ୍କ ଠାରୁ ଦୂରେଇ ରହିବା ସର୍ବକାଳୀନ ବୁଦ୍ଧିମାନର ଲୋକଙ୍କ ଲକ୍ଷଣ ହୋଇଥାଏ ।

+ଆଇନଜୀବୀ,
ଫ୍ଲାଟ ନମ୍ବର- ୩୦୫,
ନନ୍ଦିଘୋଷ ଆପାର୍ଟମେଣ୍ଟ,
କମାପଲ୍ଲୀ-ଗୋଇଲୁଣ୍ଡି ରୋଡ଼,
ବ୍ରହ୍ମପୁର - ୭୬୦୦୦୪
ଗଞ୍ଜାମ, (ଓଡ଼ିଶା)
ମୋ: ୯୪୩୯୯୭୯୯୬୬

# ଜୀବନ ନଈ



**ଆର୍ତ୍ତବନ୍ଧୁ ଦାସ**

ଜୀବନ ନଈ ସଦୃଷ କାହାର ବି ସରଳ ସିଧାସଳଖ ହୋଇଥାଏ କି ଗଭୀରତା ଦୃଷ୍ଟିରୁ ମଧ ସବୁରେ ସମାନତା ନଥାଏ । କୋଉଟା ଉଠାଣି ଗଡାଣୀ ଗିରି ବନ ଗହ୍ୱର ଅତିକ୍ରମ ସଦା ଆଗକୁ ଆଗକୁ ହିଁ ଅବିଚଳିତ ଭାବେ ପଛକୁ ନ ଚାହିଁ ଗତି କରିଚାଲିଥାଏ । କୋଉଟା ଚିରସ୍ରୋତା ପୁଣି କୋଉଟା ଉଦଣ୍ଡି କନ୍ୟା ସଦୃଶ । ଚଳ ଚଞ୍ଚଳ ତପଳତା ଯାହାକି ପ୍ରାକୃତିକ ଓ ଭୌଗୋଳିକ ସ୍ଥିତି ମୁତାବକ ହୋଇଥାଏ । ନଈ ତାର ତୀରବାସୀ ଜନସମୁଦ୍ରକୁ ସମାକାରରେ ଉପକାର କି ଅପକାର କରିନଥାଏ କି ଦେଇନଥାଏ । ତା ଦ୍ୱାରା ସଂଗଠିତ ହେଉଥିବା ଚରାଚର ବିଶ୍ୱର ଯାହାବି ଘଟଣା ଦୁର୍ଘଟଣା ଅଘଟଣ ସମ୍ପର୍କେ ବିଚାରି ନଥାଏ, ବିଚାରିଲେ ବି କରିପାରିବ କଣ ଯେକେତେକ ମନୁଷ୍ୟ ଭାବନ୍ତି କି ଜଗତରେ ସାଧୁସନ୍ଥ ମହାତ୍ମାମାନଙ୍କର ଜୀବନ ନଈ ସାଦୃଶ୍ୟ ହୋଇ ନଥାଇପାରେ କଣ ? ଏହା ବି ସମ୍ପୂର୍ଣ୍ଣ ରୂପେ ପ୍ରଣିଧାନ ଯୋଗ୍ୟ । ନା ସତ୍ୟ ସାଧାରଣ ଲୋକଙ୍କ ଭଳି ମଧ ସାଧୁ ମହାତ୍ମାମାନଙ୍କ ଜୀବନେ କେତେ ଯେ ଘାତ ପ୍ରତିଘାତ ଘଟଣା ଦୁର୍ଘଟଣା ପ୍ରତ୍ୟେକ୍ଷ କ୍ଷେତ୍ରରେ ଅନୁମେୟ । ବରଂ ଏଇୟା ଠିକ୍ ଯେ ସାଧାରଣ ବର୍ଗର ଲୋକଙ୍କର ଯାହାଟା ଅସହ୍ୟ ଅବୋଧ୍ୟ ଦୁରାଗମ୍ୟ ସେଇଟା ସନ୍ଥଙ୍କ ପକ୍ଷେ ସେମିତି ହୋଇ ନଥାଇପାରେ ? କାହିଁକି ନା ମହାତ୍ମାମାନେ ଧୀର ମନ୍ଥର ଗତିଶୀଳ କଇଁଛ ହୋଇଥାଇପାରନ୍ତି ମାତ୍ର ଦ୍ରୁତ ଗତିଶୀଳ ଠେକୁଆ କେବେ ବି ନୁହଁନ୍ତି । ଯୁଗାନୁଯାୟୀ ଧୀର ପାଣି ଆଉ ପଥର କାଟିବା ସମ୍ଭବ ହେଉନିତ ଏଣୁ ନଈ ପରି ଅବିଶ୍ରାନ୍ତ ଗତି ଯେଉଁମାନେ କରୁଛନ୍ତି ସେମାନେ ହିଁ ବହିଗଲା ପାଣି ତ ଫେରି ଆଉ ଉପରକୁ ଉଠେନା । ତେଣୁ ଦ୍ରୁତ ଗତିଶୀଳ ଠେକୁଆ ନୀତି ବି ଅବଲମ୍ବନ ନ କରିବା ଶ୍ରେୟ । କାହିଁକି କି ସିଆଣିଆ ଚତୁର ହେତୁ ତ ସିଏ ବାବାଜି କି ସାଧ ମହାତ୍ମା ଏଣୁ ଲକ୍ଷ ସ୍ଥଳରେ ପହଞ୍ଚିବା ବ୍ରତ ନେଇ ବରଂ ପହଞ୍ଚୁ ନ ପହଞ୍ଚୁ କିନ୍ତୁ ନଈ ପରି ପଛକୁ ଫେରି ନଚାହିଁ ଗତି କରୁଛନ୍ତି ।

ଅତି ଦ୍ରୁତ ଗତି କିମ୍ବା ଅତି ମନ୍ଥର ଗତି ଏ ଦୁନିଆରେ କୌଣସି କ୍ଷେତ୍ରରେ ସମୁଚିତ ନୁହେଁ । ପଛ କଥା ଭାବି ଅଯଥା ଭାରାକ୍ରାନ୍ତ ହେବାଠୁଁ ନ ଭାବିବା ଶତେଗୁଣ ଭଲ । ଆଳସ୍ୟ ସର୍ବାଦୌ ବର୍ଜନୀୟ । ହିତକାରୀ ଅଁଳାକୁ ଚେବେଇ ଚୁଷି ଖାଇ ଚାଲିଲେ ପ୍ରଥମେ ପ୍ରଥମେ କଷା ଆମ୍ବିଳା ଲାଗୁଥିବା ଅଁଳା ଶେଷ ସମୟେ ମନ ମୁଗ୍ଧକାରୀ ସୁସ୍ୱାଦୁ ମିଠା ହୋଇଥାଏ । ତେଣୁ କର୍ମ କ୍ଷେତ୍ରରେ ସେମିତି ଆଗ ଆଗ ଯେଉଁ କାମ ଦୁଃସାଧ ସେଇ କାମକୁ ମନୋନିବେଶ କରି କଲେ ସୁଫଳ ପ୍ରଦାନକାରୀ ହୋଇଥାଏ ।

ନଈର ବଢିପାଣି ଭଳି ମଣିଷର ପ୍ରତ୍ୟେକଟି କାମ ହେଲେ ଜୀବନ ସୁଚାରୁରୂପେ ଗତିକୁ ପ୍ରଗତି ପଥରେ ନେଇ ହେବ । ନିର୍ଦ୍ଦିଷ୍ଟ ସୂତ୍ରରେ ପ୍ରତ୍ୟେକଟି କାମ କରିବା ଉଚିତ କିନ୍ତୁ ପଛକଥାକୁ ଘାଣ୍ଟିଲେ ତାହା ନିଶ୍ଚୟ ହିଁ ଗନ୍ଧ କରିବ ଆଉ କିଛି ସୁଫଳ କୁଫଳ ଆଶାନୁରୂପ ଦେବ ନାହିଁ । ନଈ ସ୍ୱରୂପ ଜୀବନର କର୍ମ ସମ୍ବନ୍ଧେ ଯେଉଁମାନେ ବି ଉପଦେଶ ଆଦେଶ ପରାମର୍ଶ ଦିଅନ୍ତି, ସେମାନେ କି ନିଜ ଜୀବନରେ ଆଚରଣ କରନ୍ତି କି ? ଅଙ୍କା ବଙ୍କା ବୁଲାଣି ଦେଇ ନଈ ତ ବହି ଚାଲିଛି ନା ନାହିଁ ? ମଣିଷ ଜୀବନରେ ଯେ କୌଣସି ଘାତ ପ୍ରତିଘାତ କି ଘଟଣ ଅଘଟଣ ନଥିବ କିଏ ବା କହିବ ?ଲକ୍ଷ ସ୍ଥଳରେ ପହଞ୍ଚିବାକୁ ଉଦ୍ୟମ ପ୍ରଚେଷ୍ଟା ନାନା ରୂପେ ନାନା କିସମ ପ୍ରକାରରେ କରିବା ଜୀବନରେ ନଈ ସଦୃଶ୍ୟ ହେବା ବାଞ୍ଛନୀୟ । ସମୟ ତ ଗଡି ଚାଲିଛି ନା କାହାକୁ କେବେ ଅପେକ୍ଷା କରିଛି ? ତେଣୁ ସମୟ ହିଁ ମୂଲ୍ୟବାନ ଯିଏ ଠିକ୍ ରୂପେ ବିନିଯୋଗ କଲା ତ ସେ ତନଦ୍ରୂପ ଫଳ ପାଇ ଜୀବନକୁ ସୁରମ୍ୟ ସୁଗମ କରି ପାରୁଛି । ଦ୍ରୁତ ଗତି ମହାବିପତ୍ତି ଠିକ୍ ମାତ୍ର କର୍ମ ପଦ୍ଧତି ପ୍ରକ୍ରିୟାକୁଯାୟୀ କଲେ ତାହା କାହିଁକି ବା ଅଶୁଦ୍ଧ କି ବିପତ୍ତି ସୃଷ୍ଟିକାରୀ ହେବ ? ଠେକୁଆ ପରି ହେୟ କଇଁଛ ପରି ନିର୍ଦ୍ଦିଷ୍ଟ ପଦ୍ଧତି ପ୍ରକ୍ରିୟାରେ କଲେ କି କିଛି ଦୁର୍ବିପାକ ଅଘଟଣ କାହିଁକି ବା ଘଟିବ ? ପ୍ରତି କର୍ମ କ୍ଷେତ୍ରରେ ସୁରକ୍ଷାକୁ ପ୍ରାଥମିକତା ଦେଇ ସୁଚାରୁ ରୂପେ ସମ୍ପାଦନା କରିବା ମଣିଷ ପଣିଆର ଶ୍ରେଷ୍ଠ ପରିଚାୟକ । ପ୍ରାକୃତିକକୁ ଅପ୍ରାକୃତିକ ମନ ମାନି ନୀତିରେ କଲେ କ'ଣ ହେବ ?

ସମାନୁୟକ୍ରମେ ବହିଯାଉଥିବା ନଈ ନିଜର ରୂପ ରଙ୍ଗ ବର୍ଣ୍ଣ ନାମ ପରିବର୍ତ୍ତନ କଲାଭଳି ଓ ଏ ଦୁନିଆର ମଣିଷ କରିବାକୁ ବାଧ । ନଈ ଯେମିତି ଦେଶକାଳ ପାତ୍ର ସ୍ଥିତି ପରିସ୍ଥିତି ମୁତାବକ ଜୀବ ଜଗତର ହିତ ସାଧନ କରେ ଏ ମଣିଷ ସାଧୁ ସଙ୍ଗଲାଭ ଫଳରେ ସଂସାର ମଙ୍ଗଳ ବିଧାନ କରିବ ନଚେତ ଯୁଗାନୁଯାୟୀ ଆଣ୍ଡ୍ରୋଡଫୋନ୍ ମାୟାରେ ମୋହିତ ହେଲେ ଫଳ ଯାହା ହେବ ? ଦ୍ରୁତଗତି ମହାବିପତ୍ତି ଆଣି ଦେଇପାରେ ଯେ ମାଦକତାରେ ମୋହିତ ନହେଲେ କାର କଣ ଦୁର୍ଗତି ଯୁଗେ ଯୁଗେ କିଛି ନଜିର ତ ନାହିଁ । ଗତିକୁ ପ୍ରଗତିରେ ପରିଣତ ନକରି ଦ୍ରୁତ ଗତିରେ ପରିଣତ କଲେ ବିଚାର ବିବେଚନା ହୋଇନଥାଏ । ଠେକୁଆର ମନୋବୃତ୍ତି ତ୍ୟାଗ କରି କଇଁଛର ମନୋବୃତ୍ତି ଗ୍ରହଣ କଲେ କ୍ଷତି ବା କ'ଣ ? ସଂସାର ଜଞ୍ଜାଳରେ ଉବୁଟୁବୁ ହେଉଥିବା ମଣିଷ ଯିଏ ପ୍ରକୃତ ମଣିଷ ପଦବାଚ୍ୟ ସମ୍ପତ୍ତି ବଢାଇବା ପାଇଁ ନିର୍ଦ୍ଦିଷ୍ଟ ମାପକାଠିରେ ମାପି ହୋଇ ବୁଦ୍ଧି ବିବେକକୁ ଆଗୁସାର କରି ଜଡ ନଇକୁ ଗୁରୁଜ୍ଞାନ ପୂର୍ବକ ସକଳ କର୍ମ ଅକର୍ମ ଅପକର୍ମ କି ସୁକର୍ମ ସମ୍ପାଦନା କରିବା ଠିକ୍ କି ନାହିଁ ? ସଫଳତା ବିଫଳତାରେ ଏତେ ବେଶି ମ୍ରିୟମାଣ ହୁଅନି କି ହେୟ ମନଭାବ ନେଇ ଡିଜିଟାଲ ଯୁଗର ଆଣ୍ଡ୍ରୋଏଡ ଫୋନର ବଶବର୍ତ୍ତୀ ବି ହୁଅନି ବରଂ ବଦଳିବା ଧାରା ଉପଧାରା ପଦ୍ଧତି ପ୍ରକ୍ରିୟାରେ ସମର୍ପଣ ଭାବ ନେଇ ଗତିକୁ ପ୍ରଗତି ଦିଗରେ ଉପଯୋଗ କର ଫଳରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାଗଣା ଖିଆରୁ ତ ବର୍ତ୍ତିଯିବ । ନିଜସ୍ୱ ମନନାନୀତ ବୁଦ୍ଧି ବିଚାରାନୁଯାୟୀ ଠିକ୍ ନଈପରି ଅପରିଶ୍ରାନ୍ତ ଜୀବନର ଗତି ହେଉ ।

+ବରମୁଣ୍ଡା, ଭୁବନେଶ୍ୱର




## ଚାରିଫର୍ଦ୍ଦ କାଗଜର କଥା

**ଡ. ଦୀପକ କୁମାର ମିଶ୍ର**

ମୋ ରଫ୍ ଖାତାର ଶେଷ ଫର୍ଦ୍ଦ କାଗଜରେ
ତିଆରି କରିଥିବା ଗୁଡ଼ିଟି ଏବେ ଆକାଶମୁହାଁ
ଉଡ଼ି ଚାଲିଛି ଉଚ୍ଚକୁ ଖୁବ୍ ଉଚ୍ଚକୁ
ନଫେରିବାର ତ୍ରିବାର ପ୍ରତିଶ୍ରୁତି ଦେଇ,
ଅବଶ୍ୟ ଉଡ଼ିଶିଖିଥିବା ଗୁଡ଼ି ନଫେରିବା ଭଲ
କାରଣ ସମୟର ଧରାବନ୍ଧା ନିୟମରେ
ସବୁବେଳେ ଲଟେଇ ହାତର, ଗୁଡ଼ି ଆକାଶର ।
ଅବଶ୍ୟ ମୋର କେବେ ପସନ୍ଦ ନଥିବା
ଗଣିତଖାତାର ପ୍ରଥମ ପୃଷ୍ଠାଏ କାଗଜରେ
ତିଆରି କରିଥିବା କାଗଜ ଡଙ୍ଗା, ଉଡ଼ାଜାହାଜ
ସଂଘର୍ଷଶୀଳ ଜୀବନର ଓଲଟା ଯତିପାତରେ
ଚିତ୍-ପଟାଙ୍ଗ ଖାଇ ଏବେ ମାଟିମୁହାଁ....
ବାସ୍ତବିକ କଥା ହେଉଛି
ଭଗ୍ନଡେଣାର ମଗ୍ନ ଉଡ଼ାଣ ବା ଭସାଣ
ସତରେ ଏତେ ସହଜ ନୁହେଁ ।
ଚୋରେଇ ଆଣିଥିବା ଗୋଲାପି କାଗଜର
ରଙ୍ଗୀନ୍ ହାତଲେଖା ଚିଠିଟି
ଏବେ ବି ଥୁଆ ହେଇଚି ହୃଦୟର ନିବୁଜ କୋଠରୀରେ
ଅବଶ୍ୟ ଠିକଣାହୀନ ବେରିଂ ଚିଠି
ଫେରିଆସେ ସେମିତି
କେଉଁ ଅଜଣା ନାୟିକାର ସମୟାତୀତ ଅପେକ୍ଷାର
ସୀମାହୀନ ରୁଦ୍ଧ ଆଶ୍ୱାସନାର କୀର୍ତ୍ତିରାଜି ରୂପେ ।
ଏବେ ଯେଉଁ ବାରମଜା ଠୁଙ୍ଗା କାଗଜରେ ମିଳିଲା
ଛୋଟ ସୂର୍ଯ୍ୟୋଦୟର ନିଖୁଣ ଚିତ୍ରଟିଏ
ତାକୁ ବନ୍ଧେଇ ଟାଙ୍ଗିଛି ଜୀବନର ବେସୁରା କାନ୍ଥରେ
ଆଉ ଖୋଜୁଛି କିଏ ସେହି କୁନି ଚିତ୍ରକର !!

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ରାଜନୀତି

**ସିଦ୍ଧେଶ୍ୱର ତ୍ରିପାଠୀ**

ରାଜନୀତି ଏକ ଭଲ ବ୍ୟବସାୟ
ଆଗରୁ ନଜିର ଅଛି
ତୁମହାତେ ଯଦି କିଛି ନହେଉଛି
ରାଜନୀତି ନିଅ ବାଛି ।

ନାଁ ଦଶକତ ଜାଣିଥିଲେ ହେଲା
ବେଶି ପାଠ ଲୋଡ଼ା ନାହିଁ
ତେଲମରା ଆଉ ଟାଉଟରି ଗୁଣ
ଜାଣିଲେ ଯିବ ଆଗେଇ ।

ସରପଞ୍ଚ ହେବ ବିଧାୟକ ହେବ
ସାଂସଦ ପାରିବ ହୋଇ
ଟଙ୍କା କମେଇବ ଅଏସ କରିବ
ମନ୍ତ୍ରୀପଦ ଗଲେ ପାଇ ।

ଯଦି ଲାଞ୍ଚନେଲ ଦୁର୍ନୀତି କରିଲ
କେବେ ଜେଲକୁ ଗଲ
ଶାସକ ଦଳରେ ମିଶିଗଲା ପରେ
ତୁମେ ସବୁଠାରୁ ଭଲ ।

ଇଡି ଭିଜିଲାନ୍ସ କ୍ରାଇମବ୍ରାଞ୍ଚ
ଅବା ସିବିଆଇ ଯେତେ
ରାଜ୍ୟରେ କେନ୍ଦ୍ରରେ ତୁମ ସରକାର
ସଫଳତା ତୁମ ହାତେ ।

ଖରା ଠୁ ବରଷା ଶୀତ କାକରରେ
ଟିକେ ବୁଲାବୁଲି ହେବ
କୁମ୍ଭୀର କାନ୍ଦଣା ଟିକିଏ କାନ୍ଦିଲେ
ଭଲ ରାଜନେତା ହେବ ।

+ଖୋର୍ଦ୍ଧା

## ବ୍ୟକ୍ତିତ୍ୱ
### ଅନସୂୟା ପଣ୍ଡା



ଚରିତ୍ରର ଗୈରିକ ବସନ
ତ୍ୟାଗର ବିନମ୍ର ସମର୍ପଣ
ନିଷ୍ଠାର ନିୟନ୍ତ୍ରଣରେ
ତିଆରି ହୁଏ ବ୍ୟକ୍ତିତ୍ୱଟିଏ
ସୂକ୍ଷ୍ମତତ୍ତ୍ୱରେ ହୋଇ ଅକ୍ଷୁର୍ଣ୍ଣ
ଉଜ୍ଜ୍ୱଳି ଉଠେ ମଣିଷ ଜୀବନ।

କିଛି ସାରମେୟ ବିଶେଷଣର ସୁଗନ୍ଧ
ବିତରିଯାଏ ଜୀବନକୁ କରି ପରିପୂର୍ଣ୍ଣ
ଉପସ୍ଥିତିରେ ଚନ୍ଦନ ଚନ୍ଦନ ବାସ୍ନା
ଖେଳିଯାଏ ବିନମ୍ରତାର ଗାମ୍ଭୀର୍ଯ୍ୟତା
ନିଃଶବ୍ଦରେ ବିତରି ଶୀତଳତା
ଶ୍ରଦ୍ଧାର ସୁମନ ଫୁଟେ ମନ ତଳେ
ମହନୀୟତାର ସ୍ପର୍ଶରେ।

ବଦଳେଇପାରେ ବ୍ୟକ୍ତିତ୍ୱର ପ୍ରତିବିମ୍ବ
ଉଦାସ ଜୀବନ ବ୍ୟାକୁଳତା ପଣ
ଅହଂକାରକୁ ଚଳୁକରି
ତିଆରେ ଗୋଟେ ନୂଆ ସଙ୍କଳନ।

ବରଷା ଖରା ଶୀତରେ ସିଝିଲେ
ଖାଲ ଢିପ ପଥୁରି ରାସ୍ତାରେ
ଘୋଷାଡି ହେଲେ
ଅନ୍ୟର ଦୁଃଖକୁ ନିଜସ୍ୱ ଭାବନାରେ
ତଉଲି ପରଖିବା ପରେ
କିଛି ଜୀବନ ଦର୍ଶନକୁ ସାରଲ୍ୟରେ
ତାଳୁରୁ ତଳିପା ଅନୁଶୀଳନ କଲେ
ବ୍ୟକ୍ତିତ୍ୱ ପ୍ରତିଫଳିତ ହୁଏ ଚେହେରାରେ।


+ଭୁବନେଶ୍ୱର
ମୋ: ୯୪୩୯୨୧୧୯୭୧


## ବାପାଙ୍କ ସାଇକେଲ
### ଡ. ଶୁଭେନ୍ଦୁ ମେହେର



ଘର କୋଣରେ ଏବେ ବି
କଳଙ୍କି ଲାଗି ଠିଆ ହୋଇଛି ସେ' ସାଇକେଲ !
ପୁରୁଣା ଲୁହା...ବଙ୍କା ହେଣ୍ଡେଲ...
କଳଙ୍କି ଚେନ !
ତା' ଚକରେ ଏବେ ହାୱା ନାହିଁ,
ହେଲେ ମୋ' ଆଖିରେ ପାଣି ଅଛି ।

ତା' ମଝି ଲୁହା ଖଣ୍ଡକରେ
ବାପାଙ୍କ ମେରୁଦଣ୍ଡର ଛାପ,
ଯେଉଁ ମେରୁଦଣ୍ଡ ବଙ୍କା ହୋଇ ହୋଇ
ଆମକୁ ସିଧା କରିଥିଲା ।

ବାପାଙ୍କ ସାଇକେଲ
ମୁଁ ଦେଖିଲା ଦିନରୁ କେବେ ନୂଆ ନ ଥିଲା !
ସବୁବେଳେ ପୁରୁଣା,
ସବୁବେଳେ ଥକ୍କା,
ସବୁବେଳେ କଷ୍ଟରେ ଚାଲୁଥିଲା,
ଠିକ୍ ବାପାଙ୍କ ପରି ।

ତା' ବ୍ରେକ୍ ଢିଲା ଥିଲା,
ହେଲେ ବାପାଙ୍କ ଧୈର୍ଯ୍ୟ
କେବେ ଢିଲା ହୋଇ ନ ଥିଲା !
ତା' ପେଡ଼ାଲ ଖସି ପଡୁଥିଲା,
ହେଲେ ବାପାଙ୍କ ସ୍ୱପ୍ନ
କେବେ ଖସି ପଡ଼ି ନ ଥିଲା !!

ପ୍ରତି ସକାଳେ ସେଇ ଭଙ୍ଗା ସାଇକେଲରେ
ନିଜ ଦେହକୁ ଭାଙ୍ଗିବାକୁ ଯାଉଥିଲେ,
ଯେମିତି ଆମ ଘର ନ ଭାଙ୍ଗେ ।

ଆମେ ଜ୍ୱରରେ ପଡ଼ିଲେ......
ବାପା ଅଧା ରାତିରେ,
ସେଇ ସାଇକେଲରେ ଡାକ୍ତର ଖୋଜି ଆଣନ୍ତି !
ଫେରିଲା ବେଳକୁ ତାଙ୍କ ଦେହ
ଝାଳରେ ନୁହେଁ........
ରକ୍ତରେ ଭିଜି ସାରିଥାଏ ।

ତଥାପି.......
ହାତରେ ଔଷଧ ଥାଏ, ଆଉ ଓଠରେ ହସ,
ସେ'ଦିନ ବୁଝିଥିଲି,
କିଛି ଯନ୍ତ୍ରଣା ଶବ୍ଦ କରେ ନାହିଁ,
ସେ' ଖାଲି ପେଡ଼ାଲ ମାରି ଚାଲେ ।
ଆଜି ବାପାଙ୍କ ଦେହ
ସେଇ ସାଇକେଲ ପରି.........
ସବୁଠି କଳଙ୍କୀ !
ସବୁଠି ଦାଗ !!
ସବୁଠି ଥକାପଣ !!!
ସେ' ଆଉ ଚଲାନ୍ତି ନାହିଁ,
ହେଲେ ପ୍ରତିଦିନ ତାକୁ ଛୁଇଁ ଦେଖନ୍ତି,
ଯେମିତି ନିଜ ଜୀବନର ହିସାବ ନେଉଛନ୍ତି ।

କେତେ ଥର ଖସି ପଡିଛନ୍ତି,
କେତେ ଥର ଉଠିଛନ୍ତି,
କେତେ ରାତି ଭୋକରେ ଶୋଇଛନ୍ତି,
ସେ' ହିସାବ.........
ସେଇ ସାଇକେଲର
ବଙ୍କା ରିମରେ ଲେଖା ଅଛି ।

ମୋ' ପାଖରେ ଏବେ ସବୁଅଛି,
ହେଲେ ରାତିରେ ଶୋଇଲେ
ବେଳେବେଳେ ଛାତି ଭିତରେ ଘଣ୍ଟି ବାଜେ !
ସେଇ ପୁରୁଣା ସାଇକେଲର ଘଣ୍ଟି,
ମୁଁ ଉଠି ବସେ............କାନ୍ଦି ପକାଏ ।

ବାପାଙ୍କ ସାଇକେଲ କେବଳ ଲୁହା ନୁହେଁ !
ସେ' ହେଉଛି ବାପାଙ୍କର
ସାରା ଜୀବନର ଯନ୍ତ୍ରଣା,
ଯାହାକୁ ସେ' ପେଡ଼ାଲ ମାରି ମାରି
ହସରେ ବଦଳାଇ ଦେଇଥିଲେ ।

ଆଜି ଯେତେବେଳେ ମୁଁ ଛୁଏଁ,
ମୋ' ହାତରେ କଳଙ୍କୀ ନୁହେଁ,
ବାପାଙ୍କ ଅଧା ରହିଯାଇଥିବା ନିଶ୍ୱାସ ଲାଗେ।


+ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪


## ଯନ୍ତ୍ରଣା
### କବିତା ପଣ୍ଡା



ଅନେକ ଦିନରୁ କବିତାକୁ
ଉହୁରି ଦେଇଥିବା ଛଦ୍ମବେଶୀ
ଆଜି ତା ଶବ୍ଦରେ
ସଜେଇଛି ପାଗଳୀ।

ଦିନେ ତାକୁ ଭରଷା କରି
ଦେଖୁଥିଲା ସ୍ୱପ୍ନ ରାତି ରାତି,
ଗଢୁଥିଲା ବାଲିଘର ।
ତା ପ୍ରେମର ବଂଶୀ ସ୍ୱର ଶୁଣିଲେ
ନାଚୁଥିଲା ମନ ଖୋଲି ମନ ପକ୍ଷୀ ,
କୋଉଁଠି ତ ନ ଥିଲା
ତା ଭିତରେ ଛଳନାର ଛବି ।

ଅଚାନକ ସବୁତକ ବାଲିଘର
ଭାଙ୍ଗି ଦେଇଥିବା ମଣିଷଟି
ଆଜି ବତୀଘର ତୋଳି
ନିମନ୍ତ୍ରିତ କରିବାରେ ବ୍ୟସ୍ତ ।

ଜୀବନ ଯନ୍ତ୍ରଣା
ଯନ୍ତ୍ରଣାର ବାରୁଦ ଗନ୍ଧରେ
ହାରି ଯାଉଥିବା ବେଳେ
ଏଇ କୃଷ୍ଣ ଚୂଡ଼ାର ମହ,
ସବୁ ତକ ରଙ୍ଗ ଆଣି
ରଙ୍ଗୀନ୍ କରିବାରେ ତତ୍ପର
କିନ୍ତୁ ସମୟ ସ୍ରୋତରେ ବନ୍ଧା ଏ ଜୀବନ ।

ତମ ମହରେ ମୋହିତ ହେବାକୁ
ଇଚ୍ଛା ଥିଲେବି
ନୋଟିସ୍ ଜାରି ହୋଇଗଲାଣି
ଅପରାହ୍ନର ମୁହୂର୍ତ୍ତ
ଛାଡ଼ିବାକୁ ରଙ୍ଗମଞ୍ଚ ।

ଛାତିର ଛାତିଏ ଆଶା
ମିଛ ପ୍ରତିଶ୍ରୁତି ନେଇ ଫେରିଯିବି
କେଉଁ ଏକ ରାଇଜକୁ
ପ୍ରତୀକ୍ଷା କରିଥିବି
ତୁମର ଫେରିବା ବାଟକୁ
ଆଉ ଏକ ଜନ୍ମକୁ ।


ମଙ୍ଗଳପୁର, ସୋର, ବାଲେଶ୍ୱର


## ଅନ୍ତର୍ମୁଖୀ
### ସୁଜିତ୍ କୁମାର ମିଶ୍ର



ଏ ଜୀବନେ ଅଛି ବୈଶାଖ ବସନ୍ତ ବୋଲିବାକୁ ହେବ ଦୁଇ,
ଆଶାର ବୀଜକୁ ବୁଣିବାକୁ ହେବ ହୋଇ ଆଶାବାଦୀ ନଈ ।
ନିରାଶାର ଝଡ ଆସିବ ନିମିଷେ ଧରି ରୂପ ଭୀମକାନ୍ତ,
ସାତ୍ତ୍ୱିକ ଚିନ୍ତନେ ମନନ ନିମଗ୍ନେ ମନ ଆହା ମାଲ୍ୟବନ୍ତ ।

ଯୁଝିବାକୁ ହେବ ବୁଝି ସଙ୍କଟକୁ ଆପଣେଇ ବୁଦ୍ଧି ଜ୍ଞାନ,
ନିର୍ମଳ ଆକାଶ ବିରାଜିବ ପୁଣି ବର୍ଷ, ମାସ, ରାତି, ଦିନ ।
କର୍ମ ଭଗବାନ ଧର୍ମ ସର୍ବେ ପ୍ରେମ ମନ ପାଇଁ ଅମ୍ଳାନ,
ହେଜିଲେ ହୃଦରୁ ନିରନ୍ତର ତପେ ଅଗଣାଟି ବୃନ୍ଦାବନ ।

କୋଟି ତପୋବଳେ କରୁଣା ହୋଇଲେ ମାନବ ଜୀବନ ପ୍ରାପ୍ତି,
ଧରମ କରମ ସାହା ଏକା ତାର ଚଲାପଥେ ଦିବ୍ୟ ଶକ୍ତି।
ଅଭିନୟ ସାରି ବାହୁଡ଼େ ଆତମା ଅବିର ଉଭାନ ଦେହୁ,
ଭବ ସାଗରରୁ ମୁକତି ଲଭଇ କାଳରାତି ପାହୁପାହୁ ।

ଏ ଜୀବନ ଆହାଃ କ୍ଷଣସ୍ଥାୟୀ ବାଆ ଏଇ ଅଛି ଏଇ ନାହିଁ,
ଅନ୍ତର୍ମୁଖୀ ହେଲେ ମନଟି ବସନ୍ତ ପ୍ରତିକ୍ଷଣେ ପ୍ରୀତି ବାହି ।


+ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨


## ସୁରବାଳା ତୁମେ
### ତାରାପ୍ରସାଦ ଜେନା

ସୁରବାଳା ତୁମେ ମୋ ଜୀବନେ ସୁର
ଏମିତି ବାନ୍ଧିଲ ତୁମେ
ତୁମକୁ ଛାଡ଼ିକି ଆଉ କା' ନଜର
ଆସିନି ସତରେ ପ୍ରେମେ
ସୁରବାଳା ତୁମେ ମୋ ଜୀବନେ ସୁର।

ସେ ସୁରରେ ଅଛି ବଞ୍ଚିବାର ରାହା
ଫଗୁଣ ଫଗୁର ରଙ୍ଗ
ସେ ପୁଲକେ ଅଛି ସପନର ତନ୍ଦ୍ରା
ହୃଦୟ ଭିତର ସାଙ୍ଗ,
ଭାବିବାରେ ତୁମେ ନାଚିବାରେ ତୁମେ
ପ୍ରିୟାର ବିବାକ ନାମେ
ସୁରବାଳା ତୁମେ ମୋ ଜୀବନେ ସୁର।

ଲହରେଇ ଆସ ମୋ ସାଥିରେ ବସ
ମନକୁ ମନ ତ ଗପ
ନିରୀହର ଗୁଣେ ବିରହର ଜଣେ
ବିଶ୍ୱାସ ମୋହିତ ରୂପ,
କେତେବେଳେ ଭାବେ ଗାଢ଼ ଆଲିଙ୍ଗନେ
ଅଧର ଅମୃତ ଚୁମେ
ସୁରବାଳା ତୁମେ ମୋ ଜୀବନେ ସୁର।


+ ରଣପୁର, ଜିଲ୍ଲା-ନୟାଗଡ଼
ମୋ: ୯୩୪୮୦୫୪୩୦୦


## ନୀରବତା
### ଅରୁଣ କୁମାର ଦାସ

ଚାରି ଅକ୍ଷର ବିଶିଷ୍ଟ ଶବ୍ଦ
ଯାହା ଉପସ୍ଥିତି ଓ ଉପସ୍ଥାନ ହୁଏ କଳନା
ଏକ ଅସ୍ତ୍ର ଭାବ ବ୍ୟବହାର କରନ୍ତି ଲଳନା
ମିଳିଥାଏ ଏକ ବିରାଟ ଝଡ଼ର ପୂର୍ବ ସୂଚନା ।
ଦି ପାକ୍ଷିକ କଳିର ମିଳେ ସମାଧାନ
ଅବା କେବେ ମିଳିଥାଏ ସମାପନ
ସଂଗଠନ ପାଇଁ ମିଳେନା ଶୁଭ ସୂଚନା
ବଢ଼ି ବଢି ଚାଲେ ଅନ୍ତଃ ବିବାଦ
କାହାକୁ କହିବା ଆମ ବାଦ
ସବୁଠି ବାଜିଲାଣି ନିନାଦ ।
ସବୁ ସହିଯିବା ନିରବତା ନୁହେଁ
ସବୁ କ୍ଷେତ୍ରରେ ନିରବତା ନିର୍ଦ୍ଦୋଷ ପ୍ରମାଣିତ ହୁଏନା
ନିର୍ଦ୍ଦୋଷ ରହିବା ସବୁ ବେଳେ ସମ୍ଭବ
ଅସାମାଜିକତା ନିର୍ଦ୍ଦୋଷ ସାବ୍ୟସ୍ତ ମାଧମ ହୋଇପାରେ ।
ସବୁ ନୀରବତା ନାଶେନା ଅନ୍ତର ବେଦନା
ବରଂ ବୃଦ୍ଧି ପାଇବାରେ ଲାଗେ
ଭରି ରହିଥାଏ ଅନେକ ଛଳନା
ସମସ୍ତଙ୍କ ବେଦନା ବୁଝି ହୁଏନା ।
ଏବେ ଚାଲିଛି ରଙ୍ଗ ଜମାନା
କାହା ପାଇଁ କାହାର ସମୟ ମିଳେନା
କେହି କାହା ପାଇଁ ଅପେକ୍ଷା କରେନା
ସମୟ ସ୍ରୋତରେ କେହି ଅଟକି ଯାଏନା ।


+ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ: ୯୯୩୮୭୩୩୦୭୫


## ଗାଁ ମୁଣ୍ଡରେ ଠାକୁରାଣୀ
### ସୁନୀଲ କୁମାର ପ୍ରଧାନ



ଗାଆଁ ଆରମ୍ଭରେ ବାସ କରି ଅଛି
ଗାଁକୁ ଆମର ଜଗିଛି
ବିପଦ ଆସିଲେ ଟାଳି ଦିଏ ମାଆ
ବାନାଟି ତାର ଉଡୁଛି ।
ଗାଆଁକୁ ଆମର ରକ୍ଷା କରେ ସେହି
ଜଗତ ଜନନୀ ହୋଇ
ଭଗବତୀ ଠାକୁରାଣୀ ନାମ ତାର
ସଂସାରେ ବିଖ୍ୟାତ ହୋଇ ।
ତା ପୀଠ ପାଖେ ପାଖେ ବିଦ୍ୟା ମନ୍ଦିର
ପିଲାଏ ପାଠ ପଢ଼ନ୍ତି
ଆଶ୍ୱିନ ମାସରେ ନବରାତ୍ର ପୂଜା
ପୂଜାରୀ ମନ୍ତ୍ର ପଢ଼ନ୍ତି ।
ମାନସିକ ନେଇ ଭକତ ଆସନ୍ତି
ଶ୍ରଦ୍ଧା ଭକ୍ତି ଭାବ ନେଇ
ମନବାଞ୍ଛା ପୂର୍ଣ୍ଣ କରିଥାଏ ମାଆ
ବିଶ୍ୱାସ ପ୍ରତୀକ ହୋଇ ।
ଜଗତ ଜନନୀ ସଙ୍କଟ ତାରିଣୀ
ଝାଟିପଦରର ରାଣୀ
ମାଆ ପାଦ ତଳେ ପଶେ ମୁଁ ଶରଣ
ଜୟ ମାତ ଠାକୁରାଣୀ ।


+ଝାଟିପଦର, ପାଲୁର , ଗଂଜାମ
ମୋ - ୭୬୦୯୯୩୪୩୬୬


## କେତୋଟି ଏକପଦୀ
### ନିରଞ୍ଜନ ସାହୁ



॥ କଣ୍ଠା ॥
ନଇ ବହୁଥାଏ ବାରବାଙ୍କ ଦେଇ
ସଳଖି ପାରେନା ଅଣ୍ଟା
ମୁଁ ମରିଗଲେ ତୁ କହିବୁ ଲୋ
ଚାଲିଗଲା ଗୋଟେ କଣ୍ଟା ।

॥ ଗପ ॥
ତୋହରି ଶୁଭ ମୁଁ ନିତି ମନସୁଛି
ମନ୍ଦିରରେ ଜାଳି ଦୀପ
ଆମରି କାହାଣୀ ପୁରୁଣା ହେଲାଣି
ଗୋଟେ ମନଗଢ଼ା ଗପ ।

॥ ମହକ ॥
କିଆ ମହକିଲା ମଲ୍ଲୀ ମହକିଲା
ଚମ୍ପା ମହକିଲା ସଖି
ମହକୁଥିବୁ ତୁ ଅଜଣା ରାଇଜେ
ନୂଆଲୋକ ମନ ରଖି ।

॥ ଲୋକହସା ॥
ଜହ୍ନ ରାଇଜରେ ଘର କରିବି ଲୋ
ମନରେ ବାନ୍ଧିଛି ଆଶା
କେତେକାଳ ଆଉ ତୋତେ ଆଶା ରଖି
ହେଉଥିବି ଲୋକହସା ।

॥ ପଛ ॥
ଯାହା ପଚାରିବୁ ସତ କହିବି ମୁଁ
ମୋ କଥାରେ ନାହିଁ ମିଛ
ଦୁନିଆକୁ ପଛେ ପଛ କରିଦେବି
କରିବିନି ତୋତେ ପଛ ।

॥ ସେବକ ॥
ମୋ ମନ ମନ୍ଦିରେ ଦେବୀ ତୁମେ ପ୍ରିୟା
ମୋ ମନ ମନ୍ଦିରେ ଦେବୀ
ଜନ୍ମ ଜନ୍ମାନ୍ତର ତୁମ ଶ୍ରୀଚରଣ
ସେବୁଥିବ ଏହି କବି ।

॥ ନିନ୍ଦାନାଗରା ॥
ଟୋପିଟୋପି ହୋଇ ଚନ୍ଦନ ଚିତା ଲୋ
ତୋ ମଥାକୁ ଭଲ ସାଜେ
ମଉନ ମୁହିଁ ତୁ ମଉନେ ରହିଲୁ
ମୋ ନାମେ ନାଗରା ବାଜେ ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩


## ଆହତ ପକ୍ଷୀର ଡେଣା
### ପ୍ରଶାନ୍ତ କୁମାର ଦାଶ



ତୁମେ ଥିଲ ମୋର ଏକାନ୍ତ ନିଜର
ଫଗୁଣ ଫୁଲର ବାସ
ନିଦାଘ ସମାନ ମଉଳାଇ ଦେଲ
ହେଲି ମୁଁଯେ ମଲାଘାସ ।

ତୁମ ପ୍ରତାରଣା ଜଳାଉଛି ମତେ
ଜଳୁଛି ଯେ ରାତି ଦିନ
ଦେଖିଚି ଆଖିରେ ନଈପଠା ଧାରେ
ପ୍ରଣୟର ସ୍ମୃତି ଚିହ୍ନ ।

ତାମେତ ରହିଛ ଆଖିକୋଣେ ମୋର
ବିଚ୍ଛେଦର ଲୁହ ସାଜି
ପ୍ରୀତି ଅନୁରାଗ ହୁଏ ଅବସୋସ
ତୁମକୁ ମୁଁ ଖୋଜି ଖୋଜି ।

ଯେତେ ଇଚ୍ଛାକଲେ ପାରୁନିତ ଦେଖି
ତୁମରି ରୂପକୁ ପ୍ରିୟା
ବେଶୀ ମନେପଡ ଥାଇ ବହୁଦୂରେ
ଲଗାଇ ଭେଳିକି ମାୟା ।

ନିରାଶାରେ ଜଳେ ଏଇ ମନବଳ
ତୁମକୁ ନପାଇ ପାଖେ
ନୀଡ଼ହଜା ପକ୍ଷୀ ସାଜି ତରୁ ଡାଳେ
ତୁମକୁ ପ୍ରିୟାଗୋ ଡାକେ ।

ଫୁଲ ପ୍ରଜାପତି କଳାଭଅଁରକୁ
ଦେଖି ମନ ମୋର ଝୁରେ
ପ୍ରତାରଣା କରି ରୁହନାହିଁ ସହୀ
ମୋଠାରୁ ବହୁତ୍ ଦୂରେ ।


+କୁଞ୍ଜର -ସଙ୍ଗଳାଇ,ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦


## ସମ୍ପର୍କର ପଡିଆରା
### ବୃନ୍ଦାବନ ପ୍ରଧାନ

କିଛି ସିମେଣ୍ଟ ଓ କିଛି ବାଲି,
ପାଣିକୁ ନେଇ ଘାଣ୍ଟି ଚକଟି କରି
ମସଲା ପାଗ ହେଲା ଉତାରୁ
ଇଟା ପରେ ଇଟା ଥାକ କରି।

ସଜାଡୁ ସଜାଡୁ ତୁ ଛିଡା
ହେଇଯାଉ ସୁନ୍ଦର କାନ୍ଥଟିଏ
ଅନେକ ସ୍ୱପ୍ନର ସାଗରେ ଭାସୁଥାଉ
ହେବାପାଇଁ ସତେ ସୁନ୍ଦର ଘରଟିଏ ।

ତୁ ତ ଅନେକ ଦେଖିଛୁ
କେତେ ଯେ ସହିଛୁ ଶୀତ ଖରା
ସତେତ ସେ ଶ୍ରାବଣର
ଅବିରତ ବାରିଧାରା ।

କାନ୍ଥଟିଏ ତୁ କାନ୍ଥଟିଏ ଗଢିଛୁ
ତୁ ଏକା ସମ୍ପର୍କର ପଡିଆରା ।


+ବାଉଲସିଂହା, ଭଟଲି, ବରଗଡ଼


## ମୁଁ ତୁମର କଳଙ୍କିନୀ ପ୍ରେମିକା
### ସ୍ୱାଗତିକା ତରାଇ



ମୁଁ ତୁମର କଳଙ୍କିନୀ ପ୍ରେମିକା,
ସମାଜ ଆଖିରେ ଅପରାଧିନୀ,
ତୁମ ପାଇଁ ମୁଁ
ସବୁ ନିୟମ ଭାଙ୍ଗିଥିଲି,
ନିଜ ସ୍ୱପ୍ନର ଦୀପକୁ
ତୁମ ହାତରେ ଜାଳି ଥିଲି।

ମୋ ଆଖିର କଜଳରେ
ଆଜି ବି ତୁମ ସ୍ମୃତିର ଛାୟା,
ମୋ ନିଶ୍ୱାସର ପ୍ରତ୍ୟେକ ପବନରେ
କେବଳ ତୁମ ନାମର ମାୟା ।

ସମାଜ ମୋତେ ଦେଲା
"କଳଙ୍କିନୀ"ର ଅଭିଶାପ,
କାରଣ ମୁଁ ଚାହିଁଥିଲି
ତୁମ ପ୍ରେମର ଅମୃତ ସ୍ପର୍ଶ ।

ମୋ ଅଧରର ଅକୁହା ଶବ୍ଦରେ
ଆଜି ବି ତୁମ ସ୍ପର୍ଶର କମ୍ପନ,
ମୋ ଭିଜା ଗାଲ ରେ
ତୁମ ବିଚ୍ଛେଦର ଅଶ୍ରୁ-ଚନ୍ଦନ ।

ମୁଁ ଚାହିଁଥିଲି କେବଳ
ତୁମ ହୃଦୟର ଏକ ଛୋଟ ଆଶ୍ରୟ,
କିନ୍ତୁ ପାଇଲି—
ସମାଜର ତୀକ୍ଷ୍ଣ ଶବ୍ଦ,
ଆଉ "କଳଙ୍କିନୀ"ର ଅଭିଶପ୍ତ ପରିଚୟ ।

ତଥାପି ଜାଣଛ ?
ତୁମ ପ୍ରେମ ମୋ ପାଇଁ
ଶ୍ରୀମନ୍ଦିରର ସନ୍ଧ୍ୟା ଆଳତୀ ପରି ପବିତ୍ର ଥିଲା,
ଯେଉଁଠି ମୋ ଆତ୍ମା
ନିରବେ ତୁମ ନାମ ଜପୁଥିଲା ।

ମୋ ପ୍ରେମର ପ୍ରତ୍ୟେକ ପୃଷ୍ଠାରେ
ତୁମ ନାମ ରକ୍ତଗୋଲାପ ପରି ଫୁଟିଉଠେ,
ଆଉ ପ୍ରତ୍ୟେକ ରାତିରେ
ମୋ ନିରବତା ତୁମକୁ ଖୋଜିଖୋଜି
ଅଶ୍ରୁରେ ପୁରି ଉଠେ।

ତୁମେ ଚାଲିଗଲା ପରେ
ଅନେକ ବର୍ଷା ଆସିଲା,
ତଥାପି ତୁମ ସ୍ମୃତିର ଶାଢ଼ୀ ପିନ୍ଧି
ମୋ ମନ ତୁମ ବାଟ ଚାହିଁ ବସିଲା ।

ହଁ...
ମୁଁ ତୁମର କଳଙ୍କିନୀ ପ୍ରେମିକା,
ତଥାପି ମୋ ପ୍ରେମ
ଗଙ୍ଗାଜଳ ପରି ପବିତ୍ର,
ଆଉ ତୁମ ସ୍ମୃତି,
ମୋ କୁଆଁରୀ ସିନ୍ଦୂରର ପ୍ରମାଣ ।।


+ଜେଲରୋଡ଼, ବାଲେଶ୍ୱର


## ଭିଡ଼
### ଆନନ୍ଦ କୁମାର ମାଇତି

ଭିଡ଼ ଗୋଟେ କଣ ହୋଇପାରେ ?
ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାର ପ୍ରୟାସ !
କିନ୍ତୁ ନିଜ ଗନ୍ତବ୍ୟ ତ ସେଇ
ଗୋଟେ ଜାଗା ମଶାଣୀ,
ଯେଉଁଠିକୁ ଯିବା ଲାଗି
ସାରା ଜୀବନ ବିତେଇ ଦେଉ,
ଯେଉଁ ଆପଣାର ପାଇଁ ଭିଡ଼ ଲଗାଉ ଏଇଠି
ସେମାନେ ହିଁ ଜାଳିଦେଇ ଆସେ
ଆମକୁ ସେଇଠି।
କିମ୍ବା ଭିଡ଼ ହୋଇପାରେ
ଗୋଟେ ଗୋଟେ ସୌଜନ୍ୟତା,
ଗୋଟେ ଗୋଟେ ପ୍ରେମ,
ଗୋଟେ ଗୋଟେ ସୁଖ !
ତଥାପି ଆତତାୟୀ ଛଦ୍ମ ନାରେ
ଯାର କଳା ମୁହଁ ଘୋଡ଼ା ହୋଇଛି
ତାକୁ ପଚାରିଲେ ହୁଏତ ସେ କହିବ
ଭିଡ଼ ମାନେ ଗୋଟେ ଲୁଣିଆ ସମୁଦ୍ର
ଭିଡ଼ ମାନେ ଗୋଟେ ଉତ୍ତପ୍ତ ପାହାଡ।
ଆମକୁ ସେଇ ଭିଡ଼ ଭିତରେ
ଭିଡ଼ ଜମେଇ ବାକୁ ହେବ
କିଛି ସୌଜନ୍ୟତା, କିଛି ପ୍ରେମ ,
କିଛି ସୁଖ ପାଇଁ
କାଳେ କେବେ ଯଦି ମିଳିଯାଏ
ଲୁଣିଆ ସମୁଦ୍ର କିମ୍ବା ଉତ୍ତପ୍ତ ପାହାଡ଼।


+ମୋ: ୬୩୭୦୪୧୯୦୫୦

# ନିଶା ଇଞ୍ଜେକ୍ସନ କାରବାର: ୫ ଅଭିଯୁକ୍ତ ଗିରଫ

ଜୟପୁର, ୧/୦୬ (ନି.ପ୍ର): ନିଶା ଇଞ୍ଜେକ୍ସନ କାରବାର ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି କୋରାପୁଟ ଜିଲା ଜୟପୁର ଟାଉନ ପୋଲିସ । ଏନେଇ ଆଜି ଜୟପୁର ଟାଉନ ଥାନା ପରିସରରେ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଥିଲା । ଏଥିରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଉପସ୍ଥିତ ରହି ସୂଚନା ଦେଇଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ସୌରା ସାହିର ଦେବାଶିଷ ପଟ୍ଟନାୟକ (୨୯), ପାରାବେଡ଼ାର ତାପସ ସାହ(୨୯), ଡଙ୍ଗାଗୁଡାର ରାମ ହରିଜନ (୩୪), ଖ୍ରୀଷ୍ଟିଆନପେଟାର ପ୍ରଦୀପ୍ତ ଖରା ଏଲିୟସ ରୋନି (୨୫) ଓ ପୁରୁଣାଗଡର ସୁରଜ କୁମାର ଗୁପ୍ତା ଏଲିୟସ ସୋନୁ (୨୯) । ଆଜି ଜୟପୁର ଟାଉନ ଥାନାରେ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇଥିଲ । ଏଥିରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଯୋଗଦେଇ ପେଣ୍ଟାଜୋସିନ୍ ଇଞ୍ଜେକସନ କାରବାରର ପର୍ଦାଫାସ କରିଥିବା ସୂଚନା ଦେଇଥିଲେ । ଜୟପୁର କେନାଲ ରୋଡ ନିକଟରେ ପେଣ୍ଟାଜୋସିନ ଇଞ୍ଜେକ୍ସନ କାରବାର ଚାଲୁଥିବା ପୋଲିସ ସୂଚନା ପାଇ ଚଢଉ କରିଥିଲା । ଚଢଉ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୋଲିସ ଅଭିଯୁକ୍ତଙ୍କ ଠାରୁ ୧୫ ପେକେଟରୁ ୭୫୦ ଆମ୍ପୌଲ ଜବତ କରିଛି । ଏଥିସହ ୧୫ ହଜାର ଟଙ୍କା ଓ ୫ଟି ମୋବାଇଲ ଜବତ କରିଛି । ଅଭିଯୁକ୍ତଙ୍କ ନିକଟରେ କୌଣସି ବୈଧ ଲାଇସେନ୍ସ କିମ୍ବା ଅନୁମତି ବିନା ବେଆଇନ ଭାବରେ ପେଣ୍ଟାଜୋସିନ ଇଞ୍ଜେକସନ ଚାଲାଣ ସହ କାରବାର କରୁଥିବା ଜାଣିବାକୁ ପାଇଥିଲା ପୋଲିସ । ଏହି ପେଣ୍ଟାଜୋସିନ ଇଞ୍ଜେକସନଟି ଅପରେସନ ସମୟରେ ବ୍ୟବହାର କରାଯାଏ । ବର୍ତ୍ତମାନ ଯୁବ ପିଢି ଅଧିକ ନିଶା ପାଇଁ ପେଣ୍ଟାଜୋସିନ ଇଞ୍ଜେକସନ ବ୍ୟବହାର କରୁଛନ୍ତି । ପେଣ୍ଟାଜୋସିନ ଇଞ୍ଜେକସନ ଦର ଠାରୁ ଅଧିକା ଦରରେ ବିକ୍ରୟ କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ପେଣ୍ଟାଜୋସିନ ଇଞ୍ଜେକସନ ଦ୍ୱାରା ଅବୈଧ ଚାଲାଣ ଏବଂ ମାନସିକ ଔଷଧର ଅପବ୍ୟବହାର ସାଧାରଣ ସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରୁଛି । ବିଶେଷ କରି ଯୁବ ପିଢି ଯାହା ନିଶା ସ୍ୱାସ୍ଥ୍ୟ କ୍ଷତି କାରଣ, ସମାଜିକ ବିକାର ଏବଂ ଅପରାଧ କାର୍ଯ୍ୟକଳାପ ସୃଷ୍ଟି କରେ । ସମାଜକୁ ବିପଦରେ ପକାଏ । ଏନେଇ ପୋଲିସ ୧୮୭/ ୨୬ ରେ ଏକ ମାମଲା ରୁଜୁ କରି ଏନଡିପିଏସ ଆଇନ ଅନୁଯାଇ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ରାମ ଓ ସୁରଜ ନାମରେ ଅଗରୁ ଏନଡିପିଏସ ମାମଲା ରହିଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନିରେ ଟାଉନ ଥାନା ଅଧିକାରି ଉଲ୍ଲାସା ଚନ୍ଦ୍ର ରାଉତ, ତଦନ୍ତକାରି ଅଧିକାରି ଗୋବିନ୍ଦ ହାଁସଦା ଉପସ୍ଥିତ ଥିଲେ । ଏହି ମାମଲାରେ ଅଧିକ ତଦନ୍ତ କରାଯିବ । ଅନ୍ୟ ମାନେ କେହି ଜଡିତ ଅଛନ୍ତି କି ନାହିଁ ପୋଲିସ ତଦନ୍ତ କରିବ । ଏହି କାରବାରରେ କେହି କେହି ଜଡିତ ଅଛନ୍ତି ସେ ଦିଗ ପ୍ରତି ପୋଲିସ ତଦନ୍ତ କରୁଥିବା ଜଣାଯାଇଛି ।

## ପୁରୀରେ ଏନକାଉଂଟର: ଚନ୍ଦନ ଜେନା ଆହତ

ପୁରୀ, ୧/୦୬ (ନି.ପ୍ର): ଶନିବାର ରାତିରେ ବାସେଳୀସାହି ଥାନା ପୋଲିସ ର ଏନକାଉଂଟର ଫଳରେ ଚନ୍ଦନ ଓରଫ ବିଷ୍ଣୁ ପ୍ରସାଦ ଜେନା ଆହତହୋଇଛନ୍ତି ।ଥାନା ରେ ଖବର ପହଁଚିଲା କିଛି ଯୁବକ ଅପରାଧିକ କାର୍ଯ୍ୟକଳାପ ପାଇଁ ଯୋଜନା କରୁଛନ୍ତି । ମଙ୍ଗଳାଘାଟ -ଷ୍ଟର୍ଲିଂ ରାସ୍ତା ର ଓଁକାରଶ୍ୱର ମନ୍ଦିର ନିକଟରେ କିଛି ଯୁବକ ବୁଲୁଛନ୍ତି ।ପୋଲିସ ଗାଡି ଦେଖି ସେମାନେ ଦଉଡି ପଳାଇଥିଲେ । ମଟରସାଇକେଲ ରେ ଯିବାବେଳେ ଚନ୍ଦନ ପଡ଼ିଯାଇଥିଲା ।ପଡିଗଲା ପରେ ଚନ୍ଦନ ପୋଲିସ ଉପରକୁ ଫାୟାରିଙ୍ଗ କରିଥିଲା । ପୋଲିସ ସେମାନଙ୍କ ସୁରକ୍ଷା ପାଇଁ ବନ୍ଧୁକ ରୁ ଗୁଳି ଫୁଟାଇଥିଲା, ତାହା ଚନ୍ଦନ ର ଡାହାଣ ଗୋଡ ରେ ବାଜିଥିଲା ଓ ଆହତ ହୋଇଥିଲା ।ପୋଲିସ ଚନ୍ଦନ କୁ ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛି । ଚନ୍ଦନ ନାମରେ କୋଣାର୍କ ସମେତ ବିଭିନ୍ନ ଥାନା ରେ ମାମଲା ରହିଛି ।

# ରାଜ୍ୟପାଳଙ୍କ ପ୍ରଥମ ମହିଳା ଏଡିସି ଭାବେ ଆଇପିଏସ୍ ଅଫିସର ଅନନ୍ୟା ଅଓ୍ୱସ୍ତି ନିଯୁକ୍ତ

ଭୁବନେଶ୍ୱର, ୧/୦୬ (ନି.ପ୍ର): ଓଡିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ତିଙ୍କୁ ରାଜ୍ୟପାଳଙ୍କ ଏଡିସି (ପୋଲିସ) ଭାବେ ନିଯୁକ୍ତି ଦେଇଛନ୍ତି ଓ ସୂଚନା ଯୋଗ୍ୟ ଯେ ଅନନ୍ୟା ଅଓ୍ୱସ୍ତି ଓଡିଶା ରାଜ୍ୟପାଳଙ୍କ ସମ୍ମାନଜନକ ଏଡିସି ପଦବୀରେ ନିଯୁକ୍ତ ହେବାରେ ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ । ରବିବାର ଲୋକଭବନରେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଅନନ୍ୟା ଅଓ୍ୱସ୍ତିଙ୍କୁ ନୂତନ ପୋଲିସ ଏଡିସି ଭାବରେ ସ୍ୱାଗତ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଯୁକ୍ତି ପୂର୍ବରୁ, ଅନନ୍ୟା ଅଓ୍ୱସ୍ତି କଟକର ୟୁପିଡିର ଆସିଷ୍ଟାଂଟ ପୋଲିସ କମିଶନର (ଏସିପି) ଭାବରେ କାର୍ଯ୍ୟରତ ଥିଲେ। ଓଡିଶାର ରାଜ୍ୟପାଳଙ୍କ ଏଡିସି ଭାବରେ କାର୍ଯ୍ୟ କରିବାରେ ପ୍ରଥମ ମହିଳା ଭାବରେ ତାଙ୍କର ନିଯୁକ୍ତି ସାର୍ବଜନୀନ ସେବାରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଅନନ୍ୟା ଅଓ୍ୱସ୍ତି ଆଇପିଏସ୍ ଅଧିକାରୀ କୁଲଦୀପ ମୀନାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି। ରାଜ୍ୟପାଳଙ୍କ ବିଭିନ୍ନ ସରକାରୀ କାର୍ଯ୍ୟ, ଆନୁଷ୍ଠାନିକ ସମାରୋହ ଏବଂ ଅନ୍ୟାନ୍ୟ ପ୍ରୋଟୋକଲ-ସମ୍ବନ୍ଧୀୟ କର୍ତ୍ତବ୍ୟ ନିର୍ବାହ ସମୟରେ ରାଜ୍ୟପାଳଙ୍କୁ ସହାୟତା କରିବାରେ ଏଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଦୁଇଜଣ ଏଡ଼ିସିଙ୍କ ମଧ୍ୟରେ ଜଣେ ଭାରତୀୟ ନୌସେନାର ଏବଂ ଅନ୍ୟ ଜଣେ ପୋଲିସ ଅଧିକାରୀ ଅଟନ୍ତି । ଅନନ୍ୟା ଅଓ୍ୱସ୍ତି ପୋଲିସ ଏଡିସି ଭାବରେ କାର୍ଯ୍ୟ କରିବେ ଏବଂ ଭାରତୀୟ ନୌସେନାର ଲେଫ୍ଟନାଂଟ ହର୍ଷିତ ଦେଓ ରାଜ୍ୟପାଳଙ୍କ ନୌସେନା ଏଡିସି ଭାବରେ କାର୍ଯ୍ୟରତ ଅଛନ୍ତି ।

# ଓଏସଏଚବି ପକ୍ଷରୁ ସାରା ରାଜ୍ୟରେ ସୁଲଭ ଗୃହ ପ୍ରକଳ୍ପର ବ୍ୟାପକ ସମ୍ପ୍ରସାରଣ ଲକ୍ଷ୍ୟ

## ସାମାଜିକ ଗୃହ ନିର୍ମାଣର ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ଏସିଏସ୍ ଶ୍ରୀମତୀ ଉଷା ପାଢ଼ୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧/୦୬ (ନି.ପ୍ର): ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ପକ୍ଷରୁ ସାରା ରାଜ୍ୟରେ ଶସ୍ତା, ସୁଲଭ ଓ ସମାବେଶୀ ଗୃହ ପ୍ରକଳ୍ପର ବ୍ୟାପକ ସମ୍ପ୍ରସାରଣ କରାଯିବ। ଏଥିପାଇଁ ବିଭିନ୍ନ ବୃହତ ଆବାସିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ କରିବାକୁ ଏକ ରଣନୀତି ପ୍ରସ୍ତୁତ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓଏସଏଚବିର ଚାଲୁ ରହିଥିବା ଏବଂ ଆଗାମୀ ପ୍ରକଳ୍ପଗୁଡ଼ିକର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୋର୍ଡର ଅଗ୍ରଗତି ଏବଂ ଆଗାମୀ ରୋଡମ୍ୟାପ୍ ଉପସ୍ଥାପନ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଓଏସଏଚବିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଗଙ୍ଗାଧର ନାୟକ ସୂଚନା ଦେଇଛନ୍ତି ଯେ, ବୋର୍ଡ ପକ୍ଷରୁ ଏପର୍ଯ୍ୟନ୍ତ ୨୧ଟି ଜିଲ୍ଲାରେ ୩୨,୩୪୩ଟି ଗୃହ, ଦୋକାନ ଗୃହ ଏବଂ ପ୍ଲଟ୍ ବିକଶିତ କରାଯାଇଛି। ଏହା ଆର୍ଥିକ ଅନଗ୍ରସର , ନିମ୍ନ ଆୟ , ମଧ୍ୟମ ଆୟ ଏବଂ ଉଚ୍ଚ ଆୟ ଶ୍ରେଣୀର ଲୋକଙ୍କ ଆବଶ୍ୟକତା ପୂରଣ କରୁଛି। କେବଳ ଖୋର୍ଦ୍ଧା ଜିଲ୍ଲାରେ ୨୦,୦୦୦ରୁ ଅଧିକ ୟୁନିଟ୍ ବିକଶିତ କରାଯାଇଛି। ସମୀକ୍ଷା ଅନୁସାରେ, ବର୍ତ୍ତମାନ ୫୧୭ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୧୪୮୪ଟି ଆବାସିକ ୟୁନିଟ୍ ସମ୍ବଳିତ ୫ଟି ପ୍ରମୁଖ ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି: ଖାରବେଳ ଏନକ୍ଲେଭ , ଜାଗମରା, ଭୁବନେଶ୍ୱରରେ ୬୨.୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୦୪ଟି ଉଚ୍ଚ ଆୟକାରୀ ( ଏଚ୍ ଆଇ ଜି) ଆପାର୍ଟମେଂଟ ବିଶିଷ୍ଟ ଏହି ପ୍ରକଳ୍ପ ହସ୍ତାନ୍ତର ପର୍ଯ୍ୟାୟରେ ପହଞ୍ଚିଛି ଏବଂ ୩୦ ଜଣ ବ୍ୟକ୍ତିଙ୍କୁ ଆପାର୍ଟମେଂଟ ହସ୍ତାନ୍ତର କରାଯାଇଛି। ଅନୁଗୁଳ ଏନକ୍ଲେଭ: ୧୪.୫୫ କୋଟି ଟଙ୍କା ବିନିଯୋଗରେ ୬୧୩ଟି ଆବାସିକ ଗୃହ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଏଥିମଧ୍ୟରୁ ୨୨୮ଟି ୟୁନିଟ୍ର ନିର୍ମାଣ ଶେଷ ହୋଇଥିବା ବେଳେ ଡିସେମ୍ବର ୨୦୨୬ ସୁଦ୍ଧା ଏହାର ପୋଜେସନ (ଦଖଲ) ମିଳିବ ବୋଲି ଆଶା କରାଯାଉଛି। ବାକି ୟୁନିଟ୍ଗୁଡ଼ିକ ଡିସେମ୍ବର ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

ଭୁବନେଶ୍ୱର, ୧/୦୬ (ନି.ପ୍ର): ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ରୁଦ୍ରନାରାୟଣ ସାମନ୍ତରାୟ ବିଜେଡି ଛାଡ଼ି ସମର୍ଥକଙ୍କ ସହ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲା ଯୁବ ସମ୍ପାଦକ ଅଶୋକ ପଲେଇ, ଲୋପାମୁଦ୍ରା ନାୟକ, ଦେବଶିଷ ରଣା, ମିଲନ ପାଇକରାଏ, ସୌରଭ ମହାନ୍ତି, ବିଶ୍ୱଜିତ୍ ଦାସ, ଶୈଳେନ୍ଦ୍ର ପ୍ରସାଦ ରାଏ, ରାଜା ନିର୍ମାୟା ପ୍ରସାଦ, ସନ୍ଦୀପ କୁମାର ବଳ, ସୁମନ କୁମାରୀ, ସ୍ୱୀକୃତି ପଟ୍ଟନାୟକ, ବିବେକାନନ୍ଦ କର, ଶୈଳେନ୍ଦ୍ର ରାଏ ପ୍ରମୁଖ ବିଜେଡି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ନୂତନ କାର୍ଯ୍ୟକର୍ତାଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରାଯାଇଛି । ଏହି ଅବସରରେ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି ଯେ, ଆଜିର ମିଶ୍ରଣ ପର୍ବ ପରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେପି ସଂଗଠନ ଆହୁରି ସୁଦୃଢ଼ ହୋଇଛି । ରାଷ୍ଟ୍ର ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିବା ବିଜେପି ଦଳ ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ । ଏହି ଦଳରେ ୧୪ କୋଟିରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତା ଥିଲାବେଳେ ଦେଶର ୨୨ ରାଜ୍ୟରେ ବିଜେପି ଓ ଏନ୍ଡିଏ ସରକାର ରହିଛି । ଗଙ୍ଗୋତ୍ରୀରୁ ଗଙ୍ଗା ସାଗର ପର୍ଯ୍ୟନ୍ତ ଆମର ସରକାର ରହିଛି । ଭାରତୀୟ ଜନତା ପାର୍ଟିର କାର୍ଯ୍ୟ ଶୈଳୀ ଓ ବିଚାରଧାରା ଉପରେ ବିଶ୍ୱାସ କରି କାର୍ଯ୍ୟକର୍ତାମାନେ ଅନ୍ୟାନ୍ୟ ରାଜନୈତିକ ଦଳ ଛାଡି ବିଜେପିରେ ଯୋଗଦେଉଛନ୍ତି । କାରଣ ବିଜେପି ସକାରାତ୍ମକ ରାଜନୀତିରେ ବିଶ୍ୱାସ କରି ରାଷ୍ଟ୍ର ନିର୍ମାଣକୁ ଗୁରୁତ୍ୱ ଦିଏ । ଆଗାମୀ ଦିନରେ ଆମ ସମସ୍ତଙ୍କୁ ନିସ୍ୱାର୍ଥଭାବେ ଅନେକ କାର୍ଯ୍ୟ କରିବାର ଅଛି । ପ୍ରତ୍ୟେକ ଘରେ ପହଂଚିବାର ଅଛି । ସମାଜରେ ରହୁଥିବା ବିଭିନ୍ନ ବର୍ଗର ଲୋକଙ୍କ କଥା ବୁଝିବାର ଅଛି । ଏନେଇ ରାଷ୍ଟ୍ର ନିର୍ମାଣର ଭାବନା ନେଇ ସମସ୍ତେ ଗୋଟିଏ ଦିଶାରେ କାର୍ଯ୍ୟକରି ଦଳକୁ ଅଧିକ ସୁଦୃଢ଼ କରିବାକୁ ଶ୍ରୀମତୀ ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ, ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ଜନ ସେବାକୁ ସଂକଳ୍ପ ନେଇ ସେ ଏକ ନୂଆଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ, ରାଜ୍ୟସଭାପତି ଶ୍ରୀ ମନମୋହନ ସାମଲଙ୍କ ଆର୍ଶୀବାଦ, ସାସଂଦ ଷଡ଼ଙ୍ଗୀଙ୍କ କାର୍ଯ୍ୟ ଶୈଳୀ, ଓ ଚିନ୍ତାଧାରାରେ ଅନୁପାଣିତ ହୋଇ ସେ ବିଜେପିରେ ଯୋଗଦେଇଛନ୍ତି । ୨୦ ବର୍ଷ ହେବ ବିଭିନ୍ନ ସାମାଜିକ ସଂଗଠନ ମାଧ୍ୟମରେ ସେ ଲୋକଙ୍କ ସେବା କରି ଆସୁଥିଲେ । ଲୋକଙ୍କ ଅଧିକ ସେବା କରିବା ପାଇଁ ୨୦୧୯ରେ ବିଜେଡିରେ ଯୋଗଦେଇଥିଲେ । ମାତ୍ର ସେଠାରେ ଲୋକଙ୍କୁ ଠିକ୍ ଭାବେ ସେବା କରିବାକୁ ସୁଯୋଗ ମିଳୁ ନଥିଲା । ଉଚିତ୍ ନେତୃତ୍ୱ, ପ୍ରେରଣା ଓ ସକ୍ରିୟ ମାର୍ଗଦର୍ଶନ ମିଳିପାରୁ ନଥିଲା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଭାରତ ଆଗକୁ ବଢୁଥିବା ଦେଖି ବିଜେପିରେ ଯୋଗ ଦେବାକୁ ସ୍ଥିର କରିଥିଲେ । ବିଜେପି ଏକ ଦଳ ନୁହେଁ ରାଷ୍ଟ୍ର ନିର୍ମାଣର ଏକ ପରିବାର । ଏହି ପରିବାରରେ ଯୋଗଦେଇଥିବାରୁ ସେ ନିଜକୁ ଗର୍ବିତ ଅନୁଭବ କରୁଥବା କହି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ ବିଧାୟକ ଶ୍ରୀ ପ୍ରଶାନ୍ତ ଜଗ୍ଦେବ, ରାଜ୍ୟ ସମ୍ପାଦକ ଶ୍ରୀମତୀ ପିଙ୍କି ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଜୀବନ ପ୍ରଦୀପ ଦାସ, ଶ୍ରୀ ନିକୁଞ୍ଜ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ପୂର୍ବତନ ସଭାପତି ଶ୍ରୀ ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୱାଟର ପାର୍କ ରାଇଡ୍ରେ ମହିଳା ଗୁରୁତର ଆହତ: ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନବାଚୀ

ସମ୍ବଲପୁର, ୧/୦୬ (ନି.ପ୍ର): ବୁର୍ଲା ନିକଟସ୍ଥ ସିଲଟ ଅଂଚଳରେ ଥିବା ଇଂଟରର୍ଟନମେଂ କିଙ୍ଗଡମ୍ ୱାଟର ପାର୍କ ରାଇଡ୍ରେ ଏକ ଦୁର୍ଘଟଣା ଘଟି ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡିଛି। ଫଳରେ ଏବେ ଏହାର ସୁରକ୍ଷା ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ସମ୍ବଲପୁରର ସରଲାକାନି ଅଂଚଳର ବାସିନ୍ଦା ଭୋଳାନାଥ ଦାଶଙ୍କ ପତ୍ନୀ ନୁକାମ୍ବିକା ନେଲୁରୀ ନିଜ ଝିଅର ଝିଆରୀମାନଙ୍କ ଗହଣରେ ଆଜି ଦିନ ସାଢ଼େ ୧୧ ଟା ବେଳେ ଇଂଟରର୍ଟନମେଂଟ କିଙ୍ଗଡମ୍ୱାଟର ପାର୍କକୁ ଯାଇଥିଲେ। ପର୍ଯ୍ୟଟକ ମାନଙ୍କ ପାଇଁ ଉଦ୍ଧିଷ୍ଟ ୱାଟର ରାଇଡ୍ରେ ଚଢ଼ିଥିଲେ। ମାତ୍ର ରାଇଡ୍ର ଗଠନ ଓ ତ୍ରୁଟିପୁର୍ଣ୍ଣ ଡିଜାଇନ୍ ଯୋଗୁଁ ତାଙ୍କ ମୁଣ୍ଡ ରାଇଡ୍ର ଭିତର କାନ୍ଥରେ ଶକ୍ତ ଆଘାତର ଶିକାର ହୋଇ ଗୁରୁତର ଆହତ ହୋଇ ପଡିଥିଲେ। ଆହତ ମହିଳାଙ୍କୁ ତୁରନ୍ତ ଲାଇଫ୍ କେୟାର ମଲ୍ଟି ସ୍ପେଶାଲିଟି ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କ ମୁଣ୍ଡର ବାହ୍ୟ ଆଘାତକୁ ସିଲେଇ କରିବା ପାଇଁ ପ୍ରାୟ ୧୨ଟିରୁ ଉର୍ଦ୍ଧ୍ୱ ଷ୍ଟିଚ୍ ଲାଗିଥିବା ଜଣାପଡ଼ିଛି। ଅଧିକ ଚିକିତ୍ସା ପରୀକ୍ଷା ପାଇଁ ତାଙ୍କୁ ସିଟି ସ୍କାନ୍ କରାଯାଇଥିବା ବେଳେ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏହି ଘଟଣା ପରେ ୱାଟର ପାର୍କର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉପସ୍ଥିତ ପର୍ଯ୍ୟଟକଙ୍କ ସହ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ରାଇଡ୍ ଗୁଡ଼ିକରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ହେଡ୍ଗିୟର, ସୁରକ୍ଷା ଟ୍ୟୁବ୍ କିମ୍ବା ଅନ୍ୟାନ୍ୟ ସୁରକ୍ଷା ସାମଗ୍ରୀ ବ୍ୟବସ୍ଥା ନଥିବା ମଧ ଅଭିଯୋଗ ହେଉଛି। ପ୍ରତିଦିନ ଶତାଧିକ ପର୍ଯ୍ୟଟକ ଏହି ପାର୍କକୁ ଆସୁଥିବା ବେଳେ ଏଭଳି ଦୁର୍ଘଟଣା ଜନସୁରକ୍ଷା ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଥିବା ସାଧାରଣରେ ଅଭିଯୋଗ ହୋଇଛି।

## ଚେସ୍ ଖେଳିଲେ ଶତାଧିକ ଛାତ୍ରଛାତ୍ରୀ

ପୁରୀ, ୧/୦୬ (ନି.ପ୍ର): ସୁଖଲତା ସ୍ମୃତି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପିଲାଙ୍କ ଖବର କାଗଜ ଶିଶୁ ସମାଚାରର ଉନବିଂଶ ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ବିଦ୍ୟାଳୟ ସ୍ତରୀୟ ଚେସ୍ ଖେଳ ପ୍ରତିଯୋଗିତା ଚେସ୍ ପ୍ରଶିକ୍ଷକ ଶ୍ୟାମଲ କୁଣ୍ଡୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଆୟୋଯିତ ଉତ୍ସବରେ କୁନି ଚେସ୍ ଖେଳାଳି ପ୍ରତ୍ମିକ୍ ସିଂ ଏବଂ ଶିଶୁ ସମାଚାର ପରିବାରର ସଦସ୍ୟ ମନୋଜ କୁମାର ରଥ, ବିଜୟ କୁମାର ବ୍ରହ୍ମା ଓ ଅନାମ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରି ଶିଶୁମାନଙ୍କ ଭିତରେ ଥିବା ଚେସ୍ ଖେଳର ମାନସିକତାକୁ ଶକ୍ତ କରିବା ସହ ଆଗକୁ ବଢିବାରେ ଶିଶୁ ସମାଚାରର ପ୍ରୟାସ ବେଶ୍ ତାତ୍ପର୍ଯ୍ୟ ପୂର୍ଣ୍ଣ ବୋଲି କହିଥିଲେ । ଏହି ପ୍ରତିଯୋଗିତାକୁ ସର୍ବଶ୍ରୀ ଶ୍ରବଣ କୁମାର ପ୍ରଧାନ, ଅଶୋକ ନାୟକ, ସ୍ୱରାଜ ମହାନ୍ତି ଓ ଓମ୍ ପ୍ରକାଶ ତ୍ରିପାଠୀ ପରିଚାଳନାରେ ସହଯୋଗ କରିଥିଲେ । ଶିଶୁ ସମାଚାରର ସଂପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ସହ ପୌର ସଦନରେ ଆସନ୍ତା ଅଗଷ୍ଟ ୮ ତାରିଖରେ ହେବାକୁ ଥିବା ସ୍ୱନକ୍ଷେତ୍ର ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯିବ । ଆସନ୍ତା ରବିବାର ଦିନ ଦାମୋଦର ରୋଡ୍ ସ୍ଥିତ ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ । ଅନ୍ୟତମ ପରିବାର ସଦସ୍ୟ ଡ. ଶଶିକାନ୍ତ ରଥ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ

ବଲାଙ୍ଗିର, ୧/୦୬ (ନି.ପ୍ର): ସ୍ଥାନୀୟ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ଶିକ୍ଷା ପରିବାର ତରଫରୁ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ, ବଲାଙ୍ଗୀର ତଥା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ସମ୍ବଲପୁର ପ୍ରଦୀପ କୁମାର ନାଗଙ୍କୁ ଏକ ଭାବବିହ୍ୱଳ ଓ ଗରିମାମୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଡିଏଭି, ଟିଟିଲାଗଡର ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବ ପ୍ରସାଦ ବେହେରା, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ରୀନା କୁମାରୀ ବେହେରା ଓ ସେବାଶ୍ରୀ ଭୋଇ, ବଲାଙ୍ଗୀର ବିଇଓ ନୀଳମଣି ପଟେଲ, ଟିଟିଲାଗଡ ବିଇଓ ଆର୍ତ୍ତତ୍ରାଣ ରଥ ମଞ୍ଚାସୀନ ଥିଲେ। ଶିକ୍ଷା ବିଭାଗର ଅଧିକାରୀ, କର୍ମଚାରୀ, ଡିପିସି ଅଫିସ ର ସମସ୍ତ କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟତ୍ରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଶୁଭେଚ୍ଛୁ ମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନାଗଙ୍କ ଦୀର୍ଘ ଶିକ୍ଷା ସେବା ଜୀବନକୁ ସ୍ମରଣ କରାଯାଇଥିଲା ।ସଭାର ପ୍ରାରମ୍ଭରେ ଅତିଥିମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରୀ ନାଗଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ମୁଖ୍ୟବକ୍ତା ଶ୍ରୀ ବେହେରା, ସଇଁତଲା ବିଇଓ ଦିଲୀପ ଯୋଶୀ, ଜିଲ୍ଲା ବିଜ୍ଞାନ ତତ୍ତ୍ୱାବଧାରକ ନବଘନ ସାହୁ, ବଲାଙ୍ଗୀର ବିଇଓ ନୀଳମଣି ପଟେଲ, ଡିପିସି ଅଫିସ ର ସିନିଅର ଟେକ୍ନିକାଲ କନ୍ସଲଟାଣ୍ଟ ଭୁବନାନନ୍ଦ ହୋତାଙ୍କ ସମେତ ବିଭିନ୍ନ ବକ୍ତା ଶ୍ରୀ ନାଗଙ୍କ କାର୍ଯ୍ୟଦକ୍ଷତା, ନିଷ୍ଠା ଓ ପ୍ରଶାସନିକ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ବକ୍ତା ମାନେ ନିଜ ବକ୍ତବ୍ୟରେ ଶ୍ରୀ ନାଗ ବଲାଙ୍ଗୀର ଜିଲ୍ଲାରେ ଜିଲ୍ଲା ଶିକ୍ଷା ଅଧିକାରୀଭାବେ ଦାୟିତ୍ୱ ପାଳନ ସମୟରେ ଶିକ୍ଷାର ମାନୋନ୍ନତି, ବିଦ୍ୟାଳୟ ପରିଚାଳନାରେ ସ୍ୱଚ୍ଛତା, ଶିକ୍ଷକ ମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ରୀନା କୁମାରୀ ବେହେରା ଓ ସେବାଶ୍ରୀ ଭୋଇ ନିଜ ବକ୍ତବ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନାଗଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଶିକ୍ଷାମୂଳକ କାର୍ଯ୍ୟକ୍ରମ ସଫଳତାର ସହିତ ରୂପାୟିତ ହୋଇଥିଲା ବୋଲି କହିବା ସହ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ଗୁଣାତ୍ମକ ବିକାଶ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି, ପରୀକ୍ଷା ଫଳାଫଳରେ ଉନ୍ନତି ଏବଂ ସରକାରୀ ଯୋଜନାଗୁଡିକର ସଫଳ କାର୍ଯ୍ୟକାରିତା କ୍ଷେତ୍ରରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ନାଗ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ମିଳିଥିବା ସହଯୋଗ ପାଇଁ ସମସ୍ତ ଅଧିକାରୀ, ଶିକ୍ଷକ ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ ଯେ, ଶିକ୍ଷା କ୍ଷେତ୍ରର ଉନ୍ନତି କେବଳ ଜଣେ ବ୍ୟକ୍ତିଙ୍କ ପକ୍ଷରେ ସମ୍ଭବ ନୁହେଁ, ବରଂ ସମସ୍ତଙ୍କ ମିଳିତ ପ୍ରୟାସ ଓ ସହଯୋଗ ଦ୍ୱାରା ଏହା ସମ୍ଭବ ହୋଇଥାଏ । ଭବିଷ୍ୟତରେ ମଧ ଶିକ୍ଷା କ୍ଷେତ୍ରର ଅଗ୍ରଗତି ପାଇଁ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ ସେ ଆହ୍ୱାନ ଜଣାଇଥିଲେ। ନିଜ ବକ୍ତବ୍ୟରେ ସେ କହିଥିଲେ ଯେ, ଦାୟିତ୍ୱ ନିର୍ବାହ ସମୟରେ ଶିକ୍ଷାର ଉନ୍ନତି ଓ କାର୍ଯ୍ୟର ସଫଳ ରୂପାୟନ ପାଇଁ ସେ କଠୋର ମନୋଭାବ ଅବଲମ୍ବନ କରିଥିଲେ। ଏହି କ୍ରମରେ କେବେ କେବେ କାହାକୁ କଠୋର ଭାଷାରେ ତାଗିଦ କିମ୍ବା ଭର୍ତ୍ସନା କରିଥିଲେ, ତେବେ ତାହାକୁ ବ୍ୟକ୍ତିଗତ ଭାବେ ନ ନେବାକୁ ଅନୁରୋଧ କରିଥିଲେ। ତାଙ୍କର ସମସ୍ତ ପଦକ୍ଷେପ ଓ ନିଷ୍ପତ୍ତି କେବଳ ଶିକ୍ଷା ବ୍ୟବସ୍ଥାର ଉନ୍ନତି ଏବଂ ଛାତ୍ରଛାତ୍ରୀଙ୍କ ହିତକୁ ଦୃଷ୍ଟିରେ ରଖି ନିଆଯାଇଥିବା ସେ ପ୍ରକାଶ କରିଥିଲେ ।ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସେବାଶ୍ରୀ ଭୋଇଙ୍କ ମାର୍ଗଦର୍ଶନରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ପ୍ଲାନିଙ୍ଗ କୋର୍ଡିନେଟର ଦେବେଶ ମିଶ୍ର ଶ୍ରୀ ନାଗଙ୍କ କାର୍ଯ୍ୟକାଳ ସମୟରେ ଆୟୋଜିତ ବିଭିନ୍ନ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ, ବିଦ୍ୟାଳୟ ପରିଦର୍ଶନ, ସଫଳତା ଏବଂ ସ୍ମରଣୀୟ ମୁହୂର୍ତ୍ତ ଗୁଡିକର ସ୍ଥିର ଫୋଟୋ ଚିତ୍ର ଗୁଡିକୁ ସ୍ଲାଇଡ଼ ମାଧ୍ୟମରେ ପ୍ରଦର୍ଶନ କରିଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନ, ୧/୦୬ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଅନନ୍ତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରେଣୁବାଳା ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦୁଷ୍ମନ୍ତ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଶ୍ରୀମତୀ ସୁମତି ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ବିଆରସିସି ଶ୍ରୀମତୀ ରାଜଲକ୍ଷ୍ମୀ ଟୁଡୁ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରବି ନାରାୟଣ ଆଇଚ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ମଲିକ ଯୋଗଦେଇଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରେଣୁବାଳା ସାହୁଙ୍କ ଶିକ୍ଷକତା ଶୈଳୀକୁ ଉଚ୍ଚ ପ୍ରଶଂସା କରିବା ସହ ନିଜ ବୃତ୍ତିକୁ ଭଲ ପାଅ ଏବଂ ସମୟାନୁବର୍ତ୍ତିତା ହୁଅ ବୋଲି ଅତିଥି ମାନେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ରେଣୁବାଳା ସାହୁ ଅତ୍ୟନ୍ତ କୋହଭରା କଣ୍ଠରେ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀମତୀ ସାହୁଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯିବା ସହିତ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା । ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଅମର ଦାଶ , ଶିକ୍ଷୟିତ୍ରୀ ଉଜ୍ଜ୍ୱଳା ପ୍ରଧାନ, ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ଏମଭି ୭୯ଥାନା ସମ୍ମୁଖରେ ଜଳଛତ୍ର ଉଦ୍ଘାଟନ

ମାଲକାନଗିରି, ୧/୦୬ (ନି.ପ୍ର): ଅଧିକ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ଏମଭି ୭୯ଥାନା ସମ୍ମୁଖସ୍ଥ ୩୨୬ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ଥାନା ନାକା ପୋଷ୍ଟ ପାଖରେ ଏକ ଜଳଛତ୍ର ଆଜି ଉଦ୍ଘାଟନ କରାଯାଇଛି। ଏସପିଙ୍କ ନିର୍ଦ୍ଦେଶ କ୍ରମେ ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକ, ଯାତ୍ରୀ ଓ ଗାଡ଼ି ଚାଳକମାନଙ୍କ ସୁବିଧା ପାଇଁ ଏହି ଜଳଛତ୍ରର ବ୍ୟବସ୍ଥା କରାଯାଇଛି। ଥାନା ଅଧିକାରିଣୀ ପୂର୍ଣ୍ଣିମା ଟେଟେ କହିଛନ୍ତି ଯେ, ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଏବଂ ତାପଦାହ ଜନିତ ସମସ୍ୟାରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଜଳଛତ୍ର ଖୋଲାଯାଇଛି। ସାଧାରଣ ଲୋକ ଏହାର ସୁବିଧା ନେବା ସହିତ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

# ଜିଲ୍ଲାସ୍ତରୀୟ ସତର୍କତା ଓ ଅନୁଧ୍ୟାନ କମିଟି ସମୀକ୍ଷା ବୈଠକ

ବଲାଙ୍ଗୀର, ୧/୦୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଙଝଡଇଘ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସତର୍କତା ଓ ଅନୁଧ୍ୟାନ କମିଟିର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଓ କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, କ୍ୟାବିନେଟ ମନ୍ତ୍ରୀ(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ)ଙ୍କ ପ୍ରତିନିଧି, ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା, ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ପବିତ୍ର ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୃତ କୁମାର ପଣ୍ଡା, ମୁରିବାହଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, କମିଟି ସଦସ୍ୟଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ବୈଠକରେ ସାମାଜିକ-ଆଇନଗତ ମାମଲା, କଲ୍ୟାଣକାରୀ ସହାୟତା ବଂଟନ ଏବଂ ଭିତିଭୂମିର ପ୍ରଗତି ସମ୍ପର୍କରେ ସମୀକ୍ଷା କରାଗଲା। ବୈଠକରେ ଅତ୍ୟାଚାର ମାମଲାର ସମାଧାନ ଏବଂ ଆର୍ଥିକ ସହାୟତା ବଂଟନକୁ ମୁଖ୍ୟ ଭାବରେ ଆଲୋଚନା କରାଗଲା। ବଲାଙ୍ଗୀର ଜିଲ୍ଲାରେ ବର୍ଷ ୨୦୨୨-୨୩ରୁ ଆଜିପର୍ଯ୍ୟନ୍ତ ଘଟିଥିବା ଅତ୍ୟାଚାର ମାମଲାଗୁଡ଼ିକର ସ୍ଥିତି ସମୀକ୍ଷା କରାଗଲା। ୧୨.୧୦.୨୦୨୨ ରେ ‘ସାକାର’(ଝଇଇଉଇଜ) ପୋର୍ଟାଲ୍ ଆରମ୍ଭ ହେବା ପରେ, ପୀଡ଼ିତମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ୬୦୪ଟି ମାମଲା ମଞ୍ଜୁର କରାଯାଇଛି। କିନ୍ତୁ ଉଉଞଘଝ ମଡ୍ୟୁଲ୍ ଏବଂ ସାକାର ପୋର୍ଟାଲ୍ ମଧ୍ୟରେ ତଥ୍ୟ ସମନ୍ୱୟରେ ଯାନ୍ତ୍ରିକ ତ୍ରୁଟି ହେତୁ ୪୯ଟି ମାମଲା ପୋର୍ଟାଲରେ ବିଚାରାଧୀନ ରହିଛି । ଏହି ସମସ୍ୟାର ସମାଧାନ ପାଇଁ ବଲାଙ୍ଗୀର ଏସପିଙ୍କ ଅଧୀନରେ ଥିବା ମାନବାଧିକାର ସୁରକ୍ଷା ସେଲ୍କୁ ଦାୟିତ୍ୱ ଦିଆଯାଇଛି। ଅନ୍ତର୍ଜାତି ବିବାହ ପ୍ରୋତ୍ସାହନ ଯୋଜନାର ସ୍ଥିତି ସମୀକ୍ଷା କରାଗଲା। ସାମାଜିକ ସଂହତିକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ‘ସୁମଙ୍ଗଳ’ ପୋର୍ଟାଲ୍ ମାଧ୍ୟମରେ ଆବେଦନ ପ୍ରକ୍ରିୟା ଜାରି ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ୫୨ଟି ଆବେଦନ ମିଳିଥିବାରୁ, ୧୩ଟି ମାମଲା ଜିଲ୍ଲାପାଳଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଛି, ୪ଟି ପୁନଃ-ଯାଂଚ ପାଇଁ, ୩୩ଟି ଉରଙ୍ଢ ସ୍ତରରେ ବିଚାରାଧୀନ ରହିଛି ଏବଂ ୨ଟି ମାମଲା ଫେରସ୍ତ କରାଯାଇଛି।

# ଏମ.ଜି.ଏମ କମ୍ପାନୀର କଣ୍ଟେନର ତଳେ ଚାପି ହୋଇ ଯୁବ ଇଂଜିନିୟରଙ୍କ ମୃତ୍ୟୁ



ଖୋରଧା, ୦୧/୬ (ନି.ପ୍ର): ଢେଙ୍କାନାଳ ନିମିଧାସ୍ଥିତ ଏମ.ଜି.ଏମ କମ୍ପାନୀ ର ସମ୍ପ୍ରସାରଣ କାର୍ଯ୍ୟପାଇଁ ନିୟୋଜିତ ଗୋଟିଏ ମୋବାଇଲ କଣ୍ଟେନର ଛିଡିପଡିବାରୁ ତଳେ କାର୍ଯ୍ୟ ତଦାରଖ କରୁଥିବା ଖୋରଧା ଗୁରୁଜଙ୍ଗ ଗ୍ରାମ ର ଯୁବ ଇଂଜିନିୟର ଶତାବ୍ଦୀ ରାଜମୋହନଙ୍କ ଉପରେ ପଡିଥିଲା। କଣ୍ଟେନର ତଳେ ଚାପି ହୋଇରହିଥିବା ଇଂଜିନିୟରଙ୍କୁ ଉପସ୍ଥିତ କର୍ମଚାରୀ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟ , ସମ ହସ୍ପିଟାଲ,ପରେ କଟକ ପୁରୀ ରୋଡ଼ରେ ଥିବା ଶ୍ରୀ ହସ୍ପିଟାଲ , ଅବସ୍ଥା ଗୁରୁତର ହେବାରୁ ରାଜଧାନୀର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ତେବେ ଶନିବାର ରାତିରେ ଶତାବ୍ଦୀଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଉକ୍ତ ଯୁବ ଇଂଜିନିୟରଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ତାଙ୍କ ଅବସ୍ଥା ଗୁରୁତର ଥିବା ସତ୍ତ୍ୱେ ତାଙ୍କୁ କାହିଁକି କଟକ ବଡ ମେଡିକାଲ ଛାଡି ଭୁବନେଶ୍ୱର ଅଣାଗଲା ଯଦିବି ଅଣାଗଲା ପ୍ରଥମେ ଭର୍ତ୍ତି କରାଯାଇଥିବା ସମ ରୁ ଫେରାଇ ଆଣି ଏକ ଛୋଟ ଶ୍ରୀ ହସ୍ପିଟାଲରେ ଭର୍ତିକରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ସେଠାରେ ୨୪ ଘଣ୍ଟା ପକାଇ ରଖି କୌଣସି ଉତ୍ତମ ଚିକିତ୍ସା ନ ହେବାରୁ ପରିବାର ଲୋକ ପହଞ୍ଚି ଆପୋଲୋ ହସ୍ପିଟାଲକୁ ନେଇଥିଲେ ହେଲେ ସେଠାରେ ଶତାବ୍ଦୀଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ କମ୍ପାନୀରେ କାମକରୁଥିବା କିଛି କର୍ମଚାରୀ ସାଂଘାତିକ ତଥ୍ୟ ଦେଇଛନ୍ତି। ଗୁରୁତର ଅବସ୍ଥାରେ ଯୁବ ଇଂଜିନିୟର ଶତାବ୍ଦୀଙ୍କୁ ଅଣା ଯାଇଥିବା କମ୍ପାନୀ ଆମ୍ବୁଲାନ୍ସ ରେ ଅକ୍ସିଜେନ ନଥିଲା କି ଏସି ଚାଲୁ ନଥିଲା । ଅବସ୍ଥା ଗୁରୁତର ହେଉଥିବାରୁ କର୍ମଚାରୀ ମାନେ କଟକରେ ଭଲ ହସ୍ପିଟାଲ ରେ ଭର୍ତିକରିବାକୁ କହିଥିବାବେଳେ କମ୍ପାନୀର କର୍ତ୍ତୃପକ୍ଷ ସେମାନଙ୍କୁ ତାଗିଦ କରି ଶ୍ରୀ ହସ୍ପିଟାଲ୍ କୁ ନେବାକୁ କହିଥିଲେ, ବିମଳ ବାବୁ ଯାହା କହୁଛନ୍ତି ସେୟା କର ଘଟଣା ସମ୍ପର୍କରେ କାହା ଆଗରେ ମୁହଁ ନ ଖୋଲିବାକୁ ତାଗିଦ କରିଥିଲେ। ଅବସ୍ଥା ଏତେ ଗୁରୁତର ସତ୍ତ୍ୱେ ପରିବାର କିମ୍ବା ସମ୍ପର୍କୀୟ ଙ୍କୁ କାହିଁକି ଜଣା ଗଲାନି ତାହାବି ପ୍ରଶ୍ନ ବାଚି ସୃଷ୍ଟି କରିଛି। ଅନ୍ୟ ପକ୍ଷରେ ମୃତକ ଇଂଜିନିୟର ଇଲେକ୍ଟ୍ରିକାଲ ଡିଭିଜନ ରେ କାମ କରୁଥିବା ବେଳେ ସେଦିନ ତାଙ୍କୁ ମେକାନିକାଲ ବିଭାଗରେ କାହିଁକି ନିୟୋଜିତ କରାଯାଇଥିଲା । ଅନ୍ୟପଟେ ଏତେବଡ ଦୁର୍ଘଟଣା ପରେ କମ୍ପାନୀର କେହି ଉଚ୍ଚ ପଦାଧିକାରୀ ନ ଆସିବା ତାହା ମଧ୍ୟ ଆହୁରି ପ୍ରଶ୍ନ ଉଠାଇଛି। ସାଙ୍ଗରେ ଆସିଥିବା କମ୍ପାନୀର ଦୁଇଜଣ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତିଯେ ତିନି ଚାରି ମାସ ହେବ କମ୍ପାନୀରେ ଦୁଇ ଗୋଷ୍ଠୀ ଙ୍କ ମଧ୍ୟରେ ଛକା ପଞ୍ଝା ଲାଗି ରହିଛି । ଶତାବ୍ଦୀ ସାର ସେମାନଙ୍କ ଭୁଲକୁ ଧରିବା ଏନେଇ କମ୍ପାନୀ ମାଲିକଙ୍କୁ ଜଣାଉଥିଲେ ଫଳରେ ହେରଫେର କରୁଥିବା କର୍ମଚାରୀ ତାଙ୍କର ଶତ୍ରୁ ହୋଇଯାଥିଲେ। ଶତ୍ରୁତା ଯୋଗୁ ୪ ମାସ ତଳେ ଅନୁରୂପ ଭାବେ ଜଣେ କର୍ମଚାରୀଙ୍କ ଗୋଡ ସମ୍ପୂର୍ଣ୍ଣ କଟି ଯାଇଛି। କମ୍ପାନୀରେ କର୍ମଚାରୀ କିମ୍ବା ଶ୍ରମିକଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ। ଏନେଇ କମ୍ପାନୀ ସୁରକ୍ଷା ଅଧିକାରୀ ପ୍ରମୋଦ ଶ୍ରୀବାସ୍ତବ କହିଛନ୍ତି ଘଟଣାର ତଦନ୍ତ କରା ଯାଉଛି। ଅନ୍ୟପଟେ ଶେଷ ମୁହୂର୍ତ୍ତରେ ହସ୍ପିଟାଲ ଆସିଥିବା କମ୍ପାନୀ ଏଚ.ଆର ପ୍ରଶାନ୍ତ ରଥଙ୍କୁ ମୃତ ଇଂଜିନିୟର ଙ୍କ ସମ୍ପର୍କୀୟ ଘଟଣା ସମ୍ପର୍କରେ ପଚାରିବାରୁ ସେ କୌଣସି ସନ୍ତୋଷ ଜନକ ଉତ୍ତର ନଦେଇପାରି ଲୁଚି ପଳାଇ ଯାଇଥିଲେ । ତାଙ୍କୁ ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ। ବିମଳ ବାବୁ କିଏ? ଏ ଭଳି ପ୍ରଶ୍ନ ଆହୁରି ରହସ୍ୟମୟ ହେଉଛି। ତେବେ ଏନେଇ ପରିବାର, ସମ୍ପର୍କୀୟ କହିଛନ୍ତି ଘଟଣାର ଉଚିତ ତଦନ୍ତ କରାଯାଇ ଦୋଷୀଙ୍କୁ ଚିହ୍ନଟ କରାଯାଉ।

## ନୀଳଗିରିର ନୂତନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଯୋଗଦାନ

ନୀଳଗିରି, ୦୧/୬ (ନି.ପ୍ର): ନୀଳଗିରି ଭାରପ୍ରାପ୍ତ ଗୋଷ୍ଠୀଶିକ୍ଷାଧିକାରୀ ତଥା କୈଳାସଚନ୍ଦ୍ର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ଭୂୟାଁଙ୍କ ସ୍ଥାନରେ ଆଜି ସୁଧାଂଶୁ ଶେଖର ଜେନା ନୂତନକରି ନୀଳଗିରି ଗୋଷ୍ଠୀଶିକ୍ଷାଧିକାରୀ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଅନୁରୂପ ଭାବେ ଦୀର୍ଘଦିନଧରି ଫାଙ୍କା ପଡିରହିଥିବା ଏବିଇଓ ପଦବୀପୂରଣ ହୋଇ ଶ୍ରୀରାମଚନ୍ଦ୍ର ବେହେରା କାର୍ଯ୍ୟଭାର ସମ୍ଭାଳିଛନ୍ତି। ଉଭୟ ଅଧିକାରୀ ଶିକ୍ଷକମାନଙ୍କ ସମସ୍ୟାଉପରେ ଗୁରୁତ୍ୱଦେବା ସଙ୍ଗେସଙ୍ଗେ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଏହି ଅବସରରେ ନୀଳଗିରି ବ୍ଲକର ସମସ୍ତବର୍ଗର ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ମିଳିତଭାବେ ନୂତନ ବିଇଓ ଏବଂ ଏବିଇଓଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଭବ୍ୟସ୍ୱାଗତ କରିଥିଲେ। ଶିକ୍ଷକନେତା ଅଭୟ କୁମାର ଦାସ, ରମେନ୍ଦ୍ର ଜେନା, ରୂପକ ପସା, ଅଜୟ ମଢେଇ, ଅକ୍ଷୟ ଦାସ, ଉମାକାନ୍ତ ସାହୁ, ରତିକାନ୍ତ ବେହେରା, ତୁଷାର ସାହୁ, ଅଙ୍କୁର ମଢେଇ, ପ୍ରତିମାମଞ୍ଜରୀ ରାଉତ, ମିତ୍ରଜିତ ନାୟକ, ସୁମନ୍ତ ମହାଳିକ ସମେତ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ଡ଼ଃ ରଶ୍ମିତା ପାଣିଗ୍ରାହୀଙ୍କ 'ଭକ୍ତି ନୈବେଦ୍ୟ' ପୁସ୍ତକ ଉନ୍ମୋଚିତ



ବାଲିଆପାଳ, ୦୧/୬ (ନି.ପ୍ର): ବାଲିଆପାଳ ବ୍ଲକର ବିଶିଷ୍ଟ ଲେଖିକା ତଥା କବୟିତ୍ରୀ ଡ଼ଃ ରଶ୍ମିତା ପାଣିଗ୍ରାହୀଙ୍କ 'ଭକ୍ତି ନୈବେଦ୍ୟ' ପୁସ୍ତକ ରବିବାର ବାଲିଆପାଳ ଜଗନ୍ନାଥ ସେବାସଂସ୍ଥା ପରିସରରେ ଏକ ଭକ୍ତିମୟ ପରିବେଶରେ ଉନ୍ମୋଚିତ ହୋଇଯାଇଛି। କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଜଳେଶ୍ୱର ଦୀନକୃଷ୍ଣ ସାହିତ୍ୟ ପରିଷଦର ସଂପାଦକ ପ୍ରାଧାପକ ଡ଼ଃ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉକ୍ତ ପୁସ୍ତକଟିକୁ ଉନ୍ମୋଚନ କରି ନିଜ ବକ୍ତବ୍ୟ ରେ କହିଥିଲେ ଯେ ବର୍ତ୍ତମାନ ଡିଜିଟାଲ ଯୁଗରେ ପୁସ୍ତକ ପ୍ରତି ଆଦର କମିଯାଉଥିବାବେଳେ ଆମର କବି ଓ ଲେଖକ ମାନେ ନିଜ କଲମ ମୁନର ଲେଖାକୁ ଜାରୀ ରଖିଛନ୍ତି। ଯାହାକି ଡ଼ଃ ରଶ୍ମିତା ପାଣିଗ୍ରାହୀ ତାଙ୍କର ଏହି ଭକ୍ତି ନୈବେଦ୍ୟ ପୁସ୍ତକଟିରେ ୯୭ଟି ଭକ୍ତି କବିତାକୁ ଲିଲିବଧିଯ କରି ଆଜି ଆମକୁ ଏହି ପୁସ୍ତକଟି ଉପହାର ଦେଇ ପାରିଛନ୍ତି। ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଅଧକ୍ଷ ଡ଼ଃ ବିଜୟ କୁମାର ଦେ, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ଅଜିତ ମହାନ୍ତି, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଡ଼ଃ ଝାଡେଶ୍ୱର ପ୍ରଧାନ,ଶିକ୍ଷାବିତ ତଥା ଜଗନ୍ନାଥ ସେବାସଂସ୍ଥା ର ମୁଖ୍ୟ ଜଗନ୍ନାଥ ପ୍ରଧାନ,ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପକ ଦୟାନିଧି ସାହୁ ପୁସ୍ତକର ସମୀକ୍ଷାକରି ଡ଼ଃ ରଶ୍ମିତା ପାଣିଗ୍ରାହୀଙ୍କ ଭକ୍ତି ନୈବେଦ୍ୟ ପୁସ୍ତକଟି ସମସ୍ତଙ୍କ ପାଇଁ ବେଶ ଆଦୃତ ହେବ ବୋଲି କହିଥିଲେ। କବି ତଥା ନିରଞ୍ଜନ ବେହେରା ସ୍ୱାଗତ ଭାଷଣ ସହିତ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଲେଖିକା ତଥା ଭକ୍ତି ନୈବେଦ୍ୟ ପୁସ୍ତକର ରଚୟିତା କବୟିତ୍ରୀ ଡ଼ଃ ରଶ୍ମିତା ପାଣିଗ୍ରାହୀ ନିଜ ବକ୍ତବ୍ୟ ରେ କହିଥିଲେ ଯେ ଏହା ପୂର୍ବରୁ ତାଙ୍କର ୫ ଟି ପୁସ୍ତକ ପ୍ରକାଶିତ ହୋଇଛି ଏହି ପୁସ୍ତକଟି ପୂର୍ବପରି ସମସ୍ତଙ୍କ ପାଖରେ ଗ୍ରହଣୀୟ ହେଉ ବୋଲି ନିଜ ପ୍ରତିକ୍ରିୟା ରେ ପରିପ୍ରକାଶ କରିଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ବିଦ୍ୟୁତ୍ କେବଲ: ଅଳ୍ପକେ ବର୍ତ୍ତିଲା ଟ୍ରାନସଫର୍ମର

ଖୋର୍ଦ୍ଧା, ୦୧/୬ (ନି.ପ୍ର): ଖୋର୍ଦ୍ଧା ସହରର ଟିଏଲ୍ସି ରୋଡ ବିଡ଼ିଏ କଲୋନୀ କଲ୍ୟାଣ ମଣ୍ଡପ ରୋଡରେ ଥିବା ଏକ ଖୋଲା ଟ୍ରାନସଫର୍ମର ରେ ଅଗ୍ନିକାଣ୍ଡ ଘଟି କେବଲ ହୁତୁହୁତୁ ହୋଇ ଜଳିଗଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଉଭୟ ଦମକଳ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ଅଗ୍ନିକାଣ୍ଡ ଙ୍କୁ ଆୟତ କରି ଏକ ବଡ଼ ଧରଣ ର ଅଘଟଣ କୁ ଏଡ଼ାଇ ଦେଇଛନ୍ତି। ବର୍ତ୍ତମାନ ତାପମାତ୍ରା ୩୭ଡିଗ୍ରୀ ରୁ ଉର୍ଦ୍ଧ। ପ୍ରାୟ ୪୫ଡିଗ୍ରୀ ତାପମାତ୍ରା ଅନୁଭୂତ ହେଉଛି। ପ୍ରାୟତଃ ଅପରାହ୍ନ ରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଅସ୍ତବ୍ୟସ୍ତ ହେଉଛି ଜନ ଜୀବନ। ବିଦ୍ୟୁତ୍ ବିଭାଗ ର ଟ୍ରାନସଫର୍ମର ଉପରେ ଅଧିକ ଲୋଡ୍ ରହୁଛି। ବିଡ଼ିଏ କଲୋନୀ କଲ୍ୟାଣ ମଣ୍ଡପ ରାସ୍ତାରେ ଥିବା ଏକ ଖୋଲା ଟ୍ରାନସଫର୍ମର ରେ ସଂଯୋଗ ହୋଇଥିବା କେବଲ ଗୁଡ଼ିକ ହୁତୁହୁତୁ ହୋଇ ଜଳି ଉଠିଲା। ଅଗ୍ନିକାଣ୍ଡ ର କାରଣ କୁ ନେଇ ବିଭିନ୍ନ ମତ ପ୍ରକାଶ ପାଇଛି। ଏହି ଖୋଲା ଟ୍ରାନସଫର୍ମର ତଳେ କୁଢ଼ କୁଢ଼ ଅଳିଆ ଗଦା ହୋଇ ରହିଛି। ପୌର ପରିଷଦ ଏହି ଅଳିଆ ଆବର୍ଜନା ପରିଚାଳନା କରିବାରେ ଅବହେଳା ପ୍ରଦର୍ଶନ କରୁଛି। କେହି ଅଳିଆ ଗଦା କରେ ନିଆଁ ଲଗାଇ ଦେବାରୁ ତଳୁ ଉପରକୁ ଜଳି ଯାଇଛି ବୋଲି ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ସମୟ ରେ ଜାଣିବାକୁ ପାଇଥିଲେ। କିନ୍ତୁ ସ୍ଥାନୀୟ ଲୋକ ଙ୍କ ମତ ରେ ଓଭର ଲୋଡ୍ ଯୋଗୁ କେବଲ ଜଳିଗଲା। ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଠାରୁ ମାତ୍ର ୨୦୦ମିଟର୍ ଦୂରରେ ଥିବା ଏହି ଟ୍ରାନସଫର୍ମର କୁ ଏ ପର୍ଯ୍ୟନ୍ତ ଆବଦ୍ଧ କରାଯାଇ ନାହିଁ। ଏହି ଟ୍ରାନସଫର୍ମର ଚାରିପଟେ ଜନ ବସତି, ବ୍ୟାଙ୍କ୍ ସହ ଅନ୍ୟ ପ୍ରତିଷ୍ଠାନ ରହିଛି। ଲୋକମାନେ ଘର ର ଅଳିଆ ଆବର୍ଜନା, ଭାଙ୍ଗିଥିବା ଗଛ, ଅନ୍ୟ ଘର ଭଙ୍ଗା ସାମଗ୍ରୀ ସବୁ ଜମା କରି ଅଳିଆ ଆବର୍ଜନା ପାହାଡ ସୃଷ୍ଟି କରିଛନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ସହର କୁ ଆବର୍ଜନା ମୁକ୍ତ କରିବା ପାଇଁ ପୌର ପରିଷଦ ସ୍ଲୋଗାନ ଦେଉଥିବା ବେଳେ ମୁଖ୍ୟ ରାସ୍ତା ଉପରେ ଜମା ହୋଇଥିବା ଏହି ଆବର୍ଜନା ପାହାଡ ପ୍ରତି ପୌର କତୃପକ୍ଷ ଙ୍କ ଦୃଷ୍ଟି ପଡୁନାହିଁ। ପରସ୍ପରକୁ ଦୋଷାରୋପ କରୁଥିବା ବେଳେ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣା ସ୍ଥଳ ରେ ପହଞ୍ଚି ଟ୍ରାନସଫର୍ମର କେବଲ ଅଗ୍ନିକାଣ୍ଡ ଆୟତ କରି ବଡ ଧରଣ ର ଅଘଟଣ କୁ ଏଡ଼ାଇ ଦେଇଥିଲେ। ବିଦ୍ୟୁତ୍ ବିଭାଗ କର୍ମଚାରୀ ମାନେ ଅକ୍ଲାନ୍ତ ପରିଶ୍ରମ କରି ପ୍ରାୟ ତିନି ଘଣ୍ଟା ପରେ ବିଦ୍ୟୁତ୍ ସଂଯୋଗ କରିଥିବା ଜଣାପଡ଼ିଛି। ପୂର୍ବରୁ ଏଭଳି ଏକ ଅଭାବନୀୟ ଘଟଣା ନବିନାବାଗ ଅଞ୍ଚଳ ରେ ଘଟି ଅଗ୍ନିକାଣ୍ଡ ରେ ଏହିପରି ଟ୍ରାନସଫର୍ମର କ୍ଷତିଗ୍ରସ୍ତ ହୋଇଥିଲା। ବର୍ତ୍ତମାନ ପରିସ୍ଥିତି ରେ ବିଦ୍ୟୁତ୍ ବିଭାଗ, ପୌର ପରିଷଦ ସହ ପରସ୍ପର ସମନ୍ୱୟ ରଖିବା ସହ ଲୋକମାନଙ୍କୁ ସଚେତନ କଲେ ଏହିଭଳି ଦୁର୍ଘଟଣା ରୋକାଯାଇପାରିବ।

AFFIDAVIT

By virtue of an affidavit before the executive Magistrate Basudevpur, I Muralidhar Khatua S/o- Musei Khatua, Aadhar No. 569053530574, resident of At-Ratanga, P.o-Barandua, P.s.-Basudevpur, Dist-Bhadrak, Pin Code-756168 declare that, I wholly renounce, relinquish and abandon the use of my former name (old name) Murali Khotua and in place thereof assume from the date hereof the name of (new name) Muralidhar Khatua. I will be known as Muralidhar Khatua for all purposes.

**Muralidhar Khatua**

## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ: ମୋଟ ୨୯୧ ଗୋଟି ଅଭିଯୋଗର ହେଲା ଶୁଣାଣି

### ୧୬ ଅଭିଯୋଗର ତତକ୍ଷଣାତ୍ ସମାଧାନ



ବାରିପଦା, ୦୧/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସୟ୍ ଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଶ୍ରୀ ଧର୍ମାନନ୍ଦ ବେହେରା,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ଧନୁର୍ଜୟ ମହାନ୍ତ, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୯୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୨୬୦ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୩୧ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି । ତନ୍ମଧ୍ୟରୁ ୧୬ ଗୋଟି ଅଭିଯୋଗର ତତକ୍ଷଣାତ୍ ସମାଧାନ ଜନ ଅଭିଯୋଗ ଶିବିରରେ କରାଯାଇଛି । ଏହାସହ ୧୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୩ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ସୟ୍ ନିର୍ଦ୍ଦେଶ ଦେଇଛନ୍ତି । ଜନ ଅଭିଯୋଗ ଶୁଣାଣୀ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସଫଳ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସଂସଦରେ ପୁଣି ଥରେ...

ତେବେ ଏପରି ସ୍ଥିତିରେ ଏହି ଦୁଇ ବିଲ୍ କିପରି ଓ କେବେ ଅଣାଯିବ ସେ ଉପରେ ବିଜେପି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛି। ସମାନ୍ତରାଳ ଭାବରେ ଲୋକସଭା ଓ ବିଧାନସଭା ନିର୍ବାଚନକୁ ସମନ୍ୱୟ କରିବା ପାଇଁ ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲ୍ କୁ ଆନୁଷ୍ଠାନିକ ରୂପ ଦେବା ପାଇଁ କାର୍ଯ୍ୟ ଚାଲିଛି। ବର୍ତ୍ତମାନ ଏହାକୁ ୩୯ ସଦସ୍ୟ ବିଶିଷ୍ଟ ମିଳିତ ସଂସଦୀୟ କମିଟି (ଜେପିସି) ଦ୍ୱାରା ସମୀକ୍ଷା କରାଯାଉଛି। ପ୍ରସ୍ତାବିତ ଆଇନ ବିଷୟରେ ପଚରାଯିବାରୁ, ଜେପିସି ଅଧ୍ୟକ୍ଷ ପିପି ଚୌଧୁରୀ 'ଦି ଇଣ୍ଡିଆନ୍ ଏକ୍ସପ୍ରେସ'କୁ କହିଛନ୍ତି, ଆଇନଟି ଖୁବ୍ ଶୀଘ୍ର ସଂଶୋଧନ କରାଯିବ। ରିପୋର୍ଟ ଉପରେ ଅଗ୍ରଗତି ହୋଇଛି ଓ ଆମେ ସମୟ ମଧ୍ୟରେ ରିପୋର୍ଟ ଦାଖଲ କରିବୁ। ଜେପିସିର କାର୍ଯ୍ୟକାଳ ମୌସୁମୀ ଅଧିବେଶନର ଶେଷ ସପ୍ତାହର ପ୍ରଥମ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

### ଭୟଙ୍କର ଅଗ୍ନିକାଣ୍ଡ...

୨୦ରୁ ଅଧିକ ଦମକଳ ଟ୍ୟାଙ୍କର, ସ୍କାଏ ଲିଫ୍ଟ, ରୋବୋଟିକ୍ ଫାୟାର ମେସିନ, ଫୋମ ସ୍ପ୍ରେ ସହ ୩୦ରୁ ଅଧିକ କର୍ମଚାରୀ ଓ ଅଧିକାରୀ ଘଣ୍ଟା ଘଣ୍ଟା ସଂଘର୍ଷ କରିବା ପରେ ନିଆଁକୁ ଆୟତ କରିଥିଲେ। ଦମକଳ କର୍ମଚାରୀଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଥିଲା କେମିକାଲ୍ ସାମଗ୍ରୀ। ଲିଭାଇବା ପରେ ବି କେମିକାଲ୍ ସାମଗ୍ରୀଗୁଡ଼ିକ ହଠାତ୍ ଜଳି ଉଠୁଥିଲା। ତା ସହ ପ୍ରବଳ ମାତ୍ରାରେ ବିଷାକ୍ତ ଧୂଆଁ ବାହାରୁଥିବାରୁ ଅଗ୍ନିଶମ କର୍ମଚାରୀ ଭିତରକୁ ପଶି ପାରୁନଥିଲେ। ଶେଷରେ ଜେସିବି ସାହାଯ୍ୟରେ ବିଲଡିଂର କାନ୍ଥ ଭଙ୍ଗାଯିବା ପରେ ପରେ ରଂଗ ଗୋଦାମ ଭିତରୁ ଧୂଆଁ ବାହାରିଥିଲା। ପ୍ରାଥମିକ ଭାବେ ସର୍ଟ ସର୍କିଟ୍ ରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଘଟଣା ସ୍ଥଳରେ ଜିଲ୍ଲାପାଳ, ସିଏମସି କମିଶନର, ଡିସିପିଙ୍କ ସହ ମେୟର ଓ ପୂର୍ବତନ ବିଧାୟକ ପହଞ୍ଚି କ୍ଷତିଗ୍ରସ୍ତ ବ୍ୟବସାୟୀମାନଙ୍କ ସହ ଆଲୋଚନା କରିଥିଲେ।

### ଜଗନ୍ନାଥ ସଂସ୍କୃତିକୁ ...

ଚଳିତବର୍ଷ ଜୁଲାଇ ୧୬ ତାରିଖରେ ଶ୍ରୀଜିଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା । ହେଲେ ତାପୂର୍ବରୁ ବିଭିନ୍ନ ଦେଶରେ ଅ-ଅତିଥିରେ ସ୍ନାନ ସହିତ ରଥଯାତ୍ରା ପାଳନ କରି ବାରମ୍ବାର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଉଛି ଇସ୍କନ। ପୂର୍ବରୁ ଆମେରିକା ମେରିଲାଣ୍ଡର ବଲ୍ଟିମୋରରେ ଅଦିନରେ ରଥଯାତ୍ରା ଆୟୋଜନକୁ ନେଇ ବି କ୍ଷୁବ୍ଧ ହୋଇଥିଲ ଜଗନ୍ନାଥ ପ୍ରେମୀ। ଇସ୍କନର ବାରମ୍ବାର ମନମାନୀକୁ ନେଇ ଗଜପତି ମହାରାଜାଙ୍କଠୁ ଆରମ୍ଭ କରି ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତ ମହଲ ପର୍ଯ୍ୟନ୍ତ ବାରମ୍ବାର ନିନ୍ଦା କରିଆସୁଛନ୍ତି । ଆଷାଢ଼ ଶୁକ୍ଳ ଦ୍ୱିତୀୟାରୁ ୯ ଦିନ ମଧ୍ୟରେ ରଥଯାତ୍ରା କରାଯାଉ ବୋଲି ଗଜପତି ମହାରାଜା ଇସ୍କନର ମାୟାପୁର ହେଡକ୍ୱାଟରକୁ ଚିଠି ଲେଖି ଜଣାଇବା ସହ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ପଣ୍ଡିତ ମଣ୍ଡଳି ମଧ୍ୟ ଏହା ପଛରେ ଥିବା ଶାସ୍ତ୍ର ମତ ଦେଇସାରିଛନ୍ତି, ଏପରିକି ବିଭିନ୍ନ ପୀଠର ଶଙ୍କରାଚାର୍ଯ୍ୟମାନେ ବି ଏହା ସପକ୍ଷରେ ମତ ଦେଇଛନ୍ତି। ହେଲେ ଯେମିତି ଇସ୍କନ କର୍ତ୍ତୃପକ୍ଷଙ୍କୁ କିଛି ଫରକ ପଡୁନି ଯେମିତି।

### ଚିଟଫଣ୍ଡ କ୍ଷୁଦ୍ର ଜମାକାରୀଙ୍କୁ ...

ଏ ହେଉଛି ଅର୍ଥ ମନ୍ତ୍ରାଳୟର ସେହି ବିଜ୍ଞାପନ। ଏଣିକି କ୍ଷୁଦ୍ର ଜମାକାରୀମାନେ କେବଳ ପରିଚୟ ପତ୍ର ପ୍ରଦାନକରି ସେମାନଙ୍କର ଟଙ୍କା ଫେରସ୍ତ ପାଇପାରିବେ। ଏଥିପାଇଁ ମୂଳ ଜମା ରସିଦ ଦାଖଲ କରିବାର ଆବଶ୍ୟକତା ନାହିଁ। ନଜର ପକାନ୍ତୁ ଜମା ଟଙ୍କା ପାଇବା ପାଇଁ କଣ କରିବାକୁ ପଡ଼ିବ ? www.opid.odisha.gov.in ୱେବସାଇଟରେ ଏଭଳି ଜମାକାରୀଙ୍କ ସଂପୂର୍ଣ୍ଣ ତାଲିକା ଉପଲବ୍ଧ ଅଛି। ଆଫିଡେଭିଟ୍ ନମ୍ବର ଦେଇ ଆବେଦନ ପତ୍ରର ବର୍ତ୍ତମାନର ସ୍ଥିତି ସଂପର୍କରେ ଜାଣିପାରିବେ। ଏହାପରେ ନିଜ ଅଞ୍ଚଳର ଜ.ଓ.ଙ୍କ ପାଖରେ ଯେକୌଣସି ପରିଚୟ ପତ୍ର ଯେମିତିକି ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ କାର୍ଡ ତଥ୍ୟ ସହ ଯୋଗାଯୋଗ କରିବେ।

### ଜୁନ ୬ ତାରିଖରେ...

ଏତେ ବଡ଼ ଭୁଲ୍ ପରେ ମଧ୍ୟ ଯଦି ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବେ ନାହିଁ, ତେବେ ଦେଶରେ କୌଣସି ଦାୟୀତ୍ୱ ନାହିଁ ବୋଲି ପ୍ରମାଣିତ । ସେ କହିଛନ୍ତି, ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଅହିଂସାତ୍ମକ ରହିବ ଏବଂ ଗଣତାନ୍ତ୍ରିକ ଉପାୟରେ ସମସ୍ୟା ଉଠାଯିବ। ତେବେ ସେ ଫେରିବା ପରେ ଗିରଫ ହେବାର ଆଶଙ୍କା ରହିଛି। ସେଥିଯୋଗୁ ତାଙ୍କ ପରିବାର ଚିନ୍ତିତ ଥିବା ସତ୍ତ୍ୱେ ସେ ଫେରିବାକୁ ଦୃଢ଼ ସଙ୍କଳ୍ପ କରିଥିବା କହିଛନ୍ତି।

### ରାଜ୍ୟସଭା ଓ ରାଜ୍ୟ...

ଦିନ ସନ୍ଧ୍ୟା ୫ ଟାରୁ ଆରମ୍ଭ ହେବ। ଇସିଆଇ ଆହୁରି କହିଛନ୍ତି ଯେ, ରାଜ୍ୟସଭାର ୧୦ଟି ରାଜ୍ୟର ୨୪ଟି ଆସନରେ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ । ମହାରାଷ୍ଟ୍ର, ତାମିଲନାଡୁ ଓ ଓଡ଼ିଶାରେ ୩ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ । ଏହି ସମୟରେ ବିହାରର ନଅଟି ଆସନ ପାଇଁ ରାଜ୍ୟ ବିଧାନସଭା ପରିଷଦ ପାଇଁ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ ଓ ଗୋଟିଏ ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। କର୍ଣ୍ଣାଟକରେ ବିଧାନସଭା ପରିଷଦର ସାତଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

## ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା



ବେତନଟୀ, ୦୧/୬ (ନି.ପ୍ର):ଆମ୍ବଗଡିଆ ବିକାଶ ପରିଷଦ, ମୟୂରଭଞ୍ଜ ପକ୍ଷରୁ ରାଜ୍ୟ ସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ବିକାଶ ପରିଷଦର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ତତ୍ୱାବଧାନରେ ଭଗବାନପୁର ବୈଠକ ବଙ୍ଗଳାରେ ଆୟୋଜିତ ହୋଇଯାଇଚି । ପଣ୍ଡିତ ଚକ୍ରଧର ଆଚାର୍ଯ୍ୟଙ୍କ ବେଦମନ୍ତ୍ର ପାଠରେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ , ଧୂପ ଓ ପ୍ରଦୀପ ପ୍ରଜ୍ୱଳନ ଅତିଥି ମାନେ କରିଥିଲେ ପରେ ଶିକ୍ଷକ ଭିକାରୀ ଚରଣ ନାୟକଙ୍କ ଦ୍ୱାରା ଅତିଥି ମାନଙ୍କର ପରିଚୟ ପ୍ରଦାନ କରାଯାଇଥିଲା ଏବଂ ଭଗବାନପୁର ଗ୍ରାମର ପ୍ରତିଷ୍ଠାତା ସ୍ୱର୍ଗତ ଭଗବାନ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା ପରେ । ବିକାଶ ପରିଷଦର ସଂପାଦକ କୁଳ ମହାନ୍ତଙ୍କ ଦ୍ୱାରା ଅଥିତିଙ୍କୁ ସମ୍ବର୍ଧନା ଜ୍ଞାପନ କରାଯାଇଥିଲା । ସଭାକାର୍ଯ୍ୟ ଆରମ୍ଭ ରେ ସ୍ୱାଗତ ନୃତ୍ୟ ସୁଶ୍ରୀ ସାଇଶ୍ରୀ ମହାପାତ୍ର, ତପସ୍ୱିନୀ ପତ୍ରୀ, ପ୍ରାନଭି କୁଣ୍ଡୁ, ଇପ୍ସା ମହାନ୍ତି ଓ ଶୁଭଶ୍ରୀ ମଲ୍ଲିକଙ୍କ ଦ୍ୱାରା ଉତ୍କଳ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା । ଏହି ରାଜ୍ୟ ସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସି.ଆର.ସି.ସି ତଥା ଆଧାତ୍ମିକ ପ୍ରବକ୍ତା ବିରଞ୍ଚୀ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ରାଜ୍ୟ ସଭା ସାଂସଦ ଶ୍ରୀମତି ମମତା ମହାନ୍ତ ଯୋଗଦାନ ପୂର୍ବକ ଅନେକ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ, ମୁଖ୍ୟବକ୍ତା ଭାବରେ ଯୁବ ସମାଜସେବୀ ଓ ପରିବେଶବିତ୍ ଡ଼ ରମାକାନ୍ତ ମହାନ୍ତ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ସହ ପରିବେଶର ଗୁରୁତ୍ୱ ସମ୍ପର୍କରେ କହିଥିଲେ, ବରେଣ୍ୟ ଅତିଥି ଭାବରେ ପୂର୍ବତନ ଅର୍ଥ ପରାମର୍ଶ ଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଛୋଟରାୟ ମୁର୍ମୁ ଯୋଗଦେଇ ନୈତିକ ଶିକ୍ଷା ବିଷୟରେ ଗୁରୁତ୍ୱ ଦେଇଥିଲେ, ଅନ୍ୟତମ ସ୍ୱତନ୍ତ୍ର ଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ଆଇନଜୀବି ଓ ସମାଜସେବୀ କ୍ଷେତ୍ରମୋହନ ପଣ୍ଡା ବିଦ୍ୟାର ମହନୀୟତା ବିଷୟରେ ବର୍ଣ୍ଣନା କରିଥିଲେ , ଅନ୍ୟତମ ସମ୍ମାନିତ ଅତିଥି ଭାବରେ ପ୍ରକୃତିବନ୍ଧୁ ସମାଜସେବୀ ସୁମନ୍ତ ଜେନା, ଆଶା ବିଦ୍ୟାଳୟର ସମ୍ପାଦକ ଡ଼ ଅମର କୁମାର ପାଳ, ଶିକ୍ଷକ ସମ୍ବିତ୍ କୁମାର ଗୋଛାୟତ, ପୂର୍ବତନ ସେନା ଅଧିକାରୀ ଶ୍ରୀଯୁକ୍ତ ଭିମ ଚରଣ ମାଝୀ , ପୂର୍ବତନ କୃଷି ବୈଜ୍ଞାନିକ ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ, ରାଜ୍ୟ ସ୍ତରୀୟ ସମ୍ବର୍ଧନା ସଭାରେ ଓଡ଼ିଶାର ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ରଖିଥିବା ଛାତ୍ର ପାର୍ଥସାରଥି ମହାନ୍ତ ଓ ଆଶୁତୋଷ ନାୟକ ପୁରସ୍କୃତ ହେବା ସହ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର +୨ ଓ ମ୍ୟାଟ୍ରିକ ପରୀକ୍ଷାରେ, ସମସ୍ତବ୍ଲକର, ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ଏହି ଅବସରରେ ଅନେକ ସମାଜସେବା ପାଇଁ ସେବା ଗୌରବ ସମ୍ମାନ-୨୦୨୬ ବୀଣାପାଣି ଯୁବକ ସଂଘ, ଆଗ୍ରୀଆ, ଶଶକ୍ତ ମହିଳା ଭାବରେ ଶ୍ରେଷ୍ଠ ମାତୃତ୍ୱ ସେବା ସମ୍ମାନ -୨୦୨୬ ପ୍ରୀତିସୁଧା ତ୍ରିପାଠୀ, ଭଞ୍ଜ ଗୌରବ ସମ୍ମାନ-୨୦୨୬ରେ ଶିକ୍ଷକ ଡ଼ ସଂଜୀବ କୁମାର ପାଣିଗ୍ରାହୀ, ସାମ୍ବାଦିକତା ପାଇଁ ସାମ୍ବାଦିକ ଗୌରବ ସମ୍ମାନ -୨୦୨୬ରେ ସମାଜ ଓ ସମୟ ଖବର କାଗଜ ପ୍ରତିନିଧି ମଧୁସୂଦନ ପଣ୍ଡିତ୍ ଓ ସତ୍ୟପ୍ରକାଶ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିକାଶ ପରିଷଦ ସଦସ୍ୟ ସୁଦର୍ଶନ ମହାପାତ୍ର, ଶୁଭାଶିଷ ମହାନ୍ତି, ନିବେଦିତା ମହାପାତ୍ର, ସଂଯୁକ୍ତା ମହାପାତ୍ର, ସୁରେନ୍ଦ୍ର ଦାସ, ବିଶ୍ୱନାଥ ପ୍ରଧାନ ଇତ୍ୟାଦି ସାହାଯ୍ୟ କରିବା ସହ ଆମ୍ବଗଡ଼ିଆ ବିକାଶ ପରିଷଦର ଉପଦେଷ୍ଟା ସମାଜସେବୀ ଚକ୍ରଧର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ଏବଂ ଶେଷରେ ସମସ୍ତେ ସାମୂହିକ ମଧ୍ୟାହ୍ନ ଭୋଜନ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

# ଦ୍ୱିଜେନ୍ଦ୍ର ପ୍ରସାଦ ଦାସଙ୍କ ନିମନ୍ତେ ଅବସର କାଳୀନ ସମ୍ବର୍ଦ୍ଧନା ସଭା

ସୋର, ୦୧/୬ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷା କର୍ମଚାରୀ ଶ୍ରୀଯୁକ୍ତ ଦ୍ୱିଜେନ୍ଦ୍ର ପ୍ରସାଦ ଦାସଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଅଧକ୍ଷ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ସମୟରେ ଶ୍ରୀନିବାସ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ସୁରେନ୍ଦ୍ର କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସର୍ବପ୍ରଥମେ ଶ୍ରୀନିବାସ ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା କର୍ମଚାରୀ ସ୍ୱର୍ଗତ ସଂଜୀବ କୁମାର ଦାସଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା। ମୁଖ୍ୟ ଅତିଥି ଡକ୍ଟର ବିଶ୍ୱାଳ, ଷ୍ଟାଫ ଆସୋସିଏସନ ର ସମ୍ପାଦକ ତଥା ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ଶ୍ରୀଯୁକ୍ତ ସତ୍ୟ ନାରାୟଣ ସାହୁ, ଅଧ୍ୟାପିକା ଡକ୍ଟର ରଞ୍ଜିତାବାଳା ମହାପାତ୍ର, ଶିକ୍ଷା କର୍ମଚାରୀ କୈଳାସ ବାରିକ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ଶ୍ରୀଯୁକ୍ତ ଦ୍ୱିଜେନ୍ଦ୍ର ପ୍ରସାଦ ଦାସଙ୍କର ସୁଗୁଣାବଳୀ ତଥା ତାଙ୍କର ଧର୍ମପରାୟଣାତା, ସାଧୁତା, କର୍ତ୍ତବ୍ୟନିଷ୍ଠା ଓ ଉତ୍ତମ ବ୍ୟବହାର ବିଷୟରେ ବର୍ଣନା କରିଥିଲେ। ଅଧକ୍ଷ ଶ୍ରୀଯୁକ୍ତ ବେହେରା ତାଙ୍କୁ ମାନପତ୍ର, ଉପଢୌକନ ଏବଂ ଫୁଲତୋଡ଼। ଇତ୍ୟାଦି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଆ



ବିଭାଗର ପଜିଟି କୁମାରୀ ଇତିଶ୍ରୀ ମହଲା ମାନପତ୍ର ପାଠ କରିଥିବା ବେଳେ ବାଣିଜ୍ୟ ବିଭାଗର ପିଜିଟି ଶ୍ରୀମତୀ କସ୍ତୁରୀ ପଳତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାର ସଫଳତା ପାଇଁ ଅଧ୍ୟାପକ ଶ୍ରୀଯୁକ୍ତ ଅଜୟ କୁମାର ବାରିକ, ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉଳ, ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା, ଡିଇଓ ଭରତ ଚନ୍ଦ୍ର ମାହାନା, କର୍ମଚାରୀ ଅଣାକର ନାୟକ ଓ ଭରତ ଚନ୍ଦ୍ର ବାରିକ ସକ୍ରିୟ ସହଯୋଗ କରିଥିଲେ।

# କସମୋ ବଜାର ପକ୍ଷରୁ ଜଳଛତ୍ର ଶିବିର ଅନୁଷ୍ଠିତ





ବାସୁଦେବପୁର, ୦୧/୬ (ନି.ପ୍ର): ବାସୁଦେବପୁର ସହରରେ ଥିବା କସମୋ ବଜାର ପକ୍ଷରୁ ଜଳ ଛତ୍ର ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ କସମୋ ବଜାରର ମ୍ୟାନେଜର ପ୍ରଶାନ୍ତ କୁମାର ନାଥ, ଟିମ୍ ଲିଡର ଭବାନି ଶଙ୍କର ନାୟକ, ଏସ କେ ତା ହୁର ଏମ୍ ଡି, ସୂର୍ଯ୍ୟକାନ୍ତ ଡ଼ା ଙ୍ଗୁଆ, ଲିଜା ରାଣୀ ମଲ୍ଲିକ, ଶୁଭମ ଜେନା, ଯମୁନା ମଲ୍ଲିକ, ଗଙ୍ଗା ରାମ ଦଳାଇ, ଗୀତାଞ୍ଜଳି ମଲ୍ଲିକ, ସୁମତି ବାରିକ୍, ନନ୍ଦିନୀ ମଲ୍ଲିକ, ପ୍ରତିମା ବାରିକ୍, ଗୋପବନ୍ଧୁ ପରିଡ଼ା, ଦେବସ୍ମିତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜଳ ହିଁ ଜୀବନ। ତେଣୁ ପ୍ରଚଣ୍ଡ ରୌଦ୍ରତାପରେ ବାସୁଦେବପୁର ସହରରେ ଜନ ସାଧାରଣ ମାନଙ୍କୁ ଜଳ ଓ ଦହି ସର୍ବତ ଏହି ଅବସରରେ ବଣ୍ଟନ କରା ଯାଇଥିଲା। ଭୋକ ଓ ଶୋଷ ମେଣ୍ଟାଇବା ପାଇଁ ଏବଂ ଜନ ସାଧାରଣଙ୍କୁ ଏକତ୍ର କରି ସମାଜ ସେବା ଓ ଦୁଃଖୀ ଗରିବଙ୍କ ସେବା ମାଧ୍ୟମରେ ବାସୁଦେବପୁର କସମୋ ବଜାର ଏକ ନିଆରା ପ୍ରୟାସ ଚଳାଇଛନ୍ତି। ବାସୁଦେବପୁର କସମୋ ବଜାର କୁ ଯେଉଁ ଭାଇ ଭଉଣୀ ମାନେ ଲୁଗା ଓ ବିଭିନ୍ନ ଜିନିଷ କିଣିବାକୁ ଆସୁଛନ୍ତି ସମସ୍ତେ ଏହି ଜଳ ଛତ୍ର ଶିବିର କୁ ସର୍ବ ସାଧାରଣରେ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏହିପରି ସମାଜ ସେବା ମୂଳକ କାର୍ଯ୍ୟ ଅଧିକ କରାଯିବ ବୋଲି ମ୍ୟାନେଜର ପ୍ରଶାନ୍ତ କୁମାର ନାଥ ମତ ପ୍ରକାଶ କରିଥିଲେ।

# ଓଷ୍ଟିଓପୋରସିସ ରୋଗୀ ମମତାଙ୍କୁ ସରକାରୀ ସହାୟତା ଯୋଗାଇଦେଲେ ଦେଲେ ସାଂସଦ ପ୍ରତାପ



ନୀଳଗିରି, ୦୧/୬ (ନି.ପ୍ର): ନୀଳଗିରି ଏନଏସି ଅନ୍ତର୍ଗତ ୨ନମ୍ବର ୱାର୍ଡ ଘାଟଘର ସାହିର ବାସିନ୍ଦା ଶ୍ରୀମତୀ ମମତା ରାଉତ ଦୀର୍ଘଦିନଧରି ଓଷ୍ଟିଓପୋରୋଷିସ ବା ଦୃତଉଚ୍ଚତା ହ୍ରାସ ଭଳି ଏକ ଜଟିଳରୋଗରେ ପୀଡ଼ିତହୋଇ ଅତ୍ୟନ୍ତ କଷ୍ଟଦାୟକ ଜୀବନ ବିତାଉଛନ୍ତି। ଏହି ରୋଗର ପ୍ରଭାବରେ ତାଙ୍କର ଶାରୀରିକ ଉଚ୍ଚତା କ୍ରମଶଃ ହ୍ରାସପାଇଛି। ଏକ ସମୟରେ ପ୍ରାୟ ସାଢ଼େପାଞ୍ଚ ଫୁଟ୍ ଉଚ୍ଚତାଥିବା ମମତା ରାଉତ ବର୍ତ୍ତମାନ ପ୍ରାୟ ଦୁଇ ଫୁଟ୍ ଉଚ୍ଚତାରେ ପହଞ୍ଚିଯାଇଛନ୍ତି। କିଛିଦିନ ପୂର୍ବରୁ ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବାପରେ ମାନ୍ୟବର ସାଂସଦଙ୍କ ଦୃଷ୍ଟିଗୋଚର ହୋଇଥିଲା। ସାଂସଦ ତତକ୍ଷାଣାତ୍ ମେଡିକାଲ ଟିମ୍ ସହ ଯୋଗାଯୋଗ କରି ତାଙ୍କଘରେ ସ୍ୱାସ୍ଥ୍ୟପରୀକ୍ଷାର ବ୍ୟବସ୍ଥା କରାଇଥିଲେ। ପରୀକ୍ଷାପରେ ତାଙ୍କୁ ୮୦ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆଜି ମାନ୍ୟବର ସଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ତାଙ୍କ ଘରକୁଯାଇ ସରକାରଙ୍କ ତରଫରୁ ମାସିକ ୩୫୦୦ ଟଙ୍କା ଭିନ୍ନକ୍ଷମଭତ୍ତା ପ୍ରଦାନ କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଏନ୍ଏସି ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ବେହେରା, ସାଂସଦଙ୍କ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସାଂସଦ ପ୍ରତିନିଧି ମନୋରଞ୍ଜନ ବେହେରା, ବିଜେପି ନୀଳଗିରି ନଗର ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ରାକେଶ ପରିଛା, ଦୀପକ ଦାସ, ରମାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ଚିକିତ୍ସାପାଇଁ ମଧ୍ୟ ଯଥାସମ୍ଭବ ସମସ୍ତ ପ୍ରକାର ସହଯୋଗ କରିବାକୁ ସାଂସଦ ଏବଂ ସରକାର ପ୍ରତିଶୃତିବଦ୍ଧ ବୋଲି ମତପ୍ରକାଶ କରିଛନ୍ତି। ଏହି ଘଟଣା ଆମକୁ ସ୍ମରଣ କରାଏ ଯେ, ସମାଜରେ ଅନେକ ଅସହାୟ ଓ ବଞ୍ଚିତ ବ୍ୟକ୍ତିଙ୍କ ସମସ୍ୟା ଦୀର୍ଘସମୟ ଧରି ଅଣଦେଖା ହୋଇରହିଯାଏ। ଗଣମାଧ୍ୟମ ଓ ସ୍ଥାନୀୟ ସଚେତନ ନାଗରିକଙ୍କ ଉଦ୍ୟମରେ ଏପରି ଘଟଣା ସାମ୍ନାକୁ ଆସିବାପରେ ପ୍ରଶାସନ ଓ ସମାଜର ସମସ୍ତଙ୍କୁ ତତ୍ପରତାର ସହିତ ସହଯୋଗର ହାତବଢ଼ାଇବା ଆବଶ୍ୟକ ବୋଲି ସାଂସଦ ମତପ୍ରକାଶ କରିଛନ୍ତି। ମମତା ରାଉତ ଦୀର୍ଘବର୍ଷ ଧରି ଭତ୍ତା ପାଇବାରୁ ବଞ୍ଚିତଥିଲେ। ଆଜି ତାଙ୍କୁ ଭିନ୍ନକ୍ଷମ ଭତ୍ତାପ୍ରଦାନ କରାଯାଇଅଛି। ଏହି ମହତ୍ କାର୍ଯ୍ୟରେ ସହଯୋଗ କରିଥିବା ପ୍ରଶାସନିକ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ କାର୍ଯ୍ୟକର୍ତ୍ତା ଏବଂ ଘଟଣାକୁ ଲୋକଲୋଚନକୁ ଆଣିଥିବା ଗଣମାଧ୍ୟମର ସମସ୍ତ ପ୍ରତିନିଧିଙ୍କୁ ସାଂସଦ ଶ୍ରୀ ଷଡ଼ଙ୍ଗୀ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି।



ଭୁବନେଶ୍ୱରରେ ଭାରତ ସରକାରଙ୍କ ମାନ୍ୟବର କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଶ୍ରୀ ଜି. କିଶନ ରେଡ୍ଡୀଙ୍କୁ ପାରାଦୀପ ବନ୍ଦର ପ୍ରାଧିକରଣର ଅଧକ୍ଷ ଶ୍ରୀ ପି. ଏଲ୍. ହରନାଦ ସୌଜନ୍ୟ ମୂଳକ ସାକ୍ଷାତ କରିବା ଅବସରରେ।

# ବିଏମ୍‌ସି ମୁଖ୍ୟାଳୟରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଭୁବନେଶ୍ୱର, ୦୧/୬ (ନି.ପ୍ର): ବିଏମ୍ ସି ମୁଖ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଏମ୍ ସି, ବିଡିଏ, ଓ ବିଏସସିଏଲ୍ ସଂପର୍କିତ ବିଭିନ୍ନ ଅଭିଯୋଗ ସଂପର୍କରେ ଅଭିଯୋଗକାରୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇଛନ୍ତି ବିଏମ୍ ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଏବଂ ସ୍ମାର୍ଟ ସିଟିର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଚଂଚଳ ରାଣା। ତିନୋଟି ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଜନ ଶୁଣାଣି ହୋଇଥିଲା।

# ୫୦ତମ ସଡ଼କ ସୁରକ୍ଷା କମିଟି ବୈଠକ: ଆଲୋକୀକରଣ, ବେଆଇନ ପାର୍କିଂ ଓ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ



ଭଦ୍ରକ, ୦୧/୬ (ନି.ପ୍ର): ଜିଲାପାଳଙ୍କ କାର୍ଯ୍ୟାଳୟ ର ସଦଭାବନା ସଭାଗୃହରେ ୫୦ତମ ସଡ଼କ ସୁରକ୍ଷା କମିଟି ବୈଠକ ଆଜି ସୋମବାର ଜିଲ୍ଲାପାଳ ଙ୍କ ସଦଭାବନା ଗୃହ ରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧକ୍ଷତାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ, ଜିଲ୍ଲା ଆଞ୍ଚଳିକ ପରିବହନ ଅଧୁକାର ଶୁଭେନ୍ଦୁ ଗଞ୍ଜନ ରାୟ, ସହ ପରିବହନ ଅଧୁକାରା ଶ୍ରୀକାନ୍ତ ଦାସ, ପୂର୍ତ୍ତ ବିଭାଗ ଅଧିକ୍ଷିଣ ଯନ୍ତ୍ରୀ ଦେବି ପ୍ରସନ ଘୋଷ, ସଭ୍ୟ ରୋ ଅତିସ ବେହେରା, ଶ୍ରୀନିବାସ ପତି, , ଜିଲ୍ଲା ଶିକ୍ଷାଧନାରୀ ଜଗବନ୍ଧୁ ସାହୁ, ଜିଲ୍ଲା ମୁଖ୍ୟ ଚିକିସାକାରୀ ପ୍ରମୋଦ ପ୍ରହରାଜ, ବିଭାଗୀୟ ଅଧୀକାରୀ ସେକ ରହିମ, ବରିଷ୍ଠ ସହାୟକ ବିଶ୍ୱଜିତ ଲେଙ୍କା, ୱାସୀମ ଖାଁ, ପ୍ରିୟଙ୍କା ପ୍ରିୟଦର୍ଶନୀ ପ୍ରଧାନ, ଅନୁପ ନାୟକ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ନେଇ ମତ ରଖୁଥିଲେ। ରାସ୍ତା ଓ ଗ୍ରାମ୍ୟ ଉର୍ନୟନ ବିଭାଗ ର ଅଧିକ୍ଷଣ ଯନ୍ତ୍ରୀ ଗଣେଶ ହେମ୍ବ୍ରମ ପ୍ରମୁଖ ଯୋଗଦେଇଥିଲେ। ବୈଠକ ଗତ ବର୍ଷ ୨୦୨୫ ମସିହାରେ ୧୩୭ଗୋଟି ଦୁର୍ଘଟଣା ରେ ୭୩ ଜଣ ଙ୍କର ମୃତ୍ୟୁ ହୋଇଥିବା ବେଳେ ତୁଳନା ରେ ଚଳିତ ବର୍ଷ ୨୦୨୬ ରେ ୧୧୧ ଗୋଟି ଦୁର୍ଘଟଣାରେ ୫୪ ଜଣଙ୍କ ମୃତ୍ୟୁ ହୋଇଛି ଯାହାକି ହାର କମିଛି। କାରଣ ଓ ଏହାର ନିରାକରଣ ଦିଗରେ ପଦକ୍ଷେପ ନିଆଯାଇପାରିବ, ସେନେଇ ତାର ଆଲୋଚନା ହୋଇଥିଲା। ଜାତୀୟ ରାଜପଥ ରେ ଭାରୀଯାନ ଚଳା ଚଳ ରାସ୍ତାର ଦୁରାବସ୍ଥା ଓ ଦୁର୍ଘଟଣାର ଅନ୍ୟତମ କାରଣ ଅଟେ। ଏହି କ୍ରମରେ ୧୬ ନଂ ଜାତୀୟ ରାଜପଥର ଭଦ୍ରକ ବିଷ୍ଣୁପୁର, ଭଣ୍ଡାରିପୋଖରୀ ରାସ୍ତାର ଜବର ଦଖଲ ଉଚ୍ଛେଦର କାରଣ ସମ୍ପର୍କ ରେ ଜିଲ୍ଲାପାଳ ତୁରନ୍ତ ତଦନ୍ତ କରିବାକୁ ତହସିଲଦାର ଙ୍କ ସହିତ ଆଞ୍ଚଳିକ ପରିବହନ ଅଧୁକାରୀ ଓ ଜାତୀୟ ରାଜପଥ ବିଭାଗ କୁ ଦାୟିତ୍ୱ ଦେଇଥିଲେ। ଏଥିସହିତ ଆରଟିଓ ଅଫିସ କୁ ରାସ୍ତା ନିର୍ମାଣ, ଡାହାଣିଗଡ଼ିଆରୁ ନୂଆ ବସଷ୍ଟାଣ୍ଡ, ଜିଲ୍ଲାର ଜାତୀୟ ରାଜପଥରେ ଆଲୋକୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଆସନ୍ତା ୭ ଦିନ ଭିତରେ ଜାତୀୟ ରାଜପଥ ରେ ଆଲୋକୀକରଣ କରାଯିବା କୁ ପ୍ରତିଶୃତି ଦେଇଥିଲେ ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ। ପି ଏମ ରାହତ ଯୋଜନା ରେ ଦୁର୍ଘଟଣା ବ୍ୟକ୍ତଙ୍କୁ ୧.୫ ଲକ୍ଷ ସାତ ଦିନ ଭିତରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଥିବା ଓ ୱାଟ୍ସଅପ ଜରିଆରେ ଆମ ରାସ୍ତା ଯୋଜନା ର ସମସ୍ତ ତଥ୍ୟ ଆସିବ ଓ ଗତବର୍ଷ ତୁଳନା ରେ ଚ଼ଳିତ ବର୍ଷ ଦୁର୍ଘଟଣା ହ୍ରାସ ପାଇଛି ବୋଲି ପରିବହନ ଅଧୁକାରୀ ଶ୍ରୀ ରାୟ ପ୍ରକାଶ କରିଥିଲେ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ





ବାଲେଶ୍ୱର, ୦୧/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୬୭ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୩୦ ଗୋଟି ବ୍ୟକ୍ତିଗତ ଏବଂ ୧୮ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧୯ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୨୭ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଳବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରା, ସଦର ବିଡିଓ ଶ୍ରୀଯୁକ୍ତ ଉତ୍ତମ କୁମାର ଜେନା, ସଦର ତହସିଲଦାର ଶ୍ରୀଯୁକ୍ତ ଅନିଲ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶ୍ରୀଯୁକ୍ତ ଶିରୀୟାଲ ଶୁଭ୍ର ପଟେଲଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

# ସଚେତନ ନାଗରିକ ମହାମଂଚର ପ୍ରଥମ କାର୍ଯ୍ୟକାରିଣି ବୈଠକ





ଉଦଳା, ୦୧/୬ (ନି.ପ୍ର): ଉଦଳା ସହରରେ ନୂଆକରି ଗଢ଼ି ଉଠିଥିବା ସଚେତନ ନାଗରିକ ମହାମଂଚର ପ୍ରଥମ କାର୍ଯ୍ୟକାରିଣି ବୈଠକ ଗତ ମଇ ୩୧ ତାରିଖ ରବିବାର ଦିନ ସ୍ଥାନୀୟ ତୁଳସି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ମଂଚର ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏହିଭଳି ଏକ ମହାମଂଚର ଗଠନର ଉଦେଶ୍ୟ ଓ ଆଗାମି ଦିନରେ ହାତକୁ ନିଆଯିବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ। ମଂଚର ସାଧାରଣ ସଂପାଦକ ଅବସରପ୍ରାପ୍ତ ଶିକ୍ଷକ ଆରତ କୁମାର ପରିଡ଼ା, ଆମ ଅଂଚଳର ସାମଗ୍ରିକ ବିକାଶ ପାଇଁ ଆମକୁ କିପ୍ରକାର ଭୂମିକା ଲିଭାଇବାକୁ ପଡ଼ିବ ସେ ସମ୍ପର୍କରେ ସମସ୍ତେ ନିଜ ନିଜର ଖୋଲାମତ ରଖିବାକୁ ଆହ୍ୱାନ ଦେଇଥିଲେ। ମେଣ୍ଟାଖାଇ ଉନ୍ନୟନ ପରିଷଦର ସଂପାଦକ ଅଶୋକ ମହାନ୍ତି, ଉଦଳାର ପୁର୍ବତନ ନଗରପାଳ ମନୋଜ କୁମାର ମହାନ୍ତି, ବର୍ତମାନର ଉପନଗରପାଳ ଲିଲି ଭୋଳ, କଂଗ୍ରେସର ମୟୂରଭଂଜ (ପୁର୍ବ) ଜିଲ୍ଲା ସଭାପତି ପୁର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଉଦଳା ରୋଟାରି କ୍ଲବର ପୁର୍ବତନ ସଭାପତି ପ୍ରହ୍ଲାଦ ଦାସ, ସାମ୍ବାଦିକ ଦିନବନ୍ଧୁ ବାରିକ ଓ ଆଇନଜୀବି ରଜତ ମହାପାତ୍ର ପ୍ରମୁଖ ମଂଚାସିନ ଅତିଥି ଭାବରେ ଯୋଗ ଦେଇ ଦିର୍ଘବର୍ଷ ତଳୁ ଉଦଳାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହୋଇ ଆସୁଅଛି। କିନ୍ତୁ ଏପର୍ଯ୍ୟନ୍ତ ଏହା ପୁରଣ ହୋଇପାରି ନାହିଁ। ଆବଶ୍ୟକତା ଦୃଷ୍ଟିରୁ ଉଦଳାକୁ ରେଳପଥର ସଂଯୋଗ, ଉଦଳା ମହାବିଦ୍ୟାଳୟକୁ ସ୍ୱୟଂଶାସିତ ଓ ଉଦଳା ଏନ୍.ଏ.ସି.କୁ ମ୍ୟୁନସିପାଲିଟି ଘୋଷଣା ବର୍ତମାନ ଜରୁରୀ ହୋଇପଡ଼ିଛି ବୋଲି ବ୍ୟକ୍ତ କରିଥିଲେ। ସେହିପରି ରାସ୍ତା ପ୍ରଶସ୍ତିକରଣ ପାଇଁ ଜିବିକା ହରାଇଥିବା ଦୋକାନି ମାନଙ୍କର ଥଇଥାନ ତୁରନ୍ତ ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପରେଶ ଚନ୍ଦ୍ର ସାହୁ, ରତିକାନ୍ତ ବେହେରା, କାଶିନାଥ ଦାସ, ସୁଦର୍ଶନ ନାୟକ, ଅଜିତ ବେହେରା, ପଦୁ ଦାସ, ଦୁଃଖିଶ୍ୟାମ ମୁର୍ମୁ, ଆପଦ ରାଉତ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ସାମ୍ବାଦିକ ଜଗବନ୍ଧୁ ପ୍ରଧାନ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ମଂଚର ଉପସଭାପତି ସତ୍ୟେନ୍ଦୁ ଜେନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କୃଷ୍ଣ ଚୈତନ୍ୟ ସଦୁଆଳ ସହଯୋଗ କରିଥିଲେ।

# ପ୍ରଧାନଶିକ୍ଷକ ବିଦ୍ୟାଧର ସେନାପତିଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଏବଂ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ

ଭଦ୍ରକ, ୦୧/୬ (ନି.ପ୍ର): ସାବରଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ସେନାପତି ନିଜ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଏବଂ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ହୋଇଥିବା ବେଳେ ଦ୍ୱିତୀୟ ଅଧିବେଶନରେ ଓଡ଼ିଶାର ୫ ଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। 'ଉତ୍କଳ ସ୍ୱାଭିମାନ ମଞ୍ଚ, ପୁରୀ'ର ସହାୟତାରେ ଆଜି କରାଯାଇଛି। ଶିକ୍ଷାବିତ ବାଦଲ ମହାପାତ୍ର ଙ୍କ ସଭାପତିତ୍ୱରେ ଓ ପ୍ରଧାନଶିକ୍ଷକ ନିଳାଦ୍ରୀ ଭୂଷଣ ତ୍ରିପାଠୀଙ୍କ ସଂଯୋଜନା ରେ ପ୍ରଧାନ ଶିକ୍ଷକ ବିଦ୍ୟାଧର ସେନାପତିଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଓ ଉତ୍କଳ ର ପାଞ୍ଚ ଜଣ ବରପୁତ୍ର କୃଷଚନ୍ଦ୍ର ଗଜପତି, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ନେତାଜୀ ସୁବାଷ ବୋଷ ଙ୍କର ପ୍ରତିମୂର୍ତ୍ତି ଉତ୍କଳ ସାଭିମାନ ମଞ୍ଚ, ପୁରୀ ସହାୟତାରେ ଉନ୍ମୋଚନ ହୋଇଯାଇଛି, ଉତ୍କଳ ସ୍ୱାଭିମାନ ମଞ୍ଚ ମଞ୍ଚର ସଭାପତି ରାଧାକାନ୍ତ ଦାଶଙ୍କ ଦ୍ୱିତୀୟ ଅଧିବେଶନ ର ସଂଯୋଜନା ରେ ମୁଖ୍ୟ ଅତିଥି ଭାବେ ତହସିଲଦାର, ସତ୍ୟବାଦୀ, ପୁରୀର ସନ୍ତୋଷ କୁମାର ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧୁକାରୀ ଚକ୍ରଧର ମଲ୍ଲିକ, ସମ୍ମାନୀତ ଅତିଥି ଭାବେ ସରାଜବାର୍ତ୍ତା ର ମୁଖ୍ୟ ସମ୍ପାଦକ ରବିନାରାୟଣ ଖୁଲାର, ପ୍ରାକ୍ତନ ସରପଞ୍ଚ ଗୋଲକ ମହାପାତ୍ର, ଉତ୍କଳ ସ୍ୱାଭିମାନ ମଞ୍ଚ କାର୍ଯ୍ୟକାରୀ ସଦସ୍ୟ ବଂଶୀବଲ୍ଲଭ ସ୍ୱାଇଁ, କୈଳାଶ ମିଶ୍ର, ଶିକ୍ଷାବିତ ଅରୁଣ ମହାପାତ୍ର, ଶିକ୍ଷୟତ୍ରୀ ସୁକାନ୍ତି ମାଝୀ, ପ୍ରାକ୍ତନ ସରପଞ୍ଚ ରଂଜିତା ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ସେନାପତି, ସହିଦ୍ ତୀର୍ଥଯାତ୍ରା ବାସୁଦେବପୁରର ସଭାପତି ବୈଲୋଚନ ଜେନା ଓ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ରାଜସ୍ୱ ଅଧିକାରୀ ନିରଞ୍ଜନ ଜେନା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷସଭାରେ ସମସ୍ତ ଶିକ୍ଷକ ବିଦ୍ୟାଧର ବାବୁଙ୍କ ଭଲ କାମର ପ୍ରଶଂସା କରିଥିଲେ ଏବଂ ତାଙ୍କର ଆଗାମୀ ସୁଖୀ ଜୀବନ ପାଇଁ ଶୁଭକାମନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ରେ ସ୍କୁଲର ସବୁ ଶିକ୍ଷକ-ଶିକ୍ଷୟିତ୍ରୀ, କମିଟି ସଭ୍ୟ, ପୁରୁଣା ଓ ଏବେ ପଢୁଥିବା ଛାତ୍ରଛାତ୍ରୀ ଏବଂ ଗାଁ ଲୋକମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର +୨ କଳା ଓ ବିଜ୍ଞାନ ପରୀକ୍ଷା ଫଳ

ଉଦଳା, ୦୧/୬ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଚଳିତ ବର୍ଷ +୨ କଳା ଓ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ବିଜ୍ଞାନରେ ମୋଟ ୭୦ଜଣ ପରୀକ୍ଷା ଦେଇଥିବା ବେଳେ ୬୬ଜଣ ପାସ କରିଛନ୍ତି। ସେଥି ମଧ୍ୟରୁ ୫୨ ଜଣ ପ୍ରଥମ ଶ୍ରେଣୀ ଓ ୧୩ ଜଣ ଦ୍ୱିତୀୟ ଶ୍ରେଣୀ ପାଇଛନ୍ତି। ସୀମା ବେହେରା ଓ ମମତା ସିଂ ଉଭୟେ ମୋଟ ୫୩୦ (୮୮ ପ୍ରତିଶତ) ନମ୍ବର ରଖି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିପରି କଳାରେ ମୋଟ ୨୫୧ ଜଣ ପରୀକ୍ଷା ଦେଇଥିବା ବେଳେ ୨୪୪ ଜଣ ପାସ କରିଛନ୍ତି। ସେଥିରୁ ୧୧୪ ଜଣ ପ୍ରଥମ ଶ୍ରେଣୀ, ୮୫ଜଣ ଦ୍ୱିତୀୟ ଶ୍ରେଣୀ ଓ ୪୫ ଜଣ ତୃତୀୟ ଶ୍ରେଣୀ ପାଇଛନ୍ତି। ରାଣି ମୁର୍ମୁ ସର୍ବାଧିକ ୫୩୬ (୮୯ ପ୍ରତିଶତ) ନମ୍ବର ରଖି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida